


ବିଶ୍ୱ ପାରା ଦୌଡ଼କୁଦ ମାସ୍କଟ୍ ଉନ୍ମୋଚିତ
ପୃଷ୍ଠା ୬



# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17






Vol. 33 | ISSUE 91 | ଭାଗ ୩୩ | ସଂଖ୍ୟା ୯୧ Bhubaneswar | Sunday 22 June 2025 | Page 8 Rs. 4.00 ● ଭୁବନେଶ୍ୱର ରବିବାର ୨୨ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## କେନ୍ଦୁପତ୍ରଜୀବୀଙ୍କ ପାଇଁ ୧୦୦ କୋଟି

**ଧନ୍ୟବାଦ ଜଣାଇଲେ ସଂଘ ସଦସ୍ୟ**

**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜନାଲ ଷ୍ଟାଫଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଛନ୍ତି। ଶ୍ରୀ ମାଝୀ ଆଜି ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରିଥିବା ବେଳେ ଏପରି ଏକ ପଦକ୍ଷେପ



ନେଇ ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ବିଭିନ୍ନ ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ଓଡ଼ିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସଂଘର ସଦସ୍ୟଙ୍କ ସହ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟର ୨୨ଟି ଜିଲ୍ଲାରେ ୧୯ଟି ଡିଭିଜନ ଅଧୀନରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ପାଲଟିଛି କେନ୍ଦୁପତ୍ର। ନିକଟରେ ମୁଖ୍ୟମନ୍ତ୍ରୀ ଦେବଗଡ଼ ଜିଲ୍ଲା ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜନାଲ ଷ୍ଟାଫଙ୍କ ପାଇଁ ୪୧ କୋଟି ➪ପୃଷ୍ଠା-୬

### ଡାଇରିଆ ପରିସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସ୍ଥିତି ନିୟନ୍ତ୍ରଣାଧୀନ, ତଥାପି ସତର୍କ ରୁହନ୍ତୁ


- ପ୍ରଭାବିତ ଅଞ୍ଚଳରେ ସଂକ୍ରମଣ କମୁଛି
- ବିଶୋଧନ, ସଚେତନତା ଓ ଚିକିତ୍ସା ଉପରେ ଧ୍ୟାନ ଦେବାକୁ ପରାମର୍ଶ
- ଦଶହରା ପର୍ଯ୍ୟନ୍ତ ପ୍ରତିରୋଧକ ବ୍ୟବସ୍ଥା ସହ ପ୍ରସ୍ତୁତ ରୁହ



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ରାଜ୍ୟର ୬ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତି ଓ ଏହାର ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ରାଜ୍ୟରେ ଏବେ ପରିସ୍ଥିତି ନିୟନ୍ତ୍ରଣାଧୀନ ଓ ନୂତନ ସଂକ୍ରମିତଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇଥିବା ବୈଠକରୁ ଜଣାପଡ଼ିଛି। ପ୍ରଭାବିତ ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ଡାଇରିଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ସହ ଜନଜୀବନ ସ୍ୱାଭାବିକ ସ୍ଥିତିକୁ ଫେରୁଛି। ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଡାଇରିଆ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି ଓ ସଂକ୍ରମଣ ଦ୍ରୁତ ହ୍ରାସ ପାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପରିସ୍ଥିତି ଯେପରି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିବ, ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ମେଡ଼ିକାଲ କଲେଜ ଯାଏଁ ଚିକିତ୍ସା ସେବାକୁ ସମନ୍ୱିତ ଭାବେ କାର୍ଯ୍ୟକ୍ଷମ ରଖିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଠି ରୋଗ ଆଶଙ୍କା ରହିଛି କିନ୍ତୁ ସେଠାରେ କୌଣସି ସଂକ୍ରମିତ ଠାବ ହୋଇନାହାନ୍ତି, ସେସବୁ ସ୍ଥାନରେ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଆଗାମୀ ଦଶହରା ପର୍ଯ୍ୟନ୍ତ ସମସ୍ତ ପ୍ରଭାବିତ ଓ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳର ବିଶୋଧନ ପ୍ରକ୍ରିୟା ଚାଲୁ ରହିଛି। କୌଣସି ସ୍କୁଲରେ ପିଲା ଯେପରି ରୋଗରେ ନପଡ଼ନ୍ତି, ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନକୁ ନିୟମାବଳୀ କଡ଼ାକଡ଼ି ଭାବେ ପାଳନ କରି ପ୍ରତିରୋଧକ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଯେଉଁ ସ୍ଥାନରେ ଷ୍ଟ୍ରିଟ ଫୁଡ ବିକ୍ରି ହେଉଛି, ସେଠାରେ ଖାଦ୍ୟ ପଦାର୍ଥର କଡାକଡି ଯାଞ୍ଚ ଆବଶ୍ୟକ ଓ ଉକ୍ତ ଅଞ୍ଚଳଗୁଡିକୁ ବିଶୋଧନ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବା ଦରକାର। ସମସ୍ତ ଗାଁଗହଳି ଅଞ୍ଚଳରେ ନଳକୂପଗୁଡ଼ିକୁ ବିଶୋଧିତ କରିବା ଓ ସେଠାକାର ପାନୀୟ ଜଳର ପରୀକ୍ଷା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଅଦ୍ୟାବଧି ରାଜ୍ୟର ସମସ୍ତ ପ୍ରଭାବିତ ଜିଲ୍ଲାମାନଙ୍କରେ ସମୁଦାୟ ୩୮୯୨ ଜଣ ସଂକ୍ରମିତ ହୋଇଥିବା ବେଳେ ୩୫୪୩ ଜଣ ସୁସ୍ଥ ହୋଇସାରିଛନ୍ତି ଓ ୨୫୪ ଜଣ ଚିକିତ୍ସାଧୀନ ଅଛନ୍ତି। ରାଜ୍ୟ ସାରା ସୂଚନା-ଶିକ୍ଷା-ସଂଚାର (ଆଇଇସି) ମାଧ୍ୟମରେ ଜନସଚେତନତାକୁ ଜୋରଦାର କରାଯାଇଛି। ମିଶନ ଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ଏସଏଚଜି ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ ଜାରି ରହିଛି । ଆଶା ଦିଦି, ଅଙ୍ଗନବାଡି କର୍ମୀ, ➪ପୃଷ୍ଠା-୬

# ମୋହନଙ୍କ ଟିମ୍ ବିରୋଧରେ ବଡ଼ ଷଡ଼ଯନ୍ତ୍ର



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ମଧ୍ୟରେ ରାଜ୍ୟରେ ଉତ୍ସାହ ଦେଖାଯାଉଛି। ପ୍ରଧାନମନ୍ତ୍ରୀ ମଧ୍ୟ ସରକାରର ଉପଲବ୍ଧିକୁ ପ୍ରଶଂସା କରିଛନ୍ତି। ତଥାପି କିଛି

- **ପ୍ରମାଣହୀନ ଅଭିଯୋଗ ଆଣିଛନ୍ତି ରୁବେନ୍**
- **ଲୁକ୍କାୟିତ ଏଜେଣ୍ଡା ଥିବା ସନ୍ଦେହ**

ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମୋହନ ସରକାରକୁ ବଦନାମ କରିବା ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ଉଠିଛି। ମୋହନଙ୍କ ସ୍ୱଚ୍ଛତା ଓ ପ୍ରତିବଦ୍ଧତା ବିରୋଧରେ ସମାଲୋଚକମାନେ କୌଣସି ଦୃଢ଼ ଅଭିଯୋଗ ଆଣିପାରିନଥିବାରୁ ଏବେ ତାଙ୍କ ଦଳକୁ ଟାର୍ଗେଟ କରାଯାଉଥିବା କୁହାଯାଉଛି। ଏହି ଅଭିଯୋଗ ଅନୁଯାୟୀ, ବରିଷ୍ଠ ସାମ୍ବାଦିକ ରୁବେନ ବାନାର୍ଜୀ ଏକ ଗୋଷ୍ଠୀର ନେତୃତ୍ୱ ନେଇ ମୋହନଙ୍କ ଟିମକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ରୁବେନ, ଯିଏ ପୂର୍ବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଶଂସକ ଥିଲେ, ପରେ ୨୦୧୯ ପରେ ତାଙ୍କ ବିରୋଧୀ ହୋଇଥିଲେ। ସରକାର ପରିବର୍ତ୍ତନ ସମୟରେ ସେ ନବୀନ ଓ ଭିକେ ପାଣ୍ଡିଆନଙ୍କୁ ତୀବ୍ର ସମାଲୋଚନା କରିଥିଲେ। କିନ୍ତୁ ଏବେ ସେ ତାଙ୍କର ସ୍ୱର ବଦଳାଇଛନ୍ତି ଓ ବିଜେପି ➪ପୃଷ୍ଠା-୬

## ୨୫ରେ ଷଷ୍ଠ ଓଡ଼ିଶା ପର୍ଯ୍ୟଟନ କନକ୍ଲେଭ୍




**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଷଷ୍ଠ ଓଡ଼ିଶା ପର୍ଯ୍ୟଟନ କନକ୍ଲେଭ-୨୦୨୫। ଚଳିତ ଥରର ମୁଖ୍ୟ ବିଷୟବସ୍ତୁ ରହିବ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବହୁ ବିଶିଷ୍ଟ ବକ୍ତା ଓ ସଂଗଠନ ଯୋଡ଼ି ହେବେ ବୋଲି ଜଣାପଡ଼ିଛି। ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ, ଭିତ୍ତିଭୂମିର ଉନ୍ନତି, ଲୋକପ୍ରିୟ ପର୍ଯ୍ୟଟନସ୍ଥଳରେ ହୋଟେଲ ନିର୍ମାଣ ପାଇଁ ସରକାର ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ ଜମି ଯୋଗାଇଦେବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଉପରେ ଆଲୋଚନା ➪ପୃଷ୍ଠା-୬

### ସମ୍ବଲପୁରରେ ଯୋଗ ଦିବସ ପାଳିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଯୋଗ ସ୍ୱାସ୍ଥ୍ୟ ଓ ସମୃଦ୍ଧି ପାଇଁ ସିଦ୍ଧ ଉପଚାର



**ସମ୍ବଲପୁର,୨୧।୬(ସଂଚାର ବ୍ୟୁରୋ):** ଅନାଦି ଅନନ୍ତ କାଳରୁ ଭାରତରେ ଜନ୍ମ ନେଇଥିବା ଯୋଗ ଅଭ୍ୟାସ ବିଶ୍ୱରେ ଏକ ଜନଆନ୍ଦୋଳନରେ ପରିଣତ ହେଉଛି। ଯୋଗ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ ହୋଇଥିବା ବେଳେ ସ୍ୱାସ୍ଥ୍ୟ ଓ ସମୃଦ୍ଧି ପାଇଁ ଏହା ଏକ ସିଦ୍ଧ ଉପଚାର ବୋଲି ମତ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ କେନ୍ଦ୍ର ମନ୍ତ୍ରୀ ସମ୍ବଲପୁରରେ ପାଳନ କରିବା ଅବସରରେ ଉପରୋକ୍ତ ମତ ଦେଇଛନ୍ତି। ଶ୍ରୀ ପ୍ରଧାନ ସମ୍ବଲପୁରର ମା' ସମଲେଶ୍ୱରୀଙ୍କ

- ସୁସ୍ଥ ଜୀବନଶୈଳୀ ପାଇଁ ଯୋଗ ଆପଣାଇବାକୁ ପରାମର୍ଶ
- 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ଆଲୋକପାତ
- ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର

ପୀଠ ଓ ମହାନଦୀର ଉପକୂଳ ଅଞ୍ଚଳରେ ସମ୍ବଲପୁରର ଜନସାଧାରଣଙ୍କ ସହ ଯୋଗ କରିବା ସହ ରାଜ୍ୟବାସୀଙ୍କୁ ଏହି ଦିବସ ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିଶେଷକରି ସ୍କୁଲରୁ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନ, ସରକାରୀ ସଂସ୍ଥା ଓ ଅନ୍ୟାନ୍ୟ ସଂଗଠନର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ସହ ସମବେତ ହେବା ସହ ଯୋଗାଭ୍ୟାସ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଘୋଷିତ ଯୋଗ ଦିବସ-୨୦୨୫ ବିଷୟବସ୍ତୁ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିବା ସହ ଏଥିସକାଶେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ସେ କହିଥିଲେ ଯେ ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ➪ପୃଷ୍ଠା-୬

# ଢେଙ୍କାନାଳ ପ୍ରକଳ୍ପରୁ ଓହରିଲା ୱାରି ଏନର୍ଜିଜ୍!


**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ତ୍ୱରାନ୍ୱିତ ହୋଇଥିବା ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ଲାଗିଛି ଶକ୍ତ ଧକ୍କା। ଢେଙ୍କାନାଳରେ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଥିବା ୱାରି ଏନର୍ଜିଜ୍ ଓଡ଼ିଶା ପ୍ରକଳ୍ପରୁ ଓହରିଯାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ହେଉଥିବା ଦର୍ଶାଇ କମ୍ପାନୀ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ବିଜେପି

- ବର୍ଷ ପୂର୍ତ୍ତିରେ ରାଜ୍ୟ ସରକାରଙ୍କୁ ଶିଳ୍ପାୟନ ଝଟ୍‌କା
- କାର୍ଯ୍ୟକାରିତାରେ ବିଳମ୍ବ ଦର୍ଶାଇ ଗୁଜରାଟମୁହାଁ
- ଚର୍ଚ୍ଚାକୁ ଖଣ୍ଡନ କଲେ କମ୍ପାନୀ ସିଇଓ

ସରକାର ରାଜ୍ୟରେ ପ୍ରଥମ ବର୍ଷ ପୂର୍ତ୍ତି କରିଥିବା ସମୟରେ ୱାରି ଏନର୍ଜିଜ୍ ପ୍ରସ୍ତାବିତ ପ୍ରକଳ୍ପରୁ ଓହରିଯିବା ରାଜ୍ୟ ପାଇଁ ଶୁଭ ସଙ୍କେତ ନୁହେଁ ବୋଲି କୁହାଯାଉଛି। ➪ପୃଷ୍ଠା-୬



# ନବୀନଙ୍କ ମୁମ୍ବାଇ ଗସ୍ତ ସବୁଠି ଚର୍ଚ୍ଚା



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ନବୀନ ପଟ୍ଟନାୟକ ସର୍ଭିକାଲ ଆଥରାଇଟିସ ଚିକିତ୍ସା ପାଇଁ ମୁମ୍ବାଇ ଯିବାକୁ ସବୁଠି ଚର୍ଚ୍ଚା। ସଚିବାଳୟଠୁ ଆରମ୍ଭ କରି ରିକ୍ସାବାଲାଙ୍କ ପର୍ଯ୍ୟନ୍ତ ସମସ୍ତେ ସେଇ ଗୋଟିଏ ଅସମାହିତ ପ୍ରଶ୍ନକୁ ନେଇ ତର୍ଜମା କରୁଛନ୍ତି, ନବୀନ କାହାକୁ ସାଙ୍ଗରେ ନେଇ ଫେରିବେ । କାହାର ସ୍ୱାସ୍ଥ୍ୟକୁ ନେଇ ଚର୍ଚ୍ଚା କରାଯିବା ସମୀଚୀନ ନୁହେଁ । କିନ୍ତୁ ନବୀନ ପଟ୍ଟନାୟକ ନିଜ ଚିକିତ୍ସା ପାଇଁ ମୁମ୍ବାଇ ଯିବାକୁ ନେଇ ଏତେ ରାଜନୀତିକରଣ କରିଛନ୍ତି ଯେ ଆମେ ସେନେଇ ଆଲୋଚନା କରିବାକୁ ଏକରକମ ବାଧ୍ୟ ହେଉଛୁ। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନିଜ ଚିକିତ୍ସା ପାଇଁ ଦିଲ୍ଲୀ ଯିବା ସମୟରେ କାହାକୁ ଜାଣନ୍ତି ନାହିଁ। କିନ୍ତୁ ମିଡିଆରେ ମିଛ ସତ ନେଇ ଚର୍ଚ୍ଚା ହୁଏ।

ଏଥର କିନ୍ତୁ ନବୀନ ନିଜ ଗସ୍ତକୁ ନେଇ ନିଜେ ସୋସିଆଲ ମିଡିଆରେ ସମଗ୍ର ଦେଶକୁ ଜଣାଇଲେ। ଏପରିକି ଦଳ ପକ୍ଷରୁ ମଧ୍ୟ ତାଙ୍କ ଗସ୍ତକୁ ନେଇ ଏତେ ହାଇପ ସୃଷ୍ଟି କରାଯାଇଛି ଯେ ଏପରି ଚର୍ଚ୍ଚା କରିବାକୁ ଆମେ ବାଧ୍ୟ ହେଉଛୁ। ନବୀନ ନିଜର ସବୁ କାର୍ଡକୁ ନିଜ ହୃଦୟ ସହ ଚାପି ରଖନ୍ତି। କିନ୍ତୁ ସେ ଏବେ ନିଜ ଗସ୍ତର କାହିଁକି ଖୁଲାସା କଲେ। ଏପରିକି ପ୍ରଥମ ଥର ପାଇଁ ସେ ନିଜ ଅନୁପସ୍ଥିତିରେ ଅନ୍ୟକୁ ଦାୟିତ୍ୱ ଦେବା ମଧ୍ୟ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟଜନକ ଘଟଣା। କେବଳ ସେତିକି ନୁହେଁ, ନବୀନ ନିଜ ➪ପୃଷ୍ଠା-୬



**କାନ ଡେରିଥା**

ଯୋଗ ପାଇଁ ଏବେ ସମୟ
ଅଭାବ
ତେଣୁ ମାଡି ବସେ ରୋଗ
ଯୋଗ ଦିବସରେ ଯୋଗ
କରିଦେଇ
ଦେଖେଇଲ ଖାଲି ଭାବ
ସମୟ ପୁରା ଅଭାବ...
ଆର ବରଷକୁ ଅପେକ୍ଷାରେ ଥିବ
ପୁଣି ଯେ ଯୋଗ କରିବ।

■ ଦେବାଶିଷ

# ମୋଦି ଗଲେ, ଆଶା ଜାଗିଲା

**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଫେରିବା ପରେ ନୂଆ ସରକାରରେ ପଦ ପଦବୀ ପାଇବାକୁ ଚାହିଁ ବସିଥିବା ଅନେକଙ୍କ ଆଶା ପୁଣିଥରେ ଜାଗି ଉଠିଛି। ମନ୍ତ୍ରିମଣ୍ଡଳରେ ଖାଲି ପଡିଥିବା

**ମନ୍ତ୍ରୀ ପଦ ପାଇଁ ଲବି**

**ନିଗମ, ବୋର୍ଡ ପାଇଁ ଧାଁଦଉଡ଼**

୬ଟି ସ୍ଥାନ ପାଇବା ପାଇଁ ବିଧାୟକମାନେ ଲବି ଆରମ୍ଭ କରିଦେଇଥିବା ବେଳେ ନିଗମ, ବୋର୍ଡ ଓ ଅନ୍ୟ ସରକାରୀ ସଂସ୍ଥା ପାଇଁ ଆଶାୟୀମାନେ ଧାଁଦଉଡ଼ ଆରମ୍ଭ କରିଦେଇଛନ୍ତି।

ପ୍ରାୟ ବର୍ଷେ ଧରି ଅଟକିଥିବା ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଓ ନିଗମ, ବୋର୍ଡ ଆଦିରେ ନିଯୁକ୍ତି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପରେ ହେବ ବୋଲି ଜୋରଦାର ପ୍ରଚାର ହୋଇଥିଲା । ଦଳର ଆଗଧାଡ଼ିର ନେତାମାନେ ବି ଗଣମାଧ୍ୟମକୁ ଏହି ସୂଚନା ଦେଇଥିଲା। ଏହାପରେ ଦଳରେ ଚାଲିଥିବା ଧାଁ ଦଉଡ କିଛି ମାତ୍ରାରେ ଥମିଥିଲା। ଏବେ ପ୍ରଧାନମନ୍ତ୍ରୀ ଓଡ଼ିଶାରୁ ଫେରିବାପରେ ପୁଣିଥରେ ଏହା ଜୋରସୋରରେ ଆରମ୍ଭ ହୋଇଯାଇଛି ।




ମନ୍ତ୍ରିମଣ୍ଡଳରେ ଖାଲି ପଡିଥିବା ୬ଟି ପଦବୀ ପୂରଣ ହେବବୋଲି ପ୍ରଚାର ହେବାପରେ ଆଶାୟୀଙ୍କ ତାଲିକା ଲମ୍ବିବାରେ ଲାଗିଛି। ବିଶେଷକରି ଯେଉଁସବୁ ଜିଲ୍ଲାରୁ କେହି ମନ୍ତ୍ରୀ ହୋଇନାହାନ୍ତି ସେହି ଜିଲ୍ଲାର ବିଧାୟକମାନେ ବିଭିନ୍ନ ସ୍ତରରେ ଲବି ଆରମ୍ଭ କରିଦେଇଛନ୍ତି । ସେହିଭଳି ମନ୍ତ୍ରୀମଣ୍ଡଳରେ ଅଦଳ ବଦଳ ହେବାର ସୂଚନା ପାଇବାପରେ ଯେଭଳି ନିଜର ମନ୍ତ୍ରୀ ପଦବୀଟି ସୁରକ୍ଷିତ ରହିବ ସେଥିପାଇଁ ବି ବର୍ତ୍ତମାନର ମନ୍ତ୍ରୀମାନେ ଲାଗି ପଡିଛନ୍ତି। ଇତିମଧ୍ୟରେ ବର୍ଷପୂର୍ତ୍ତି ଅବସରରେ ମନ୍ତ୍ରୀମାନେ ନିଜ ନିଜ ବିଭାଗର ସଫଳତାର ତାଲିକା ମୁଖ୍ୟମନ୍ତ୍ରୀଙ୍କୁ ଧରାଇବା ସହିତ ତାହାକୁ ଗଣମାଧ୍ୟମରେ ଛାଡ଼ିବାରେ ଲାଗିଛନ୍ତି। ତେଣୁ ଏହି ରିପୋର୍ଟ କାର୍ଡ ଆଧାରରେ ମନ୍ତ୍ରୀମାନେ ରହିବେ କି ବିଦା ହେବେ, ତାହାର ନିଷ୍ପତ୍ତି ହେବ।

ମନ୍ତ୍ରିମଣ୍ଡଳ ବାଦ୍ ରାଜ୍ୟ ଯୋଜନା ବୋର୍ଡ, ସରକାରୀ ନିଗମ, ସମବାୟ ସଂସ୍ଥା ଆଦିରେ ଦଳୀୟ କର୍ମକର୍ତ୍ତାମାନେ ଥଇଥାନ ହେବା ପାଇଁ ଚାତକ ଭଳି ଚାହିଁ ବସିଛନ୍ତି। ରାଜ୍ୟ ଯୋଜନା ବୋର୍ଡର ସଦସ୍ୟମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ସହ ସମାନ ସୁବିଧାସୁଯୋଗ ➪ପୃଷ୍ଠା-୬

### 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' କାର୍ଯ୍ୟକାରୀ ଚିନ୍ତା

# ନୀତି ଆୟୋଗ ସିଇଓଙ୍କ ସଚିବସ୍ତରୀୟ ଆଲୋଚନା



**'ଓଡ଼ିଶା ଭିଜନ୍ ସେଲ୍' ଗଠନ ପାଇଁ ପ୍ରସ୍ତାବ**

**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକଙ୍କ ଉପସ୍ଥିତିରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭'କୁ ଉନ୍ମୋଚିତ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜରେ ରହିଥିବା ଲକ୍ଷ୍ୟ ପୂରଣ ପାଇଁ ପଦକ୍ଷେପ ସମ୍ପର୍କରେ ଆଜି ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବିଭିଆର ସୁବ୍ରମଣ୍ୟମ୍ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନଙ୍କ ସହ ଆଲୋଚନା କରିଛନ୍ତି। ଖାରବେଳ ଭବନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସୁବ୍ରମଣ୍ୟମ୍ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ପ୍ରସ୍ତୁତିରେ ସମସ୍ତ ➪ପୃଷ୍ଠା-୬




## ନବୀନଙ୍କ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ଦୀପଦାନ

**ରାଜନଗର,୨୧।୬ (ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ଚିକିତ୍ସା ପାଇଁ ବମ୍ବେ ଯାଇଛନ୍ତି। ଆସନ୍ତାକାଲି ତାଙ୍କର ଚିକିତ୍ସା ଆରମ୍ଭ ହେବ। ଆଜି ରାଜନଗର ବିଜେଡି ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ରାଜନଗରସ୍ଥିତ ଦଧିବାମନ ଜୀଉ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଛି। ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ନାୟକ, ସମବୟବିତ ଦିଲୀପ କୁମାର ପାତ୍ର, ଯୁବ ନେତା ବୈବ୍ରତ ବିଶ୍ୱାଳ, ମନୋଜ କୁମାର ସ୍ୱାଇଁ, ବାଇଧର ସେଠୀ, ବିଚିତ୍ର କୁମାର ମଲ୍ଲିକ, ସମିତି ସଭ୍ୟା ସୁମିତ୍ରା ସେଠୀ, ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ, ଚତ୍ର ନେତା ସୁରଜ ପୁହାଣ, ରମେଶ ବେହେରା, ଶତୃଘନ ପରିଡ଼ା, ଯୁବ ଆଇନଜୀବୀ ଦେବଦତ୍ତ ସେଠୀ, ଦିଲିପ ବେହୁରା, ପ୍ରଦୀପ କୁମାର ଲେଙ୍କା, ପାରେଶ୍ୱର ନାୟକ, ସମିତି ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ସୁଭେନ୍ଦୁ ସେଠୀ, ଅଶୋକ କୁମାର ପ୍ରଧାନ, ଶଶିକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦୀପ ଦାନ କରିବା ସହିତ ନବୀନ ବାବୁ ଶୀଘ୍ର ସୁସ୍ଥ ହୋଇ ଫେରିଆସନ୍ତୁ ବୋଲି କାମନା କରିଥିଲେ।

## ନବୀନଙ୍କ ଆରୋଗ୍ୟ କାମନା କରି ହରପାର୍ବତୀ ମନ୍ଦିରରେ ଦୀପଦାନ



**ପଟ୍ଟାମୁଣ୍ଡାଇ,୨୧।୬ (ସଂଚାର ବ୍ୟୁରୋ) :** ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ସୁପ୍ରିମୋ ନବୀନ ପଟନାୟକ ନିଜ କାନ୍ଧରେ ଅସ୍ତ୍ରୋପଚାର ପାଇଁ ମୁମ୍ବାଇ ଯାଇଛନ୍ତି । ତାଙ୍କର ଆଶୁ ଆରୋଗ୍ୟ କାମନା କରି ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ସ୍ଥାନୀୟ ହରପାର୍ବତୀ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା,ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ,ଯୁବନେତା ନିରାକାର ସାହୁ,କାଉନସିଲର ଗୋପୀବଲ୍ଲଭ ନାୟକ ମୃତ୍ୟୁଞ୍ଜୟ ପାଢ଼ୀ,ପ୍ରଶାନ୍ତ ବାରିକ, ଲକ୍ଷ୍ମୀପ୍ରିୟା ସାହୁ ଓ ସୁବାଷ ମଲିକ,ପୂର୍ବତନ କାଉନସିଲର ମଳୟ ମଲିକ, ଲୋକନାଥ ବେହେରା, ଥାନପତି ରବୀନ୍ଦ୍ର ସାହୁ, ରାମ ସାହୁ, ଅନିଲ ପଣ୍ଡା, ସଞ୍ଜୟ ଦାସ(ନଣ୍ଡା ବାବୁ), ସମରେଶ ମହାନ୍ତି,କଳାକାର ପ୍ରଧାନ, ଟୁଟୁ ମିଶ୍ର, ରୁଦ୍ର ନାରାୟଣ ସାମନ୍ତରାୟ, ସ୍ୱରୂପ ସାମଲ, ଅସୀମ ମହାନ୍ତି ଦିଗାମ୍ବର ମିଶ୍ର ବାପି ସାମଲ, ପିଣ୍ଟୁ ସେଠୀ, ନରେଶ ଜେନା,ସୌରେନ୍ଦ୍ର ବେହେରା ପ୍ରମୁଖ ବହୁ ବିଜେଡି ନେତା ଓ କର୍ମକର୍ତ୍ତା ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ହରପାର୍ବତୀ ମନ୍ଦିରରେ ସମୂହ ଦୀପ ଦାନ କରିଥିଲେ ।

## ଗେଷ୍ଟ ହାଉସରେ ଫାଇନାନ୍ସ କମ୍ପାନୀ ପରିଚାଳକଙ୍କ ଆତ୍ମହତ୍ୟା

**ରାଜନଗର,୨୧।୬ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳ ଠାରେ ଥିବା ମ୍ୟାନଗ୍ରୁଭ ପିଟା ହୋମ ଷ୍ଟେରେ ଫାଇନାନ୍ସ କମ୍ପାନୀର ପରିଚାଳକ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡି ନହିଁ। ଡାଙ୍ଗମାଳ ପଞ୍ଚାୟତ ବରାଡ଼ିଆ ଠାରେ ଭାରତ ଫାଇନାନ୍ସ କମ୍ପାନୀର ଶାଖା କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବିଦାପୁର ଗାଁର ସୁରେନ୍ଦ୍ର ସାହୁଙ୍କ ପୁଅ ଶୁଭମ ସଂଗ୍ରାମ ସାହୁ ( ୨୬ ବର୍ଷ ) ଶାଖା ପରିଚାଳକ ଭାବେ କାମ କରନ୍ତି। ଗତ ୨/୪ ଦିନ ହେଲା ଶାଖାରେ ଯାଞ୍ଚ ଚାଲିଥିଲା। ଗତକାଲି ରାତିରେ ଶୁଭମ ଭାରତ ଫାଇନାନ୍ସ ଶାଖା କାର୍ଯ୍ୟାଳୟରେ ରାତିରେ ଥିଲେ। ଆଜି ସକାଳେ ଉଠି ସେ ଭଡା ନେଇ ରହୁଥିବା ଡାଙ୍ଗମାଳସ୍ଥିତ ମ୍ୟାନଗ୍ରୁଭ ପିଟା ହୋମ ଷ୍ଟେରେ ପହଞ୍ଚିଥିଲେ। ଦିନ ପ୍ରାୟ ୯ ଘଟିକା ସମୟରେ ସେ ତାଙ୍କ କର୍ମଚାରୀଙ୍କ ଫୋନ ନଉଠାଇବାରୁ ଝରକା ବାଟେ ସେ ପ୍ୟାନରେ ଏକ ଓନି ଯୋଗେ ଆତ୍ମହତ୍ୟା କରିଥିବା ଦେଖାଯାଇଥିଲା। ଗେଷ୍ଟ ହାଉସର ମାଲିକ ସଙ୍ଗେ ସଙ୍ଗେ ଏ ନେଇ ତାଳଚୁଆ ସାମୁଦ୍ରିକ ଥାନା ଓ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା ଦେଇଛନ୍ତି। ପରିବାର ଲୋକଙ୍କ ଉପସ୍ଥିତିରେ, ମାଜିଷ୍ଟ୍ରେଟ ତଥା ରାଜନଗର ଅତିରିକ୍ତ ତହସିଲଦାର, ତାଳଚୁଆ ସାମୁଦ୍ରିକ ଥାନା ପୋଲିସ , ସାଇଣ୍ଟିଫିକ ଟିମ ଗେଷ୍ଟ ହାଉସର କବାଟ ତାଡି ଫ୍ୟାନରେ ଓହଳିଥିବା ଶୁଭମଙ୍କୁ ତଳକୁ ଅଣ୍ଡାଇଥିଲେ। ଶୁଭମଙ୍କ ମୃତ ଦେହ ବ୍ୟବଛେଦ ପାଇଁ ପଠାଯାଇଛି। ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କୁ ପଚାରିବାରୁ ଆମେ ଭିତରପଟୁ ଦିଆଯାଇଥିବା କବାଟ ତାଡି ମୃତଦେହ ଜବତ କରିଛୁ। ଏ ନେଇ ତଦନ୍ତ ଚାଲିଛି, ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡିବ ବୋଲି କହିଛନ୍ତି।

## ରାଏଡୁଣ୍ଡି ଦଳିତ ସାହି କେନାଲ ବନ୍ଧ ରାସ୍ତା ଶୋଚନୀୟ



**ଡେରାବିଶ,୨୧।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ବେଣିପୁର ପଂଚାୟତ ଅନ୍ତର୍ଗତ ରାଏଡୁଣ୍ଡି ଗ୍ରାମ ଦଳିତ ସାହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ଏହି ସାହିର ଲୋକେ ଘରୁ ବାହାରକୁ ବାହାରି ପାରୁ ନ ଥିବା ଓ ଯାତାୟାତ କରିବା ପାଇଁ ବିଭିନ୍ନ ପ୍ରକାରର ସମସ୍ୟା ଭୋଗିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି । ଦଳିତ ସାହିର ପ୍ରାୟ ୧୫ ପରିବାର ଆଷାଢ଼ ମାସରେ ରାସ୍ତା ପାଇଁ ହାନସ୍ତା ହେଉଛନ୍ତି। ଏହି ରାସ୍ତାରେ ତିନିବର୍ଷ ପୂର୍ବେ ମୋରମ ପକାଯାଇଥିବା ବେଳେ ଆଉ କିଛି କାମ ହୋଇ ନ ଥିବା ଜଣାପଡିଛି । ମୋରମ ଧୋଇ ଯାଇଥିବାରୁ ବର୍ଷା ହେଲେ କାଦୁଅ ପଚ୍ ପଚ୍ ରାସ୍ତାଟି ମରଣଯନ୍ତା ପାଲଟିଛି ।

ଏହି ରାସ୍ତାରେ ଛୋଟ ପିଲା ସ୍କୁଲ କଲେଜ ଯିବା ପାଇଁ ବହୁତ ଅସୁବିଧା ଓ ଆମ୍ବୁଲାନ୍ସରେ ଯାଇପାରିବ ନାହିଁ । ଏହି କେନାଲ ବନ୍ଧ ରାସ୍ତା ପ୍ରତି ଆଉତି ବିଭାଗ ହେଉ କି ଜଳ ସମ୍ପଦ ବିଭାଗ କାହାରି ନଜର ପଡୁନାହିଁ। ସରକାରଙ୍କ ଖାମଖିଆଲି ନୀତି, ରାଜନେତା ଓ ପ୍ରଶାସନିକ ଅଧିକାରୀ ଅବହେଳା ଯୋଗୁଁ ରାସ୍ତା କାମ ହୋଇପାରୁନାହିଁ । ଏହାର ତଦନ୍ତ କରାଯାଇ ବର୍ଷାଦିନ ପୂର୍ବରୁ ରାସ୍ତାର ମରାମତି କରିବା ପାଇଁ ଗ୍ରାମର ବିଶ୍ୱନାଥ ସାହୁ, ମାନଗୋବିନ୍ଦ ଦଳାଇ, ସଦାଶିବ ଦଳାଇ, ଭ୍ରମର ବେହେରା, ପ୍ରମୋଦ ବେହେରା, ଚିତ୍ରସେନ ଦଳାଇ, ଲକ୍ଷ୍ମଣ ଦଳାଇ ଓ ଦୟାନିଧି ଦଳାଇ ପ୍ରମୁଖ ଦାବି କରିଛନ୍ତି।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**କେନ୍ଦ୍ରାପଡ଼ା,୨୧।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ କେନ୍ଦ୍ରାପଡା ପ୍ରଶାସନ ତରଫରୁ ମଧ ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଶ୍ୟାମଗାଡ଼ିଆ, ଇଚ୍ଛାପୁର ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ସମବାୟ,ହସ୍ତତନ୍ତ, ବୟନଶିଳ୍ପ, ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ଯୋଗ ପ୍ରାଣାୟାମ କରିଥିଲେ। ଅନ୍ୟ ମାନଙ୍କ ମଧରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ବିଭିନ୍ନ ବର୍ଗର ଜନସାଧାରଣ,ସ୍କୁଲ କଲେଜ ଛାତ୍ର ଛାତ୍ରୀ ପ୍ରମୁଖ ଯୋଗରେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ" ପାଇଁ ଯୋଗ ଥିମ ସହିତ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯାଇଥିଲା। ଯୋଗ ପ୍ରଶିକ୍ଷକ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଭିନ୍ନ ଭିନ୍ନ ପ୍ରକାର ଯୋଗାସନ ପ୍ରଦର୍ଶନ କରି ପ୍ରାଣାୟାମ କରାଇଥିଲେ।ଏହି ଦିବସରେ ଅତିଥିମାନେ ଯୋଗାଭ୍ୟାସର ଲାଭ ଓ ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଯୋଗ ଦ୍ୱାରା ମାନସିକ ଶାନ୍ତି ସହ ଶାରୀରିକ ଓ ବୌଦ୍ଧିକ ବିକାଶ ଘଟିଥାଏ। ଏକ ନିରୋଗ ଜୀବନଯାପନ ପାଇଁ ଯୋଗ ଜରୁରୀ। ଏକ ସୁସ୍ଥ ଓ ସମୃଦ୍ଧି ରାଷ୍ଟ୍ର ଗଠନରେ ଯୋଗର ଭୂମିକା ଅତ୍ୟନ୍ତ ଜରୁରୀ ଅଟେ। ସମେତ ପ୍ରତେକ ଦିନ ଯୋଗ କରି ନିରୋଗ ରୁହନ୍ତୁ ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ଏହି ଆନ୍ତର୍ଜାତୀୟ ଯୋଗ ଦିବସକୁ ସମସ୍ତ ବ୍ଲକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର,କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର, ଉପକେନ୍ଦ୍ର, ବିଭିନ୍ନ ସ୍କୁଲ, କଲେଜ,ସମସ୍ତ ପୌରାଞ୍ଚଳରେ ପାଳନ କରାଯାଇଛି । ସେହିପରି ମହାକାଳପଡ଼ାର ଗଜେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଉଳପଡାରେ ଯୋଗ ଦିବସ ପାଳିତ ହୋଇଯାଇଛି।

## ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ



**ରାଜନଗର,୨୧।୬ (ସଂଚାର ବ୍ୟୁରୋ) :** ଆନ୍ତର୍ଜାତୀୟ ଯୋଗ ଦିବସରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ" କାର୍ଯ୍ୟକ୍ରମ ପାଳନ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତରେ ଯୋଗ ଦିବସ ପାଳିତ ହୋଇଥିଲା। ମହାବିଦ୍ୟାଳୟର ଏନ୍‌ଏନ୍‌ଏସ ପ୍ରୋଗ୍ରାମ ଅଫିସର ଅଧାପକ ଅଭିଜିତ୍ ଖୁଣ୍ଟିଆ, ପୂର୍ବତନ ଅଧକ୍ଷ ଶ୍ରୀ ପ୍ରଣୟ କୁମାର ବେହେରା, ୟୁଥ୍ ରେଡ୍ କ୍ରସ୍‌ର ପ୍ରୋଗ୍ରାମ ଅଫିସର ଅଧାପିକା ରାଜଶ୍ରୀ ସାମନ୍ତ, ଅଧାପିକା ଅନୁସ୍ୱୟା ବେହେରା, ଅଧାପକ ପର୍ଶୁରାମ ନାଥ, ରତ୍ନାକର ନାୟକ, ବିନୋଦ ସେଠୀ, ପ୍ରଦୀପ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଟ୍ରେନର ଡ଼ଃ ରଶ୍ମୀତା ମିଶ୍ର ଯୋଗ ଆସନ ଗୁଡ଼ିକର ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରାଇଥିଲେ। ଯୋଗ ଦ୍ୱାରା କେମିତି ନିଜକୁ ରୋଗମୁକ୍ତ ହୋଇପାରିବେ ସେଥିନିମିତ୍ତ ପ୍ରୋତ୍ସାହନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଅଧାପକ, ଅଧାପିକା ଓ କର୍ମଚାରୀମାନେ ବହୁତ୍ ସଂଖ୍ୟା ରେ ଯୋଗଦାନ କରିଥିଲେ। ସେହିପରି ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଅଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ଉପସ୍ଥିତିରେ,କ୍ରୀଡା ଶିକ୍ଷକ ଅରୁଣ କୁମାର ରାଉତ ଏବଂ ଜେଆରସି କାଉନସିଲର ଅମିତା ରାଉତ ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱାରା ବିଭିନ୍ନ ପ୍ରକାର ଯୋଗ ଅଭ୍ୟାସ କରାଇଥିଲେ।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**କେନ୍ଦ୍ରାପଡ଼ା,୨୧।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । କେନ୍ଦ୍ରାପଡା ପତଞ୍ଜଳି ଯୋଗସମିତି ଓ ମହାବିଦ୍ୟାଳୟର ମିଳିତ ଅନୁକୂଲ୍ୟରେ ଏକାଦଶତମ ଆନ୍ତର୍ଜାତୀୟ ଯୋଗଦିବସ ଅବସରରେ ଅନୁଷ୍ଠିତ ଯୋଗ ଶିବିର ଶନିବାର ସକାଳ ୭ଟାରେ ଆରମ୍ଭ ହୋଇ ୭ଟା ୪୫ମିନିଟରେ ଶେଷ ହୋଇଥିଲା । ଏହି ଶିବିରକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ ଓ ବିଜେପି ନେତା କିଶୋର ପଣ୍ଡା । କ୍ୟାଡେଟ ସରିତା ପଲାଇ ଓ ଯୋଗଗୁରୁ ବିଭୂପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ସମସ୍ତ କ୍ୟାଡେଟ, କର୍ମଚାରୀ, ଅଧାପକ,ଅଧାପିକା ଓ ଅନ୍ୟମାନେ ବିଭିନ୍ନ ଯୋଗାସନ ପ୍ରଦର୍ଶନ କରିଥିଲେ । ଏନସିସି କ୍ୟାପଟେନ (ବାଳିକା ବିଭାଗ) ସୀମା ମହାନ୍ତି, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ସତ୍ୟରଞ୍ଜନ ମିଶ୍ର,କ୍ରୀଡା ଶିକ୍ଷୟିତ୍ରୀ ପ୍ରତିମାରାଣୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଯୋଗ ଗୁରୁ ଶ୍ରୀ ଦାସ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି କ୍ୟାଡେଟ(ବାଳକ,ବାଳିକା), ଏନଏସଏସ ଓ ୱାଇଆରସିର ସ୍ୱେଚ୍ଛାସେବୀମାନେ ଏହି ଶିବିରରେ ଅଂଶ ଗ୍ରହଣ କରିଥିଲେ ।




## ବନ୍ଦ ଥିବା ବିଦ୍ୟାଳୟରୁ ୧୪ଟି ଖୋଲିବାକୁ ସିଆରସିସିଙ୍କୁ ଅବଗତ କରାଇଲେ ବିଧାୟକ



**ମାହାଙ୍ଗା,୨୧।୬ (ସଂଚାର ବ୍ୟୁରୋ):** ସରକାର ରାଜ୍ୟରେ ବନ୍ଦ ପଡିଥିବା ବିଦ୍ୟାଳୟ ଗୁଡିକର ପୁନଃଉଦ୍ଧାର ନିମନ୍ତେ ଘୋଷଣା କରିବା କ୍ଷଣି ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ବ୍ଲକରେ ବନ୍ଦ ପଡ଼ିଥିବା ୫୧ ଗୋଟି ବିଦ୍ୟାଳୟ ମଧ୍ୟରୁ ୧୪ଗୋଟି ବିଦ୍ୟାଳୟକୁ ଖୋଲିବା ପାଇଁ ସିଆରସିସି ମାନଙ୍କୁ ଅବଗତ କରିଛନ୍ତି । ଫଳରେ ବର୍ଷ ଆରମ୍ଭରୁ ମାହାଙ୍ଗାରେ ସରକାରୀ ବିଦ୍ୟାଳୟ ସଂଖ୍ୟା ବଢିବା ସହ ପାଖ ଅଂଚଳର ଛାତ୍ର ଛାତ୍ରୀ ମାନେ ଉପକୃତ ହୋଇପାରିବେ । ଖୋଲିବାକୁ ଥିବା୧୪ଗୋଟି ବିଦ୍ୟାଳୟ ହେଉଛି ସିଦ୍ଧ ବସୁଲେଇ ସୋରଳ ପ୍ରାଥମିକ ବିଦ୍ୟାଳୟ, ପୁରୁଷୋତ୍ତମପୁର ପ୍ରାଥମିକ ବିଦ୍ୟାଳୟ, ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟ, ଶଶୀଲୋ ପ୍ରାଥମିକ ବିଦ୍ୟାଳୟ, ପହିଗୋପାଳପୁର ପ୍ରାଥମିକ ବିଦ୍ୟାଳୟ,ଦୁବେଇପୁର ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ଧଉଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢ଼ିହିଗୋପା ପ୍ରାଥମିକ ବିଦ୍ୟାଳୟ, ମାଟିପାରିଲୋ ପ୍ରାଥମିକ ବିଦ୍ୟାଳୟ, ସରଦା ପ୍ରାଥମିକ ବିଦ୍ୟାଳୟ, ଧାରୋ ଶ୍ୟାମସୁନ୍ଦର ପ୍ରାଥମିକ ବିଦ୍ୟାଳୟ, ରାହାଣିଆ ପ୍ରାଥମିକ ବିଦ୍ୟାଳୟ, ବାଗସରପୁର ପ୍ରାଥମିକ ବିଦ୍ୟାଳୟ, ଗିରିଧାରୀ ପ୍ରାଥମିକ ବିଦ୍ୟାଳୟ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ମାହାଙ୍ଗା ଅଂଚଳରେ ସ୍ୱାଗତଯୋଗ୍ୟ ବୋଲି ବୁଦ୍ଧଜୀବୀମାନେ ମତ ପ୍ରକାଶ କରିଛନ୍ତି ।

## ଡେରାବିଶ ମହାବିଦ୍ୟାଳୟରେ ଯୋଗ ଦିବସ



**ଡେରାବିଶ,୨୧।୬ (ସଂଚାର ବ୍ୟୁରୋ)** ଡେରାବିଶ ମହାବିଦ୍ୟାଳୟରେ ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଚନ୍ଦ୍ରଶେଖର ନାୟକ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଉପସ୍ଥିତ ଅଧାପକ ଅଧାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ଯୋଗର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ନିୟମିତ ଯୋଗ ଅଭ୍ୟାସ କରିବା ଦ୍ୱାରା ସୁସ୍ଥ ଓ ନିରୋଗ ଜୀବନଯାପନ ସହିତ "ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ" ସମ୍ଭବ ହେବାର ଆଶା ଉଦ୍ରେକ ହୋଇପାରିଛି ବୋଲି ଅଧକ୍ଷ ଶ୍ରୀ ନାୟକ କହିଥିଲେ। ଏହି ଅବସରରେ ଯୋଗ ପ୍ରଶିକ୍ଷକ ସରସ୍ୱତୀ ସିଂହ ଓ ଶୁଭଶ୍ରୀ ସରିତା ରାଉତ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ କ୍ରୀଡା ଓ ଯୋଗ ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମୀର ଟିଭିଏସ୍‌ରେ ଯୋଗ ଦିବସ ପାଳିତ



**କେନ୍ଦ୍ରାପଡ଼ା,୨୧।୬ (ସଂଚାର ବ୍ୟୁରୋ):** ବିଶ୍ୱ ଯୋଗ ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ସମୀର ଟିଭିଏସ୍ ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୋଗ ଶିବିରକୁ ସମୀର ମୋଟର୍ସର ପ୍ରୋପାଇଟର ସମୀର କୁମାର ଚାନ୍ଦଙ୍କ ଦ୍ୱାରା କରାଯାଇଥିଲା। ଏଥିରେ ସମୀର ମୋଟର୍ସର ସମସ୍ତ କର୍ମଚାରୀ ଏବଂ ଗ୍ରାହକମାନେ ଯୋଗଦେଇଥିଲେ। ଏହି ଶିବିରରେ ଯୋଗ ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ରୋଗମୁକ୍ତ ରହିପାରିବେ ବୋଲି ଶ୍ରୀ ଚାନ୍ଦ କହିବା ସହିତ ଯୋଗକାରୀମାନଙ୍କୁ ପ୍ରତିଦିନ ସକାଳୁ ନିଜେ ଏବଂ ପରିବାର ଲୋକଙ୍କୁ ଯୋଗ କରିବାକୁ ଅନୁରୋଧ କରିଥିଲେ। ସମସ୍ତ ଯୋଗକାରୀମାନେ ଶେଷରେ ମାଣ୍ଡିଆ ଓ ବେଲପତ୍ର ବଟା ପାଣି ସେବନ କରିଥିଲେ। ଏଥିସହିତ ସେମାନଙ୍କୁ ଗୋଟେ ଗୋଟେ ଗଛ ବଣ୍ଟନ କରାଯାଇଥିଲା। ଏହି ଶିବିରକୁ ସମୀର କୁମାର ଚାନ୍ଦ, ଶୁଭଶ୍ରୀ ନାୟକ, ଦୀପ୍ତିମୟୀ ସେଠୀ, ରଶ୍ମୀତା ଦାସା, ଦୀପକ ସାମଲ, ଇତିଶ୍ରୀ ସେଠୀ, ବଳରାମ ସେଠୀ, କ୍ଷୀତିଶ ଚନ୍ଦ୍ର ଘଡାଇ, ଅବିନାଶ ସ୍ୱାଇଁ ଓ ରାଜେଶ କୁମାର ସାମନ୍ତ ପରିଚାଳନା କରିଥିଲେ।

## ସାଲେପୁରର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ସାଲେପୁର,୨୧।୬ (ସଂଚାର ବ୍ୟୁରୋ) :** ଆଜି ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ସାଲେପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଲେପୁର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଥିଲା। ସାଲେପୁର ହାଇସ୍କୁଲ ପଡ଼ିଆରେ ପତଞ୍ଜଳି ଯୋଗ ସମିତିର ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯୋଗ ଶିବିରରେ ମୁଖ୍ୟଅତିଥି ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ଆଜୀବନ ସଦସ୍ୟ ଶ୍ରୀକାନ୍ତକୁମାର ଭୂୟାଁ, ପ୍ରତାପ କୁମାର ମହାନ୍ତି, ଶିଶିର କୁମାର ପଣ୍ଡା, କୈଳାସ ଚନ୍ଦ୍ର ବେହେରା, ଜ୍ୟୋତିର୍ମୟ ସାମଲ ପ୍ରମୁଖ ଯୋଗଦେଇଥିଲାବେଳେ ପ୍ରତାପ କୁମାର ମହାନ୍ତି, କୈଳାସ ଚନ୍ଦ୍ର ବେହେରା, ଜ୍ୟୋତିର୍ମୟ




ସାମଲ ଯୋଗ ପ୍ରଦର୍ଶନ କରିଥିଲେ। ଏଥିରେ ୨ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏଥିରେ ମଧୁବାବୁ ଯୋଗକେନ୍ଦ୍ର, ମହାବୀର ଯୋଗକେନ୍ଦ୍ର ରାଇସୁଙ୍ଗୁଡ଼ା, ଜପକୁଦ ଯୋଗକେନ୍ଦ୍ର, ମା'ବୁଢ଼ୀ ଜାଗୁଲାଇ ଯୋଗକେନ୍ଦ୍ର, ବି.ଏସ୍.ଏନ୍.ଏଲ୍. ଯୋଗକେନ୍ଦ୍ର ଓ ସାଲେପୁରର ବହୁ ପୁରୁଷ ଓ ମହିଳାମାନେ ଯୋଗଦେଇଥିଲେ। ସେହିପରି ଫାର୍ମାସୀ କଲେଜ ପରିସରରେ ଆନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି।

## 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୨୧।୬ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ପଂଚାୟତ କାର୍ଯ୍ୟାଳୟରେ 'ଆମ ଗ୍ରାମରେ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ, ରାଜସ୍ୱ ପରିଦର୍ଶକ ଜାନକୀ ବଲଭ ପଣ୍ଡା, ଆର ପି ସୁଧାଂଶୁ ଶେଖର ମହାନ୍ତି, ବଡ଼ମୂଳ ବସନ୍ତ ସର୍କଲ ରାଜସ୍ୱ ନିରୀକ୍ଷକ ସନ୍ଧ୍ୟାରାଣୀ ବରାଳ, ସୂର୍ଯ୍ୟକାନ୍ତ ବେହରା, ଲାଲୁ ବିକ୍ରମ ଚୌଧୁରୀ, ସୟଦ ମହମଦ ଅକମମ ପ୍ରଭୃତି ରାଜସ୍ୱ ନିରୀକ୍ଷିକମାନେ ଯୋଗ ଦେଇ ସରଳ ରାଜସ୍ୱ ସେବା, ଜବର ଦଖଲ ଉଚ୍ଛେଦ, ଖଜଣା ଆଦାୟ ଓ ବିଭିନ୍ନ ସାର୍ଟିଫିକେଟ ପାଇବା କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସଏସଜି ଗ୍ରୁପ ସଦସ୍ୟା , ସମସ୍ତ ସିଆରପି ଓ ଜନସାଧାରଣ ଯୋଗ ଦେଇଥିଲେ ।



## ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ରକ୍ତଦାନ ଶିବିର, ୬୨ୟୁନିଟ୍ ରକ୍ତ ସଂଗୃହିତ



**ସାଲେପୁର,୨୧।୬ (ସଂଚାର ବ୍ୟୁରୋ) :** ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ଷ୍ଟେଟ୍ ବ୍ୟାଙ୍କ୍ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ଚିଫ୍ ମ୍ୟାନେଜର ବିକ୍ରମ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁପାଟଣା ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ପ୍ରୀତିଶ ରଞ୍ଜନ ପଟ୍ଟନାୟକ, ମାହାଙ୍ଗା ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ରଶ୍ମିରଞ୍ଜନ ସାହୁ, ଗୋପିନାଥପୁର ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ସୁଶାନ୍ତ କୁମାର ପାଳ, କ୍ଷେତ୍ର ଅଧିକାରୀ ପ୍ରଦୀପ କୁମାର ମଲ୍ଲିକ, ଦୀପକ କୁମାର ବନିକ ଓ ସାମ୍ବାଦିକ ଅକ୍ଷୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ମୁକୁନ୍ଦ କୁମାର ମଲ୍ଲିକ, ସୁବୋଧ କୁମାର ମହାନ୍ତି, ଅଶ୍ୱିନୀ କୁମାର ଶତପଥି, ଜୟପ୍ରକାଶ କାଣ୍ଡିଙ୍କ ସମେତ ସମସ୍ତ ଅଧିକାରୀ ଯୋଗଦେଇ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ଗ୍ରାହକ ସେବା କେନ୍ଦ୍ରର ଅନୁପ କୁମାର ମଲ୍ଲଙ୍କ ସମେତ ବହୁ ସଭ୍ୟ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ। ଏଠାରେ କଟକ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ୍‌ର ଡାକ୍ତର ବିନାୟକ ପୃଷ୍ଟିଙ୍କ ନେତୃତ୍ୱରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସମୁଦାୟ ୬୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ପିଏମ ସୂର୍ଯ୍ୟ ଘର ପାଇଁ ସଚେତନତା ଲୋଡ଼ା

## ଆବେଦନ ପରେ ଆଗ୍ରହ ପ୍ରକାଶ କରୁନାହାନ୍ତି ହିତାଧିକାରୀ

**କେନ୍ଦ୍ରାପଡ଼ା,୨୧।୬ (ସଂଚାର ବ୍ୟୁରୋ):** ବର୍ଦ୍ଧିତ ବିଜୁଳି ବିଲ୍ଲରୁ ବର୍ତିବା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପ୍ରଣୟନ କରିଥିଲେ। ଏହାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଆକର୍ଷଣୀୟ ସବ୍‌ସିଡି ବ୍ୟବସ୍ଥା ମଧ କରିଛନ୍ତି। ମାତ୍ର ପ୍ରଚାର ପ୍ରସାର ଓ ସଚେତନାର ଅଭାବରୁ ଏହାକୁ କେନ୍ଦ୍ରାପଡା ଜିଲ୍ଲାରେ ଆଶାନୁରୂପ ସଫଳତା ମିଳୁନି।



ବିନା ମୂଲ୍ୟରେ ସୂର୍ଯ୍ୟାଲୋକରୁ ବିଦ୍ୟୁତ ଉତ୍ପାଦନ ପାଇଁ ୨୦୨୪ ଫେବୃଆରି ୨୯ ତାରିଖରେ ଦେଶରେ କେନ୍ଦ୍ର ସରକାର ଏହି ଯୋଜନା ପ୍ରଣୟନ କରିଥିଲେ । ଲକ୍ଷ୍ୟ ଥିଲା ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ଚାପରୁ ଲୋକଙ୍କୁ ମୁକ୍ତ କରିବା ସହ ଅଧିକ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବା। ଏହି ଯୋଜନାରେ ଘରର ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଉଛି।

ଏହା ସହିତ ଉକ୍ତ ଯୋଜନାକୁ ଆହୁରି ଅଧିକ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାର ୨୦୨୬-୨୭ ଅର୍ଥିକ ବର୍ଷ ପାଇଁ ୭୫ ହଜାର ୨୧ କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାରେ ଯେଉଁମାନେ ସୋଲାର ପ୍ୟାନେଲ ଲଗାଇବେ, ସେମାନଙ୍କ ପାଇଁ ସବସିଡ ସୁବିଧା ମଧ ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡି ଅର୍ଥ ବହନ କରୁଛନ୍ତି । ଆବେଦନକାରୀ ପିଏମ ସୂର୍ଯ୍ୟଘର ପୋର୍ଟାଲରେ ଯାଇ ଆବେଦନ କରିପାରିବେ। ଟିପିଏନଓଡିଏଲ ତତ୍ତ୍ୱାବଧାନରେ ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲ୍ଲାରେ ଏହାକୁ ନେଇ ବିଦ୍ୟୁତ୍ ଗ୍ରାହକଙ୍କୁ ଯେଉଁଭଳି ସଚେତନ କରାଯିବା କଥା ତାହା ହେଉନି। ଫଳରେ ସୂର୍ଯ୍ୟଘର ଯୋଜନା ସମ୍ପୂର୍ଣ୍ଣ ଆଜି ମଧ ଅନ୍ଧାରରେ ରହିଯାଉଛି।

# ସ୍କ୍ରାପ୍ କଳାକୃତିରେ ବେଦାନ୍ତ ଲାଞ୍ଜିଗଡ଼ ଚାମ୍ପିଅନ୍



**କଳାହାଣ୍ଡି,୨୧।୬(ସଂଚାର ବ୍ୟୁରୋ):** ଭାରତର ଅଗ୍ରଣୀ ସ୍ମେଲ୍ଟର-ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ଅଂଶ ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ନିକଟରେ ବିଭିନ୍ନ

## ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱ

ଶିଳ୍ପସଂସ୍ଥାରୁ ବାହାରୁଥିବା ସ୍କ୍ରାପ୍‌କୁ ଆକର୍ଷଣୀୟ କଳାକୃତିରେ ପରିଣତ କରିବା ପାଇଁ ଅନନ୍ୟ ସ୍କ୍ରାପ୍ ଆର୍ଟ ଭାସ୍କର୍ଯ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ନବସୃଜନ, ସ୍ଥିରତା ଓ ଦଳଗତ କାର୍ଯ୍ୟର ଏହି ଉତ୍ସବରେ କର୍ମଚାରୀ ଓ ବ୍ୟାବସାୟିକ ଅଂଶୀଦାରମାନେ ଯୋଗଦେଇଥିଲେ। ପ୍ରତ୍ୟେକ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ କଳ୍ପନା ଓ ସହଯୋଗରେ ଏହା ଏକ ଉତ୍ସାହୀ ପ୍ରଦର୍ଶନରେ ପରିଣତ ହୋଇଥିଲା। କର୍ମସ୍ଥଳକୁ ଉନ୍ନତ କରିବା ପାଇଁ ଦଳଗୁଡ଼ିକ ଦୈନନ୍ଦିନ ଶିଳ୍ପ ବର୍ଜ୍ୟକୁ ଆକର୍ଷଣୀୟ କଳାକୃତିରେ ପରିଣତ କରିଥିଲେ। ପ୍ରତ୍ୟେକ ସୃଷ୍ଟି ବେଦାନ୍ତର ସମ୍ବଳ ଅପ୍ଟିମାଇଜେସନ୍, ସୃଜନଶୀଳ ଚିନ୍ତାଧାରା ଓ ସ୍ଥିରତାର ମୂଳ ମୂଲ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

ବେଦାନ୍ତ ଆଲୁମିନା ବ୍ୟବସାୟ, ଲାଞ୍ଜିଗଡ଼ ସିଇଓ, ପ୍ରଣବ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ବେଦାନ୍ତରେ ଆମେ ପ୍ରକୃତ ନବସୃଜନ ସେତେବେଳେ ସଫଳ ହୁଏ ଯେତେବେଳେ ଆମର ଲୋକମାନେ ଭିନ୍ନ ଭାବେ ଚିନ୍ତା କରିଥାନ୍ତି। ଏହି ପଦକ୍ଷେପ କେବଳ ଆମର ଦଳଗୁଡ଼ିକୁ ଏକାଠି କରିନାହିଁ, ବରଂ କଳ୍ପନାଶୀଳ ସମସ୍ୟାର ସମାଧାନ ଓ ସ୍ଥାୟୀ ଚିନ୍ତାଧାରାର ଏକ ସଂସ୍କୃତିକୁ ମଧ୍ୟ ଉଦ୍ରେକ କରିଛି। ଆମେ ଏକ କର୍ମକ୍ଷେତ୍ରକୁ ପୋଷଣ କରିବାରେ ଗର୍ବିତ, ଯେଉଁଠାରେ ସୃଜନଶୀଳତା ପାଳନ କରାଯାଏ ଓ ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ, ପ୍ରଭାବଶାଳୀ ଉପାୟରେ ଯୋଗଦାନ ଦେବାର ସ୍ୱାଧୀନତା ପାଏ ବୋଲି ଶ୍ରୀ ଭଟ୍ଟାଚାର୍ଯ୍ୟ କହିଥିଲେ। କଳା ପ୍ରତିଯୋଗିତା ବ୍ୟତିରେକ ଏହି କାର୍ଯ୍ୟକ୍ରମ ଆନ୍ତଃବିଭାଗୀୟ ସହଯୋଗକୁ ସୁଦୃଢ଼ କରିବା ସହ ବର୍ଜ୍ୟରୁ ସମ୍ପଦ ଅଭ୍ୟାସକୁ ନେଇ ଅର୍ଥପୂର୍ଣ୍ଣ ବାର୍ତ୍ତାଳାପକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ମଜବୁତ ମଞ୍ଚ ଭାବେ କାର୍ଯ୍ୟ କରିଥିଲା। ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ଏକ ପ୍ରଗତିଶୀଳ ଭବିଷ୍ୟତ ପାଇଁ ପ୍ରସ୍ତୁତ କାର୍ଯ୍ୟସ୍ଥଳୀ ସୃଷ୍ଟି ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି।

### ୨୫ରେ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ

# ସମ୍ମାନିତ ହେବେ ଏମର୍ଜେନ୍ସି ସ୍ୱତନ୍ତ୍ରତା ସେନାନୀ



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୫ ତାରିଖରେ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୭୫ ଜୁନ୍ ୨୫ ତାରିଖରେ ଲାଗୁ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଆଜି ଅନୁଷ୍ଠିତ ବୈଠକରୁ ଜଣାପଡ଼ିଛି ଯେ ଭୁବନେଶ୍ୱର ରେଳ ଅଡିଟୋରିଅମ୍‌ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡ଼ିଶାର ସମସ୍ତ ଜିଲ୍ଲାରୁ ଜନସାଧାରଣ ଏଥିରେ ଉପସ୍ଥିତ ରହିବେ। ଜରୁରୀକାଳୀନ ପରିସ୍ଥିତିର ସ୍ୱତନ୍ତ୍ରତା ସେନାନୀମାନଙ୍କୁ ମଧ୍ୟ ନିମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

ଏହି ଉତ୍ସବର ବ୍ୟାପକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗକୁ ପ୍ରଦର୍ଶନୀ ଓ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନର ମଧ୍ୟ ଦାୟିତ୍ୱ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବକ୍ତୃତା, କୁଇଜ୍, ପ୍ରବନ୍ଧ ଓ କଳା ପ୍ରତିଯୋଗିତା ଇତ୍ୟାଦି କରାଯିବ। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ କର୍ମଶାଳା, ବକ୍ତୃତା ଓ ସେମିନାର ଆୟୋଜନ କରାଯିବ। ଏହି ଉପଲକ୍ଷେ କ୍ରୀଡ଼ା ବିଭାଗ ପକ୍ଷରୁ ଶୋଭାଯାତ୍ରାର ଆୟୋଜନ କରାଯିବ। ସ୍ୱତନ୍ତ୍ରତା ସେନାନୀମାନଙ୍କୁ ସମ୍ମାନିତ କରିବା ଉପଲକ୍ଷେ ଆୟୋଜନ ହେଉଥିବା ଏଭଳି ଏକ ମହତ୍ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଭକ୍ତ

**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ଦଳ ଶାସନ କ୍ଷମତାକୁ ଆସିବା ଏକ ବର୍ଷ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଏଥିସହ ସାରା ରାଜ୍ୟରେ ନାରୀ ନିର୍ଯାତନା, ବାଳିକା ଅପହରଣ ଓ ଗଣଧର୍ଷଣ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଏହିସବୁ ଘଟଣାକୁ ଅନୁଧ୍ୟାନ କରିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଦୀପା ଦାସମୁନ୍‌ସୀଙ୍କ ଆବାହକତ୍ୱରେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣିତି ସିନ୍ଦେ, ସାଂସଦ ଏସ ଜଥିମଣି ଓ ଶୋଭା ଓଜାଙ୍କୁ ନେଇ ଗଠିତ ତଥ୍ୟ ଅନୁଧ୍ୟାନ କମିଟି ଓଡ଼ିଶା ଆସିବା ସହ ବିଭିନ୍ନ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି। ଆସନ୍ତା ୨୪ରେ ପୂର୍ବାହ୍ନ ୧୦ଟା ସମୟରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ପିସିସି ସଭାପତି ଭକ୍ତ ଚରଣ ଦାସ, ତଥ୍ୟ ଅନୁଧ୍ୟାନ କମିଟି ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

# ଡବଲ ଇଞ୍ଜିନ୍ ସରକାରରେ ଡବଲ ଧୋକା: ବିଜେଡ଼ି

**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ ଓ ତାଙ୍କ ଦ୍ୱାରା ଉନ୍ମୋଚିତ ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟକୁ ସମାଲୋଚନା କରିବା ସହ ବିଜେଡି ବିଜେପି ସରକାରଙ୍କ ଏକ ବର୍ଷର ବିଫଳତାକୁ ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବାକୁ ଉଦ୍ୟମ କରିଛି। ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଅମଳରେ ଡବଲ୍ ବିକାଶ ହୋଇନାହିଁ, ବରଂ ରାଜ୍ୟବାସୀଙ୍କ ପ୍ରତି ଡବଲ୍ ଧୋକ୍କା ହୋଇଛି ବୋଲି ଅଭିଯୋଗ କରାଯାଇଛି। ଏଥିସହ ସରକାର ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ପ୍ରତାରଣାରେ ପରିଣତ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ମତ ଦେଇଛନ୍ତି।



ଶ୍ରୀ ଦାସବର୍ମା କହିଛନ୍ତି ଯେ ଶ୍ରୀମନ୍ଦିର ସହ ତୀର୍ଥକ୍ଷେତ୍ର ପୁରୀର ବିକାଶ ପାଇଁ ନବୀନ ସରକାର ବ୍ୟାପକ ପଦକ୍ଷେପ ନେଇଥିଲେ। କିନ୍ତୁ ଗତ ଏକ ବର୍ଷ ମଧ୍ୟରେ ଏହି ବିକାଶ କାର୍ଯ୍ୟ ଠପ ହୋଇଯାଇଛି। ଗତ ନିର୍ବାଚନ ସମୟରେ ବିଜେପି ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଖୋଜି ଆଣିବାକୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ କ୍ଷମତାକୁ ଆସିବା ପରେ ସରକାର ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିବା ସତ୍ୟପାଠରେ ଏହି ପ୍ରସଙ୍ଗକୁ ସାର୍ବଜନୀନ କରାଯାଇପାରିବ ନାହିଁ ବୋଲି କହିଛନ୍ତି, ଯାହା ବିଜେପିର ଦୋମୁହାଁ ଚରିତ୍ରକୁ ପଦାରେ ପକାଇଛି। ସେହିପରି ରତ୍ନଭଣ୍ଡାରର ଗଣତିମଣତି ଦିଗରେ ସରକାର କିଛି ବି ପଦକ୍ଷେପ ନେଇନାହାନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଅବଧି ୯ ମାସ ତଳୁ ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନୂଆ କମିଟି ଗଠନ ହୋଇପାରିନାହିଁ। ଦର୍ଶନ ବ୍ୟବସ୍ଥାରେ ଅବ୍ୟବସ୍ଥିତ ହୋଇପଡିଛି ବୋଲି ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଥିବା ଶ୍ରୀ ଦାସବର୍ମା କହିଛନ୍ତି।

ସେହିପରି ଶ୍ରୀମତୀ ଛୁରିଆ କହିଛନ୍ତି ଯେ ଗତ ବର୍ଷକ ମଧ୍ୟରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ପୂରାପୂରି ଭୁଶୁଡ଼ି ପଡ଼ିଛି। ରାଜ୍ୟରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଥିବା ବେଳେ ଶ୍ୱେତପତ୍ରରେ ସରକାର ନିଜେ ସ୍ୱୀକାର କରିଛନ୍ତି ଯେ ଦୁଷ୍କର୍ମ ପ୍ରାୟ ୮ ପ୍ରତିଶତ ବଢ଼ିଛି। ଅଧିକନ୍ତୁ ରାଜ୍ୟ ଦେଶର ଅପରାଧପ୍ରବଣ ରାଜ୍ୟ ମଧ୍ୟରେ ଅଷ୍ଟମ ସ୍ଥାନରେ ରହିଛି। ସୁଭଦ୍ରା ଯୋଜନାରେ ମଧ୍ୟ ବିଜେପି ସରକାର ମହିଳାଙ୍କ ପ୍ରତି ଧୋକା କରିଛି। ଏହି ଯୋଜନାରେ ମିଳୁଥିବା ସହାୟତା ଦୈନିକ ୨୭ ଟଙ୍କା ହୋଇଥିବାରୁ ଏହା ମହିଳାଙ୍କ ପ୍ରତି ସମ୍ମାନ ନୁହେଁ, ବରଂ ଅପମାନ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ଗତକାଲି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟରେ ରାଜ୍ୟର ବିକାଶ ହାର ୯ ପ୍ରତିଶତ ରହିଛି। କିନ୍ତୁ ଅନ୍ୟ ରାଜ୍ୟରେ ଏହି ହାର ୧୫ ପ୍ରତିଶତ ପର୍ଯ୍ୟନ୍ତ ରହିଥିବାରୁ ଏପରି ଏକ କ୍ଷୁଦ୍ର ଭିଜନ ବୁଦ୍ଧିଜୀବୀଙ୍କ ମଧ୍ୟରେ ଭୃକୁଞ୍ଚନ ସୃଷ୍ଟି କରିଛି। ନବୀନ ସରକାର ଅମଳରେ ରାଜ୍ୟର ବିକାଶ ହାର ସର୍ବାଧିକ ୧୬ ପ୍ରତିଶତ ରହିଥିଲା। ତେଣୁ ରାଜ୍ୟ ସରକାରଙ୍କ ଭିଜନ୍ ଏତେ ସଙ୍କୁଚିତ କ'ଣ ପାଇଁ ବୋଲି ଶ୍ରୀ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି।

## ୨ ନାବାଳକ ଚୋରଙ୍କୁ ପୁଲିସ ଜିମାଦେଲେ ଗ୍ରାମବାସୀ

**ଧର୍ମଶାଳା,୨୧।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଧର୍ମଶାଳା ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମରୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘରେ ପଶି ଚୋରି କରି ନେଇ ଚାଲିଯାଇଥିଲେ। ପରଦିନ ଭୋର୍ ସମୟରେ ସ୍ଥାନୀୟ ଅଞ୍ଚଳରୁ ଚୋରି କରିଥିବା ଦୁଇ ନାବାଳକଙ୍କୁ ଧରି ପଚରାଉଚରା କରାଯିବା ପରେ ସେମାନେ ଏଥିରେ ସମ୍ପୃକ୍ତିକୁ ସ୍ୱୀକାର କରିଥିବା ବେଳେ ସେମାନଙ୍କୁ ଗ୍ରାମବାସୀ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଉକ୍ତ ଘରଟି ନଦୀବନ୍ଧ ପାର୍ଶ୍ୱରେ ହୋଇଥିବା ବେଳେ ଏହାର ଆଖପାଖରେ କୌଣସି ଗହଳିଚହଳି ନ ଥିଲା। ଭୋର୍ ସମୟରେ ଘରୁ ଚୋରି ହୋଇଥିବା ଜାଣି ପରିବାର ଲୋକେ ଘର ପଛପଟ ରାସ୍ତା ଦେଇ ଚୋରମାନେ ଯାଇଥିବା ସନ୍ଦେହ କରିଥିଲେ। ସେମାନଙ୍କ ସହ ଗ୍ରାମବାସୀ ମିଶି ଉକ୍ତ ଦୁଇ ନାବାଳକଙ୍କୁ କାବୁ କରିଥିଲେ। ଉକ୍ତ ନାବାଳକମାନେ ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରିଥିବା ପରିବାର ଲୋକେ କହିଛନ୍ତି। ପୁଲିସ୍ ଏନେଇ ଏକ ମାମଲା ରୁଜୁ କରିବା ସହ ଉକ୍ତ ଦୁଇ ନାବାଳକଙ୍କୁ ଅନ୍ୟ କେହି ସହଯୋଗ କରିଛନ୍ତି କି ନାହିଁ, ସେନେଇ ତଦନ୍ତ କରୁଥିବା ଥାନାଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି।

## ସ୍ୱାମୀ ଜୀବନ ନେଲା ପରପ୍ରେମରେ ବାୟା ସ୍ତ୍ରୀ



**ଧର୍ମଶାଳା,୨୧।୬(ସଂଚାର ବ୍ୟୁରୋ):** ବିଳମ୍ବିତ ରାତିରେ ସ୍ୱାମୀକୁ ମାରି ଶୁଆଇଦେଲେ ସ୍ତ୍ରୀ ଓ ପ୍ରେମିକ । ଏବେ ସ୍ତ୍ରୀ ଆଉ ପ୍ରେମିକକୁ ପୋଲିସ ଜିମା ଦେଲେ ଗାଁ ଲୋକେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଛାନଭିନ୍ କରୁଛି । ତଳେ ଗଡ଼ିଯାଉଛି ସ୍ତ୍ରୀ । ପ୍ରେମିକ କହୁଛି ମୁଁ କିଛି କରିନି ମୋତେ ଛାଡ଼ିଦିଅ । ଏହି ଘଟଣାରେ ମୋତେ ଫସେଇ ଦିଆଯାଇଛି। ମୃତ ସ୍ୱାମୀ ଜଣକ ହେଲେ ରମାକାନ୍ତ ଘୋଷ । ଅଟକ ଥିବା ପ୍ରେମିକ ଜଣକ ହେଲେ ମାନସ ଘୋଷ । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଗୋବରଘଟା ଗ୍ରାମପଂଚାୟତ ଅଗ୍ରୱାଲା ଛକଠାରେ ରମାକାନ୍ତ ଘୋଷ ଏକ ଚା ପାନ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ୧୦ ବର୍ଷର ପୁଅ ଅଛି । ଆଜି ସକାଳେ ରମାକାନ୍ତଙ୍କୁ ଏ ଅବସ୍ଥାରେ ଗାଁ ଲୋକେ ଦେଖିବାକୁ ପାଇଥିଲେ। ରମାକାନ୍ତଙ୍କ ସ୍ତ୍ରୀ ଏବଂ ପ୍ରେମିକ ମାନସ ଘୋଷ ମିଶି ସ୍ୱାମୀକୁ ମାରି ଜୀବନ ହାରିବାର ରୂପ ଦେଉଥିବା ସନ୍ଦେହ କରି ସ୍ତ୍ରୀ ଜାହ୍ନବି ଓ ପ୍ରେମିକ ମାନସକୁ ଗାଁ ଲୋକେ ଅଟକ ରଖି ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା ବେଳେ ପ୍ରେମିକ ମାନସ ଘୋଷକୁ ଅଟକ ରଖି ତଦନ୍ତ ଜାରି ରଖିଛି । ଏନେଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିବା ବେଳେ ପ୍ରେମିକ ମାନସ ଘୋଷକୁ ଅଟକ ରଖି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଫିଟିବ ଗୁମର ଏହା ହତ୍ୟା କି ଅନ୍ୟ କିଛି । ଏପଟେ କୁହାଯାଉଛି ପ୍ରେମିକ ମାନସଙ୍କର ରମାକାନ୍ତ ସ୍ତ୍ରୀଙ୍କ ସହ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା ଏବଂ ଦୁଇଥର ଧରାପଡ଼ିଥିଲେ । ଏହି କଥାକୁ ନେଇ ରମାକାନ୍ତ ତାଙ୍କ ସ୍ତ୍ରୀ ମଧ୍ୟରେ ଅନେକ ଥର ଝଗଡ଼ା ହୁଏ। ଏହି ଘଟଣାର ୩ ଦିନ ତଳେ ମଧ୍ୟ ସ୍ୱାମୀ ସ୍ତ୍ରୀ ଭିତରେ ଝଗଡ଼ା ହେବା ନେଇ ରମାକାନ୍ତଙ୍କ ମା କହିଛନ୍ତି । ୩ ଦିନ ସ୍ୱାମୀ ସ୍ତ୍ରୀ କଥାବାର୍ତ୍ତା ହେଉନଥିଲେ । ଏବେ ସ୍ୱାମୀର ଜୀବନ ଚାଲିଗଲା ।

# ଜୁଲାଇ ୯ ହରତାଳକୁ ସଫଳ କରିବାକୁ ଏଆଇଟିୟୁସିର ଆହ୍ୱାନ


**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଏଆଇଟିୟୁସି ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ରାଜ୍ୟ ସଭାପତି ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ୍ ସହ ଆଇଏଲ୍‌ସି ଅଧିବେଶନ, ନିୟମାନୁସାରେ ବୈଠକ, ପୁରୁଣା ପେନ୍‌ସନ୍ ଲାଗୁ, ସ୍କିମ୍ ୱାର୍କର୍ସ ଯଥା ଆଶା, ଅଙ୍ଗନୱାଡ଼ି ଓ ପାଚିକାଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ଦରବୃଦ୍ଧି ବନ୍ଦ, ଜାତୀୟ ଶିକ୍ଷା ନୀତି-୨୦୨୦ ବାତିଲ୍, ବେରୋଜଗାରଙ୍କୁ ନିଯୁକ୍ତି, କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ଆଇନ୍ ପ୍ରଣୟନ ସମେତ ବିଭିନ୍ନ ଦାବି ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ପକ୍ଷରୁ ଆସନ୍ତା ୯ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳ ପାଇଁ ଦିଆଯାଇଥିବା ଡାକରାକୁ ସଫଳ କରିବା ସକାଶେ ଆହ୍ୱାନ ଦିଆଯାଇଛି। ଗତ ମେ' ୩୦ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ମିଳିତ ଜାତିସଂଘର ମୁଖ୍ୟ ଦପ୍ତର ଜେନେଭାରେ ଅନ୍ତର୍ଜାତୀୟ ଶ୍ରମିକ ସଂଗଠନ (ଆଇଏଲ୍‌ଓ)ର ୧୧୩ତମ ଆନ୍ତର୍ଜାତୀୟ ଶ୍ରମ କନ୍‌ଭେନ୍‌ସନ୍‌ରେ ଯୋଗଦେଇ କ୍ରମବର୍ଦ୍ଧିଷ୍ଣୁ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକ ବିଶେଷକରି ଆଇଟି, ରିଟେଲ୍ ଟ୍ରେଡ୍‌ରେ କାର୍ଯ୍ୟରତ ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ସମସ୍ତ ଦେଶ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ପାଇଁ ସୁପାରିସ୍ କ୍ଷେତ୍ରରେ ଭାରତରୁ ଏଆଇଟିୟୁସିକୁ ପ୍ରତିନିଧିତ୍ୱ କରି ଉକ୍ତ ବର୍ଗର ଶ୍ରମିକ ଶ୍ରେଣୀ ସ୍ୱାର୍ଥପାଇଁ ବୈପ୍ଳବିକ ପଦକ୍ଷେପ ନେଇ ଫେରିଥିବା ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ୍ ବିଜୟ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଜେନାଙ୍କର ଆଇଏଲ୍‌ଓ କନ୍‌ଭେନ୍‌ସନର ଅଭିଜ୍ଞତା ସମ୍ପର୍କରେ ସ୍ୱତନ୍ତ୍ର ସୂଚନା ଓ ରାଜ୍ୟସ୍ତରୀୟ ଶ୍ରମିକ କର୍ମଚାରୀ ବନ୍ଧୁମିଳନ ସମାରୋହ ଆସନ୍ତା ୩୦ରେ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ବୈଠକ ପ୍ରାରମ୍ଭରେ ଦିବଂଗତ ନେତା ଅନିତ୍ ଚକ୍ରବର୍ତ୍ତୀ, ଦିବାକର ନାୟକ, ସୁରେଶ ବାରିକ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ପୋଖରୀରେ ଭାସୁଛି ଶହ ଶହ ମଲା ମାଛ



**ଭଦ୍ରକ,୨୧।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ଜଗଦଲପୁର ଗାଁର ଦୁଇଟି ପୋଖରୀରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର ମଲା ମାଛ ଭାସୁଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳରେ ଏକ ଦୁର୍ଗନ୍ଧପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି। ଗତ ଦୁଇ ଦିନ ଧରି ଗାଁରେ ଏପରି ଏକ ପରିବେଶ ସୃଷ୍ଟି ହୋଇଥିବାରୁ ଲୋକେ ନାହିଁନଥିବା ସମସ୍ୟା ଭୋଗୁଛନ୍ତି। ଏପରିକି ଘରୁ ବାହାରିଲେ ଦୁର୍ଗନ୍ଧରେ ନାକ ଫାଟିଯାଉଛି। ଏନେଇ ଗ୍ରାମାଞ୍ଚଳ ପୁଲିସ ଓ ସ୍ଥାନୀୟ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ତେଣୁ ବାଧ୍ୟ ହୋଇ ଶେଷରେ ଗ୍ରାମବାସୀ ସ୍ଥାନୀୟ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଥିବା ଜଣାପଡ଼ିଛି।ମିଳିଥିବା ସୂଚନାନୁସାରେ, ଭଦ୍ରକ ବ୍ଲକ୍ ଅଧୀନସ୍ଥ ଜଗଦଲପୁର ପଞ୍ଚାୟତର ଗୋପାଳୀ ଗାଁରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଦୁଇଟି ବଡ଼ ପୋଖରୀ ରହିଛି ଯାହାର ନାମ କଚେରୀ ପୋଖରୀ ଓ ଗାଣ୍ଡୁଆ ପୋଖରୀ। ଏହି ପୋଖରୀକୁ ଗ୍ରାମବାସୀ ନିଜର ନିତ୍ୟକର୍ମ ପାଇଁ ବ୍ୟବହାର କରିଆସୁଛନ୍ତି। ଗାଁର ଶଙ୍କର୍ଷଣ ନାୟକ ନାମକ ଜନୈକ ବ୍ୟକ୍ତି ଏହି ପୋଖରୀକୁ ଲିଜ୍‌ରେ ନେଇ ମାଛ ଚାଷ କରିଥିଲେ। ଏହି ପୋଖରୀରେ ସେ ବିଭିନ୍ନ ପ୍ରକାରର ମାଛ ଛାଡ଼ିଥିଲେ। କିନ୍ତୁ ହଠାତ ଗତ ଗୁରୁବାର ରାତିରେ କିଛି ଲୋକେ ଏକ ଗାଡ଼ିରେ ଆସି ଉକ୍ତ ପୋଖରୀରେ କିଛି ପକାଉଥିବା ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଦେଖିବାକୁ ପାଇଥିଲେ। ସେମାନେ ହୋହଲ୍ଲା କରିବା ଫଳରେ ଉକ୍ତ ସନ୍ଦିଗ୍ଧମାନେ ସେଠାରୁ ପଳାଇଯାଇଥିଲେ। ପରଦିନ ସକାଳେ ପୋଖରୀର ମାଛଗୁଡ଼ିକ ମରି ଭାସୁଥିବା ଲୋକେ ଦେଖିବା ପରେ ଉକ୍ତ ସନ୍ଦିଗ୍ଧମାନେ ବିଷ ପ୍ରୟୋଗ କରିଥିବା ନେଇ ନିଶ୍ଚିତ ହୋଇଥିଲେ। ଏନେଇ ଗ୍ରାମବାସୀ ତୁରନ୍ତ ସ୍ଥାନୀୟ ପୁଲିସ ଓ ପଞ୍ଚାୟତର ସରପଞ୍ଚଙ୍କୁ ଅବଗତ କରାଇଥିଲେ। ପରେ ସରପଞ୍ଚ ବିଡିଓଙ୍କୁ ଜଣାଇ ଏ ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରିଥିଲେ। କିନ୍ତୁ ପରିସ୍ଥିତିରେ କୌଣସି ପ୍ରକାର ସୁଧାର ଆସିନଥିବାରୁ ଲୋକଙ୍କୁ ଘରୁ ବାହାରିବା ସମୟରେ ମୁହଁରେ କପଡ଼ା ବାନ୍ଧିବାକୁ ପଡୁଛି। ତେବେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଗ୍ରାମବାସୀ ଅନୁମାନ କରୁଛନ୍ତି।

# ଭିଜିଲାନ୍ସ ମାମଲାରେ ସରକାରୀ ପାଣ୍ଠି ସର୍ବାଧିକ ଆତ୍ମସାତ୍



**ଭୁବନେଶ୍ୱର,୨୧।୬:** ଭିଜିଲାନ୍ସ ଜାଲରେ ଯେତେ ସରକାରୀ କର୍ମଚାରୀ ପଡୁଛନ୍ତି ସେମାନଙ୍କ ମଧ୍ୟରେ ସର୍ବାଧିକ ସରକାରୀ ପାଣ୍ଠି ଆତ୍ମସାତ୍ ଘଟଣାରେ ଜଡିତ ଥିବା ବେଳେ ଏହା ପଛକୁ ଲାଞ୍ଚ ନେଇ ଧରାପଡୁଥିବା ସରକାରୀ ବାବୁମାନେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତୃତୀୟ ସ୍ଥାନରେ ରହିଛନ୍ତି ଆୟବହିର୍ଭୂତ ସମ୍ପତ୍ତି ଠୁଳକାରୀ।

ଗତବର୍ଷ ଭିଜିଲାନ୍ସ ଜାଲରେ ପଡିଥିବା ୩୪୫ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ତାଲିକାରୁ ଏହା ଜଣାଯାଇଛି। ଧରାପଡିଥିବା ଏହି କର୍ମଚାରୀଙ୍କ ମଧ୍ୟରେ ସର୍ବାଧିକ ୧୨୪ ଜଣଙ୍କ ବିରୁଦ୍ଧରେ ସରକାରୀ ପାଣ୍ଠି ଆତ୍ମସାତ୍ ମାମଲା ରୁଜୁ ହୋଇଛି। ଏମାନେ ୧୫ କୋଟି ଟଙ୍କାରୁ ଅଧିକ ପାଣ୍ଠି ଆତ୍ମସାତ୍ କରିଥିବା ଦର୍ଶାଯାଇଛି। ମାମଲା ରୁଜୁ ହୋଇଥବା ୧୨୪ ଜଣଙ୍କ ମଧ୍ୟରେ ୧୦ ଜଣ ପ୍ରଥମ ଶ୍ରେଣୀ ପାହ୍ୟାର ଅଧିକାରୀ ଥିବା ବେଳେ ୫୧ ଜଣ ତୃତୀୟ ଶ୍ରେଣୀ ପାହ୍ୟାର ରହିଛନ୍ତି।

ସେହିଭଳି ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ୧୧୫ ଜଣଙ୍କ ବିରୋଧରେ ମାମଲା ହୋଇଛି। ଏମାନେ ୧୯ ଲକ୍ଷ ଟଙ୍କାରୁ ଅଧିକ ଲାଞ୍ଚ ନେଉଥିବା ବେଳେ ୯୬ଟି ଫନ୍ଦି ମାମଲାର ସମ୍ମୁଖୀନ ହୋଇଛନ୍ତି। ଲାଞ୍ଚ ନେଇ ମାମଲା ଖାଇଥିବା ଅଧିକାରୀଙ୍କ ମଧ୍ୟରେ ୧୩ ଜଣ ପ୍ରଥମ ଶ୍ରେଣୀ, ୧୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୮ ଜଣ ତୃତୀୟ ଶ୍ରେଣୀ ପାହ୍ୟାର ସରକାରୀ ବାବୁ ରହିଛନ୍ତି। ଏମାନଙ୍କ ପଛକୁ ରହିଛନ୍ତି ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ବାବୁ । ୧୩୩କୋଟି ଟଙ୍କାରୁ ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ୧୦୬ ଜଣଙ୍କ ବିରୁଦ୍ଧରେ ୬୨ଟି ମାମଲା ହୋଇଛି । ଏମାନଙ୍କ ମଧ୍ୟରେ ୩୧ଜଣ ପ୍ରଥମଶ୍ରେଣୀ ପାହ୍ୟାର ଅଧିକାରୀ ଥିବାବେଳେ ୧୬ଜଣ ଦ୍ୱିତୀୟଶ୍ରେ ଓ ୨୧ଜଣ ତୃତୀୟଶ୍ରେଣୀ ପାହ୍ୟାର ରହିଛନ୍ତି । ଏହି ତାଲିକାରେ ୩୫ଜଣ ସାଧାରଣ ବ୍ୟକ୍ତି ବି ଅଛନ୍ତି ।

ଏହି ସୂଚନା ଅନୁଯାୟୀ ଗତବର୍ଷ ୩୪୧ଟି ଭିଜିଲାନ୍ସ ମାମଲାର ତଦନ୍ତ ସରିବା ସହିତ ୫୮ଜଣ ପ୍ରଥମ ଶ୍ରେଣୀ, ୫୭ ଜଣ ଦ୍ୱିତୀୟ ଶ୍ରେଣୀ, ୨୬୬ ଜଣ ତୃତୀୟ ଶ୍ରେଣୀ, ୧୭ ଜଣ ଚତୁର୍ଥ ଶ୍ରେଣୀ ସରକାରୀ ଅଧିକାରୀ/କର୍ମଚାରୀଙ୍କ ସମେତ ୨୬୧ ଜଣ ସାଧାରଣ ବ୍ୟକ୍ତିଙ୍କ ବିରୁଦ୍ଧରେ ୨୮୩ଟି ଅଭିଯୋଗପର୍ଦ୍ଧ ଦାଖଲ କରାଯାଇଛି ।

ଗତବର୍ଷ ଭିଜିଲାନ୍ସ ମାମଲାର ସମ୍ମୁଖୀନ ହୋଇଥିବା ୧୭୯ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ମୋକଦ୍ଦମାରେ ଗିରଫ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୩୭ଜଣ ପ୍ରଥମ ଶ୍ରେଣୀ ପାହ୍ୟାର ଅଧିକାରୀ ଥିବା ବେଳେ ୨୮ ଜଣ ଦ୍ୱିତୀୟ ଶ୍ରେଣୀ, ୮୨ ଜଣ ତୃତୀୟ ଶ୍ରେଣୀ, ୨ ଜଣ ଚତୁର୍ଥ ଶ୍ରେଣୀ ଓ ୨୧ଜଣ ସାଧାରଣ ବ୍ୟକ୍ତି ରହିଛନ୍ତି । ଏହି ତାଲିକାରେ ୯ ଜଣ ଅନ୍ୟ ସରକାରୀ କର୍ମଚାରୀ ବି ଅଛନ୍ତି ।

୨୦୨୪ରେ ୧୦୫ଟି ମକଦ୍ଦମାରେ ୧୪୭ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୮ ଜଣ ପ୍ରଥମ ଶ୍ରେଣୀ ପାହ୍ୟାର ଅଧିକାରୀ, ୧୮ ଜଣ ଦ୍ୱିତୀୟ ଶ୍ରେଣୀ, ୭୪ ଜଣ ତୃତୀୟ ଶ୍ରେଣୀ, ୬ଜଣ ଚତୁର୍ଥ ଶ୍ରେଣୀ, ୧୬ ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୧୫ ଜଣ ସାଧାରଣ ବ୍ୟକ୍ତି ଥିବା ଜଣାଯାଇଛି। (ତଥ୍ୟ)

# ନବୀନଙ୍କ ଆରୋଗ୍ୟ କାମନା କରି ଦୀପଦାନ



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ଭୁବନେଶ୍ୱର ରାମ ମନ୍ଦିର ପ୍ରାଙ୍ଗଣରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସଂଯୋଜନାରେ ବରିଷ୍ଠ ନାଗରିକଙ୍କ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରାଯିବା ସହ ହନୁମାନ ଚାଳିଶା ପାଠ କରାଯାଇଛି। ଶ୍ରୀ ପଟ୍ଟନାୟକ କିଭଳି ଶୀଘ୍ର ସୁସ୍ଥ ହୋଇ ଭୁବନେଶ୍ୱର ଫେରିବେ, ସେଥିପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ସାଧାରଣ ସମ୍ପାଦକ ବିଜୟ ନାୟକ, ମନ୍ମଥ ରାଉତରାୟ, ନାରୀନେତ୍ରୀ ସୁମିତ୍ରା ଜେନା, କସ୍ତୁରୀ ମହାପାତ୍ର, ପ୍ରୀତିନନ୍ଦା ରାଉତରାୟଙ୍କ ସହ ବହୁ ସଂଖ୍ୟାରେ କର୍ପୋରେଟର, ଯୁବଛାତ୍ର, ବିଭିନ୍ନ ନାଗରିକ ସଂଗଠନର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧି ଯୋଗ ଦେଇଥିଲେ।

SANCHAR ସଂଚାର

ସମ୍ପାଦକୀୟ

sanchar.live


### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ

ବିଭିନ୍ନ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଅଭିଯୋଗ ନୁଆ ନୁହେଁ। ଇନ୍ଦିରାଙ୍କ ସମୟରୁ ଏହି ଅଭିଯୋଗ ହୋଇଆସୁଛି। ସିବିଆଇ, ଇଡି, ଏନଆଇଏ ଭଳି କେନ୍ଦ୍ରୀୟ ସଂସ୍ଥାକୁ ଶାସନ କ୍ଷମତାରେ ଥିବା ଦଳ ବା ସରକାର ବିରୋଧୀ ନେତାଙ୍କ ବିରୋଧରେ ଏକ ଅମୋଘ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ସବୁ ସରକାର ସମୟରେ ହୋଇଆସୁଛି। ଜରୁରୀ ପରିସ୍ଥିତି ବେଳେ ଏହା ସର୍ବାଧିକ ସଂଖ୍ୟାରେ ଦେଖିବାକୁ ମିଳିଥିଲା। ୟୁପିଏ ସରକାର ସମୟରେ ମଧ ଏଭଳି ଅଭିଯୋଗ ହେଉଥିଲା। ଏକଦା ସୁପ୍ରିମକୋର୍ଟ ସିବିଆଇକୁ ଏକ ପିଞ୍ଜରାବଦ୍ଧ ଶୁଆ ଭାବେ ଅଭିହିତ କରିଥିଲେ। ସିବିଆଇର ମୁଖ୍ୟ ପଦରେ ସବୁ ବେଳେ ଶାସକ ଦଳର ସମର୍ଥକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବାର ନଜିର ରହିଛି। ଏବେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଅମଳରେ ଏହି ଅଭିଯୋଗ ଟିକେ ଅଧିକ ହୋଇଛି। କାରଣ ସିବିଆଇ, ଇଡି ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥା ଅଧିକ ସକ୍ରିୟ ହୋଇଛି। ବିରୋଧୀ ଦଳର ଅନେକ ନେତା ଭିନ୍ନ ଭିନ୍ନ ଅଭିଯୋଗରେ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। କେତେକ ଗିରଫ ହୋଇ ଜେଲ ଯାଇଛନ୍ତି। ଦୁଇ ବର୍ଷ ତଳେ୧୪ଟି ବିରୋଧୀ ଦଳ ମିଳିତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଅଭିଯୋଗ କରିଥିଲେ ଏବଂ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି କହିଥିଲେ। ଏହା ପରେ ସମ୍ପୃକ୍ତ ନେତାମାନେ ମିଳିତ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ସିବିଆଇ ଓ ଇଡି ଭଳି ତଦନ୍ତକାରୀ ସଂସ୍ଥାକୁ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟରେ ଉପଯୋଗ କରୁଛନ୍ତି। ବିରୋଧୀ ନେତାଙ୍କ ମୁହଁ ବନ୍ଦ କରିବା ଏବଂ ସେମାନଙ୍କୁ ଅପମାନିତ ବା ବଦନାମ କରିବା ପାଇଁ ମିଛ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଉଛି। ଯେଉଁମାନେ ବିଜେପିରେ ସାମିଲ ହେଉଛନ୍ତି ସେମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିଲେ ମଧ ସେମାନଙ୍କ ବିରୋଧରେ ତଦନ୍ତକୁ ଜାଣିଶୁଣି ଶିଥିଳ କରାଯାଉଛି। ପଶ୍ଚିମବଙ୍ଗରେ ଟିଏମସି, ବିହାରରେ ଆରଜେଡି, ମହାରାଷ୍ଟ୍ରରେ ଏନସିପି ଓ କଂଗ୍ରେସ ତଥା ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା, ଦିଲ୍ଲୀରେ ଆପ, ମଧପ୍ରଦେଶ, କର୍ଣ୍ଣାଟକ ଏବଂ ୟୁପିରେ କଂଗ୍ରେସକୁ ଟାର୍ଗେଟ କରାଯାଉଛି। କିନ୍ତୁ ସୁପ୍ରିମକୋର୍ଟ ବିରୋଧୀ ଦଳର ଏହି ଅଭିଯୋଗକୁ ଗ୍ରହଣ କରିନାହାଁନ୍ତି ଏବଂ ପିଟିସନର ଶୁଣାଣୀ କରିବାକୁ ମନା କରି ଦେଇଛନ୍ତି। ଏହା ପରେ ମିଳିତ ବିରୋଧୀ ଦଳ ପକ୍ଷରୁ ଓକିଲ ଅଭିଷେକ ମନୁ ସିଂହଭି ପିଟିସନକୁ ପ୍ରତ୍ୟାହାର କରି ନେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧୀ ଦଳମାନଙ୍କ ପାଇଁ ଶକ୍ତ ଚାପୁଡ଼ା ସଦୃଶ ହୋଇଛନ୍ତି। ଏହି ମାମଲା ନେଇ ପ୍ରଧାନବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୁଡ଼ କହିଛନ୍ତି ଯେ, ରାଜନେତାମାନେ ନିଜକୁ ସାଧାରଣ ଲୋକଙ୍କଠାରୁ ବଡ଼ ବୋଲି ଭାବିବା ଅନୁଚିତ। ଆଇନ ସମସ୍ତଙ୍କ ପାଇଁ ସମାନ। ଏଭଳି ଏକ ସାମଗ୍ରୀକ ଅଭିଯୋଗ ଆଧାରରେ ଶୁଣାଣୀ କରାଯାଇପାରିବ ନାହିଁ। ଯଦି କୌଣସି ନିର୍ଦ୍ଦିଷ୍ଟ ଘଟଣାରେ କିଛି ଅଭିଯୋଗ ରହିଛି ତେବେ ଏହାକୁ ପ୍ରମାଣ ସହ ଉପସ୍ଥାପନ କରାଯାଇପାରିବ। କିନ୍ତୁ ସବୁ କଥାକୁ ଏକାଠି କରି ସାମଗ୍ରୀକଭାବେ ସିବିଆଇ ବା ଇଡିର ଦୁରୁପଯୋଗ ଅଭିଯୋଗ ଗ୍ରହଣୀୟ ନୁହେଁ। ଯେଉଁମାନଙ୍କ ବିରୋଧରେ ଦୁର୍ନୀତି ବା ଅପରାଧିକ ମାମଲା ରହିଛି ସେମାନଙ୍କ ବିଚାର କୋର୍ଟ କରିବେ। ସିବିଆଇ ବା ଇଡି ନୁହେଁ। ତଦନ୍ତକାରୀ ସଂସ୍ଥା କେବଳ ଚାର୍ଜସିଟ ଦାଖଲ କରିବେ। ଏହାର ବୈଧତା, ସତ୍ୟତା ଏବଂ ଗ୍ରହଣୀୟତା କୋର୍ଟ ବିଚାର କରିବେ। ଯଦି ଅଭିଯୁକ୍ତଙ୍କ ବିରୋଧରେ କିଛି ପ୍ରମାଣ ନଥିବ ତେବେ ସେ ନିର୍ଦ୍ଦୋଷରେ ଖଲାସ ହେବେ। ଏଥିରେ ରାଜନୈତିକ ଅଭିସନ୍ଧିର କୌଣସି ଗୁରୁତ୍ୱ ନାହିଁ। ରାଜନୈତିକ ଦୃଷ୍ଟିଭଙ୍ଗୀ ରଖି ସିବିଆଇ ବା ଇଡି ଭଳି ସଂସ୍ଥାର ବିଶ୍ୱସନୀୟତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ରାଜନୈତିକ ଦୃଷ୍ଟି ଭଙ୍ଗୀରେ ସ୍ୱାଗତଯୋଗ୍ୟ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ମନ୍ତବ୍ୟ ପରେ ବିରୋଧୀ ଥମି ଯାଇଛନ୍ତି। ପଶ୍ଚିମବଙ୍ଗରେ ଚିଟଫଣ୍ଡ ଦୁର୍ନୀତିରେ ଶାସକ ଟିଏମସିର ଅନେକ ନେତା ସମ୍ପୃକ୍ତ ଥିଲେ। ତେଣୁ ସିବିଆଇ ଏହି ମାମଲାରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସ୍ୱାଭାବିକ। ସେହିପରି ବିହାରରେ ଲାଲୁ ଯାଦବଙ୍କ ବିରୋଧରେ ଅଭିଯୋଗର ଲମ୍ବା ଫର୍ଦ୍ଦ ରହିଛି। ଝାଡ଼ଖଣ୍ଡରେ କ୍ଷମତାସୀନ ଜେଏମଏମ ଖଣି ଦୁର୍ନୀତିରେ ସମ୍ପୃକ୍ତ ଥିବା ସମସ୍ତେ ଜାଣନ୍ତି। ମହାରାଷ୍ଟ୍ରରେ ଏନସିପି ଓ କଂଗ୍ରେସ ନେତାମାନେ ମାଫିଆଙ୍କ ସହ ସମ୍ପର୍କ ରକ୍ଷା କରି ବିପୁଳ ପରିମାଣର ଚାନ୍ଦା ଆଦାୟ କରନ୍ତି। ତେଣୁ ସେମାନଙ୍କୁ ବାନ୍ଧିବାରେ କିଛି ଅସୁବିଧା ନାହିଁ। ଦିଲ୍ଲୀରେ ମନିଷ ସିସୋଦିଆ ବା ସତ୍ୟେନ୍ଦ୍ର ଜୈନ ଯଦି ବାସ୍ତବରେ ନିର୍ଦ୍ଦୋଷ ଏବଂ ସ୍ୱଚ୍ଛ ତେବେ ସେମାନେ ଦିନେ କୋର୍ଟରେ ନିର୍ଦ୍ଦୋଷ ପ୍ରମାଣିତ ହେବେ। ବିରୋଧୀ ନେତାମାନେ ବିଚଳିତ ନହୋଇ ଆଇନ ଉପରେ ଭରସା ରଖିବା ଉଚିତ। ଏକଥା ସତ୍ୟ ଯେ, ଅନେକ ସମୟରେ ସିବିଆଇ ବା ଇଡି ଅଭିଯୁକ୍ତଙ୍କ ବିରୋଧରେ ଉପଯୁକ୍ତ ପ୍ରମାଣ ସଂଗ୍ରହରେ ବିଫଳ ହେଉଛି। ବିନା ଚାର୍ଜସିଟରେ ଅଭିଯୁକ୍ତ ମାସ ମାସ ଧରି ଜେଲରେ ସଢୁଛନ୍ତି। ସେମାନଙ୍କ ଜାମିନ ଆବେଦନକୁ କୋର୍ଟରେ ତଦନ୍ତକାରୀ ସଂସ୍ଥା ବିରୋଧ କରୁଛି। ସୁପ୍ରିମକୋର୍ଟ ଏହାକୁ ଅନୁଚିତ ବୋଲି ଦର୍ଶାଉଛନ୍ତି। ଅନ୍ୟ ସରକାରୀ ବିଭାଗ ଭଳି ସିବିଆଇ ଏବଂ ଇଡିରେ ମଧ ଦୁର୍ନୀତିଗ୍ରସ୍ତ ଅଫିସର ଅଛନ୍ତି। କିଛି ଦୁର୍ନୀତିଗ୍ରସ୍ତଙ୍କ ପାଇଁ ବିଭାଗ ବଦନାମ ହେଉଛି। କିନ୍ତୁ ସାମଗ୍ରୀକଭାବେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଗୁରୁତ୍ୱ ବା ନିରପେକ୍ଷତା ପ୍ରତି ପ୍ରଶ୍ନ ଉଠାଇବା ଅନୁଚିତ। ଆଇନ ସମସ୍ତଙ୍କ ପାଇଁ ସମାନ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବିନା ପ୍ରମାଣରେ କାହାକୁ ଜେଲରେ ରକିପାରିବ ନାହିଁ। ବିନା ଦୋଷରେ କେହି ଦଣ୍ଡିତ ହେବେ ନାହିଁ। ତେଣୁ ସିବିଆଇ, ଇଡି, ଏନଆଇଏ ବା ଆୟକର ବିଭାଗ ବିରୋଧରେ ପକ୍ଷପାତ ଅଭିଯୋଗ ଏବଂ ସେମାନେ ଆତଙ୍କରାଜ ଚଳାଉଥିବା ଅଭିଯୋଗ ଠିକ ନୁହେଁ। ତେବେ ସମୟ ଆସିଛି ଏହିସବୁ ସଂସ୍ଥାର ନିରପେକ୍ଷତା ଏବଂ ବିଶ୍ୱସନୀୟତା ବଢ଼ାଇବାକୁ, ଭାବମୂର୍ତ୍ତୀ ଅକ୍ଷୁର୍ଣ୍ଣ ରକିବାକୁ ଆଇନରେ କିଛି ପରିବର୍ତ୍ତନ କରାଯିବା ଉଚିତ।




# ବୃଦ୍ଧାଶ୍ରମର ଅନ୍ତର କଥା



## ଡଃ ବିଜ୍ଞାନ ମହାନ୍ତି

ସେ ଦିନ ଥିଲା ଷଟତିଳା ଏକାଦଶୀ। ଆମେ ଘରଲୋକ ସମସ୍ତେ ଯାଇଥିଲୁ ଓଲ୍ଡଟାଉନର ଏକ ବୃଦ୍ଧାଶ୍ରମକୁ। ସମସ୍ତେ ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ପଦାର୍ଥ ନେଇକରି। ସେଦିନଟି ଥିଲା ମୋ ବାପାଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ। ଆଗରୁ ବୃଦ୍ଧାଶ୍ରମର କର୍ମକର୍ତ୍ତାଙ୍କୁ କହିଥିଲୁ, ସେଦିନ ଆମେ ସମସ୍ତ ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ରୋଷେଇ କରି ନେବୁବୋଲି। ପ୍ରାୟ ୩୫-୪୦ ଜଣ ଅନ୍ତେବାସୀ ସେହି ବୃଦ୍ଧାଶ୍ରମରେ ରହନ୍ତି। ଖାଇବା ନେଇକରି ଗଲାପରେ କର୍ମକର୍ତ୍ତାମାନେ ପ୍ରଥମେ ଜଣେ ଅତି ବୃଦ୍ଧ ଲୋକଙ୍କୁ ଖାଇବାକୁ ଦେଲେ। ମୋ ମନରେ ପ୍ରଶ୍ନ ଉଠିଲା। କଣ ପାଇଁ ତାଙ୍କୁ ଆଗେ ଖାଇବାକୁ ଦେଲେ। ସେମାନେ କହିଲେ ସେ ପରା "ନାଗୁ ଅଜା" ସମସ୍ତଙ୍କଠାରୁ ବୟସ୍କ, ତେଣୁ ତାଙ୍କ ପାଇଁ ଆଗ ଖାଇବାକୁ ଦେଲୁ। "ନାଗୁ ଅଜା" ମୋ ସ୍ତ୍ରୀଙ୍କର ସଂପର୍କୀୟ "ନାଗୁ ମାମୁଁ" ମୋ ବଡ ଶଶୁରଙ୍କର ଅତି ଘନିଷ୍ଠ ବନ୍ଧୁ। ଓଡିଶା ସରକାରଙ୍କର ଜଣେ ପଦସ୍ଥ ଅଧିକାରୀ ଥିଲେ। ସେ ଅବିବାହିତ, ପିଲାପିଲି କହିଲେ ତାଙ୍କର ନିଜର କେହି ନାହାନ୍ତି, ଯାହା ତାଙ୍କର ପୁତୁରା ଝିଆରୀ ମାନେ। ଅବସର ପରେ କାହା ଉପରେ ବୋଝ ନହୋଇ ନିଜେ ଏଇ ବୃଦ୍ଧାଶ୍ରମରେ ରହିଛନ୍ତି। ପେନସନ ପଇସାରୁ ପ୍ରାୟ ୭୦ ଭାଗ ବୃଦ୍ଧାଶ୍ରମକୁ ସେ ଦେଇଥାନ୍ତି। ଯେମିତି ସେ ଏଇ ବୃଦ୍ଧାଶ୍ରମକୁ ଚଳାଉଛନ୍ତି। ସେଥିପାଇଁ ସମସ୍ତେ ତାଙ୍କର ଯତ୍ନ ନିଅନ୍ତି। ସେ ଏହା ଭିତରେ ରୋଗୀଣା ହୋଇଗଲେଣି। ବୟସ ପାଖାପାଖି ସେତେ ବେଳକୁ 90ରୁ ଅଧିକ ହେବ।

"ନାଗୁ ମାମୁଁ" ଙ୍କ ଛଡା ସେଠାରେ ବହୁତ ବୃଦ୍ଧବୃଦ୍ଧା ରହୁଥାଆନ୍ତି। ସମସ୍ତଙ୍କୁ ଖାଇବାକୁ ଦେଲାବେଳେ ତାଙ୍କର ଭଲମନ୍ଦ ପଚାରି ମୋ ସ୍ତ୍ରୀ ଓ ଶଳାଭାଉଜ ବୁଝୁଥାନ୍ତି। କେଏ କହୁଥାଏ ମୋର ଆଉ କେହି ନାହାନ୍ତି, କିଏ କହୁଥାଏ ପିଲାମାନେ ମୋତେ ପଚାରିଲେ ନି, କିଏ କହୁଥାଏ ପିଲାମାନେ ସମସ୍ତେ ବିଦେଶରେ ରହନ୍ତି ଇତ୍ୟାଦି ଇତ୍ୟାଦି। ସେମାନଙ୍କ ମଧରୁ ଜଣେ ମାଉସୀ ଖାଇବା ନେଇକରି ତାଙ୍କ ରୁମକୁ ଚୁପଚାପ ଚାଲିଗଲେ। ମୋ ମନରେ ଉତକଣ୍ଠା ହେଲା। ମୁଁ ତାଙ୍କ ପଛେପଛେ ତାଙ୍କ ରୁମ୍ ପର୍ଯ୍ୟନ୍ତ ଗଲି। ମୋତେ ଦେଖି ସେ ଖାଇବାକୁ ଲୁଚାଇଦେଲେ। କର୍ମଚାରୀମାନେ ତାଙ୍କ ପାଖକୁ ଏହି ସମୟରେ ଯିବାକୁ ମନାକଲେ। ତାଙ୍କ ପାଖକୁ ଗଲେ ସେ ଆଉ ନ ଖାଇ ସବୁଖାଦ୍ୟ ଫୋପାଡି ଦେବେ। ତାଙ୍କ ଖାଇବା ସରିବା ପର୍ଯ୍ୟନ୍ତ ଆମେ ସମସ୍ତେ ଅପେକ୍ଷା କଲୁ। ତା ପରେ ତାଙ୍କ ପାଖରେ ବସି ଗପସପ ଆରମ୍ଭ କରିଦେଲୁ। ଗପୁ ଗପୁ ସେ ତାଙ୍କ ବିଷୟରେ କହି ପକାଇଲେ। ପୁଅ ବୋହୁ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ସମସ୍ତେ ତାଙ୍କର ଅଛନ୍ତି। ବୁଢା ଚାଲିଗଲା ପରେ, ପୁଅ ଆଣି ମୋତେ ଏଠାରେ ଛାଡିଦେଇ ଯାଇଛି। ଝିଅକୁ ଜନ୍ମ ଦେଇଥିଲି, ସେ ମଧ ମୋତେ ପାଖରେ ରଖିବାକୁ ମନାକଲା। ମୁଁ ପୁଅ ପାଖରେ ରହିବା ଦ୍ୱାରା ତା' ଶ୍ୱଶୁର ଘର ଲୋକ ଯା ଆସ କରିପାରୁନଥିଲେ କି ମୋତେ ଏକୁଟିଆ ଛାଡି କୁଆଡେ ଯାଇ ଆସି ପାରୁନଥିଲେ। ବୋହୁ ମୋର କହିଲା ମୋ ପାଇଁ ତାଙ୍କର ବହୁତ ଖର୍ଚ୍ଚ ହେଉଛି। ତେଣୁ ଆଶ୍ରମରେ ଛାଡିଦେଲେ ଭଲ। ପ୍ରାୟ ବର୍ଷେ ହେବ ପୁଅ ଆଣି ଏଠାରେ ରଖିଦେଇ ଯାଇଛି ଯେ ସେଦିନଠାରୁ ତାର ଆଉ ଦେଖା ନାହିଁ। ମୋର ପେନସନ ଟଙ୍କାରେ ମୁଁ ଚଳି ଯାଉଛି। ଏଠାର ଲୋକମାନେ ବହୁତ ଭଲ। ମୋତେ ବହୁତ ଭଲ ପାଆନ୍ତି ଓ ମୋର ଯତ୍ନ ନିଅନ୍ତି। ମୋତେ ଆସି ୭୦ ପୁରିଲାଣି, ଆଉ କେତେ ଦିନ ବା ବଞ୍ଚିବି। ହାତଗୋଡ ଚାଲୁଥିବା ବେଳେ ମରିଗଲେ ଭଲ। ଭଗବାନ ଏ ଆଶ୍ରମ କର୍ମକର୍ତ୍ତା ମାନଙ୍କୁ ଦେବଦୂତ କରି ଆମ ପାଖକୁ ପଠାଇଛନ୍ତି। ଏତେ ଭଲ ଏମାନେ ସବୁ ନିଜ ପୁଅ ଝିଅଙ୍କ ଠାରୁ ବି ଅଧିକ। ଏ କଥା ଶୁଣି ମୁଁ ପଚାରିଲି ମାଉସୀ ପିଲାମାନଙ୍କ କଥା ତମର ମନେ ପଡୁନି ? ସେ କହିଲେ ପ୍ରଥମେ ପ୍ରଥମେ ମନେ ପଡୁଥିଲା ଏବେ ଆଉ କାହାକଥା ମନେ ପଡୁନି। ମୋର ଏ ଦୁନିଆଁରେ ଆଉ କେହି ନାହାନ୍ତି ଆଉ ଏଇ ଲୋକମାନଙ୍କୁ ଛାଡିଦେଲେ। ଏମାନଙ୍କ ପାଖରେ ଅଛି, ରହିବି ଓ ଶେଷରେ ତାଙ୍କରି ପାଖରେ ମରିବି। ମରିଗଲେ ମୋତେ ପୋଡିଦେବେ, ମୋ ପାଇଁ ଟିକେ ନିଶ୍ଚୟ କାନ୍ଦିବେ। ଏମାନେ ବର୍ତ୍ତମାନ ମୋର ସଂସାର। ମୁଁ ସବୁବେଳେ ଠାକୁରଙ୍କୁ ଡାକୁଛି କେମିତି ମୋର ହାତଗୋଡ ଚାଲୁଥିବା ବେଳେ ମୁଁ ମରିଯାଏ। ଏହି ବିଚିତ୍ର ଦୁନିଆଁରୁ ମୁକ୍ତି ମିଳିଯିବ। ମୁଁ କହିଲି ମାଉସୀ ଏମିତି କଣ ପାଇଁ କହୁଛନ୍ତି। ସେ କହିଲେ ବାପାରେ ମୁଁ ସବୁବେଳେ ଠାକୁରଙ୍କୁ ଡାକୁଛି, କାହାରିକୁ ଏମିତି ପୁଅ ଝିଅ ଦିଅନ୍ତୁ ନି, ଆଣ୍ଠୁକୁଡା କରିଦିଅନ୍ତୁ ପଛେ। ସେମାନେ କଣ ପିଲା ଜନ୍ମ କରି ନାହାନ୍ତି। ଭୋଗିବେ ଭୋଗିବେ। ଯେମିତି ମୋତେ ଏହି ବୃଦ୍ଧାଶ୍ରମରେ ଆଣି ମୋ ପୁଅ ଝିଅ ଛାଡି ଦେଇଛନ୍ତି, ସେମିତି ତାଙ୍କ ପିଲାମାନେ ମଧ ସେମାନଙ୍କୁ ଏଠାରେ ଛାଡିଦେଇ ଯିବେ। ସେତେବେଳେ ଯାଇ ସେମାନେ ସବୁ ଏ କଥା ବୁଝିବେ। ମୁଁ ବୃଦ୍ଧାଶ୍ରମର କର୍ମକର୍ତ୍ତାଙ୍କୁ କହି ମୋ ପୁଅ ଝିଅଙ୍କ ଦୁଇଟି ଜାଗା ରଖିଥିବେ। ସେମାନେ ଆସି ରହିବେ। କହୁ କହୁ ତାଙ୍କ ଆଖିରେ ଲୁହ ଭରିଗଲା। ଯେତେ ହେଲା ସେ ମା'। ମା' କେବେ କଣ ପିଲାମାନଙ୍କୁ ଅଭିଶାପ ଦେଇପାରିବ। ତଥାପି ମାଉସୀଙ୍କୁ ଏତେ ବାଧିଚି, ଯାହା ପାଇଁ ସେ ନ ଚାହିଁ ବି ଆପେ ଆପେ ତା'ଙ୍କ ପାଟିରୁ ଅଭିଶାପ ଗୁଡାକ ଓଜାଡି ହୋଇ ପଡୁଥିଲା।



ସେତେବେଳକୁ ଦିନ ୪ଟା ହୋଇଗଲାଣି। ଆସକୁ ସେଠାରୁ ଗାଁକୁ ଯିବାର ଥିଲା। ଆମେ ଗାଁକୁ ବାହାରି ପଡିଲୁ। ବାପାଙ୍କର ପ୍ରଥମ ଶ୍ରାଦ୍ଧ ଉତ୍ସବରେ ଗାଁରେ ପ୍ରୀତି ଭୋଜନ ଦେବାପାଇଁ। ଅଜବ ଏ ଦୁନିଆଁ। ଯେଉଁ ମା' ଦଶମାସ ଦଶଦିନ ଗର୍ଭରେ ଧରି ନିଜ ପିଲାକୁ ଜନ୍ମ ଦେଇ ବଡ ମଣିଷ କରି ଆଜି ସମାଜରେ ଠିଆ କରିଛି, ସେ ଆଜି ସାତପର ହୋଇଯାଇଛି। ତା' କଥା ଟିକିଏ ବି ପୁଅ ଝିଅ ବୁଝିବାକୁ ମନେ ପଡୁନି। ବୋହୁତ ପର ଝିଅ, ତା' ଦୋଷ କ'ଣ, ନିଜ ସୁନା ତ ଭେଣ୍ଡି। ରକ୍ତର ସମ୍ପର୍କ, ଯେଉଁ ରକ୍ତକୁ ପାଣିକରି ମା' ତାର ଏଡିଟିକରୁ ଏତେବଡ କରିଛି, ସେ ଆଜି ଅଲୋଡା, ଅଦରକାରୀ। ସେ ପୁଅଝିଅ ମାନେ ଭୁଲି ଯାଆନ୍ତି ଯେ ସେମାନେ ଦିନେନା ଦିନେ ତାଙ୍କ ମା'ଆ ପରି ଅବସ୍ଥା ଭୋଗିବାକୁ ପଡିବ। ତାଙ୍କ ପିଲାମାନେ ମଧ ନିଶ୍ଚୟ ଦେଖିଥିବେ କେମିତି ତୁମେମାନେ ତୁମ ମାଆକୁ ବ୍ୟବହାର କରୁଚ। ତୁମମାନଙ୍କ ପାଇଁ ସାଇତି ରଖିଥିବେ ସେଇ ପୁରୁଣା ରସ ଥାଳିଆ ଏବଂ ସେଇ ବୃଦ୍ଧାଶ୍ରମ। ବୃଦ୍ଧାଶ୍ରମର ସେଇ କୋଠରୀ ମଧ ଅପେକ୍ଷା କରିଥିବ ତୁମକୁ। ପୀଢି ପରେ ପୀଢି ଏପରି ଚାଲିଥିବ। ଏହାର କ'ଣ ଅନ୍ତ ନାହିଁ ଅନ୍ତ ନାହିଁ କାହିଁକି ନିଶ୍ଚୟ ସମୟ ଆସିବ। ପୁଣି ଥରେ ସେଇ ବୁଢ଼ି ମାଆର ମୁହଁରେ ହସ ଖେଳିବ। ସେ ତାର ନାତି ନାତୁଣୀଙ୍କୁ ନେଇ ହସ ଖୁସିର ସଂସାର କରିବ। ଏହି ସବୁ ଘଟଣା ପ୍ରାୟ ଯୌଥ ପରିବାରରେ ଦେଖାଯାଏ ନାହିଁ, କାହିଁକିନା ଯଦି ପୁଅ ଝିଅ ପଚାରିଲେନି, ସେଠାରେ ପୁତୁରା ଝିଆରୀମାନେ ସେମାନଙ୍କର ଦେଖାଶୁଣା କରିବେ। ଏଥିପାଇଁ ସମାଜର ଦୃଷ୍ଟିକୋଣରେ ପରିବର୍ତ୍ତନ ଦରକାର। ଏକ ସୁସ୍ଥ ସମାଜ ପାଇଁ ପୁଣି ଥରେ ଯୌଥ ପରିବାରର ଆବଶ୍ୟକତା ଅଛି। ପିଲାମାନଙ୍କ ମଧରେ ଆତ୍ମୀୟତାର ଭାବ ଜାଗ୍ରତ ହେବା ଦରକାର। ସ୍ୱାର୍ଥପର ମନ ବୃତ୍ତିକୁ ତ୍ୟାଗ କରିବା ଆବଶ୍ୟକ। ତାହା ହେଲେ ଯାଇଁ ଏକ ସୁନ୍ଦର ସମାଜ ଗଢି ଉଠିବ। ସମସ୍ତେ "ବସୁଧୈବ କୁଟୁମ୍ବକମ୍" ପରି ଏକାଠି ରହି ଦୁଃଖ ସୁଖ ନିଜର ବାଣ୍ଟିବେ। ଆମେ ସମସ୍ତେ ଅମୃତର ସନ୍ତାନ ହୋଇ ନୂତନ ପୀଢ଼ିକୁ ଆଲୋକ ପ୍ରଦାନ କରିବା।

**ମୋବାଇଲ୍: ୯୮୭୧୨୫୭୨୭୦**

# ପ୍ରାଥମିକ ଶିକ୍ଷାରେ ସଂସ୍କାର ଜରୁରୀ

## ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ପ୍ରାଥମିକ ବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ଭାରତ ସାର୍ବଜନୀନ ସ୍ତରର ନିକଟତର ହୋଇଥିବା ନେଇ ନିକଟରେ ୟୁନେସ୍କୋର ଗ୍ଲୋବାଲ ଏଜୁକେସନ ମନିଟରିଂ ରିପୋର୍ଟ(ଜିଇଏମଆର) ୨୦୨୪-୨୫ରେ ପ୍ରକାଶିତ ତଥ୍ୟ ନିଶ୍ଚିତ ଭାବେ ଦେଶର ଶିକ୍ଷାମନ୍ତ୍ରଣାଳୟ ପାଇଁ ଏକ ସୁଖଦ ଖବର କିନ୍ତୁ ଏଥିରେ ବଶେଷ ଭାବେ କିଛି ଖୁସି ହେବାର ନାହିଁ। କାରଣ ଅନ୍ୟ କେତେକ ଦେଶ ସହ ଭାରତରେ ନିମ୍ନମାନର ତଥା ଦୁର୍ବଳ ଶିକ୍ଷଣ ଫଳାଫଳ ନେଇ ରିପୋର୍ଟରେ କୁହାଯାଇଛି। ଜିଇଏମଆର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ବିକାଶଶୀଳ ଦେଶଗୁଡିକରେ ୭୩ ପ୍ରତିଶତ ଶିଶୁ ୧୦ବର୍ଷ ବୟସ ସୁଦ୍ଧା ଏକ ସରଳ ପାଠ ପଢ଼ି ବୁଝିପାରୁନାହାଁନ୍ତି। ଏହି ସମସ୍ୟା ସମ୍ପର୍କରେ ମଧ ଭାରତର ଏକ ବେସରକାରୀ ସଂସ୍ଥା ଆନୁଆଲ ଷ୍ଟେଟ ଅଫ ଏଜୁକେସନ ରିପୋର୍ଟ(ଅସର) ଦେଶର ପ୍ରାଥମିକ ଶିକ୍ଷା ଅବ୍ୟବସ୍ଥା ସମ୍ପର୍କରେ ପ୍ରତିବର୍ଷ ଉଲ୍ଲେଖ କରିଆସୁଛି। ଅସର-୨୦୨୪ ରିପୋର୍ଟରେ ଦର୍ଶାଇଥିଲା ଯେ, ଦେଶରେ ମାତ୍ର ୨୭.୧ ପ୍ରତିଶତ ତୃତୀୟ ଶ୍ରେଣୀ ଏବଂ ୪୮ପ୍ରତିଶତ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାଁନ୍ତି। ଏ ନେଇ ଅସର ତାର ରିପୋର୍ଟରେ ପ୍ରତିବର୍ଷ ଉଲ୍ଲେଖ କରି ଆସୁଥିବାବେଳେ ଶିକ୍ଷା ମନ୍ତ୍ରଣାଳୟ ତଥା ସରକାର ଏଥିପ୍ରତି ଆଖିବୁଜି ଦେଇଥିବା କହିଲେ ଅତିରଞ୍ଜିତ ହୋଇନପାରେ। ସେହିପରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅନ୍ୟାନ୍ୟ। ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପିଲାଙ୍କ ଫଳାଫଳ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିଲାଗି ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଅପରିହାର୍ଯ୍ୟ ହୋଇଥିବାବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଇନାହାଁନ୍ତି। ଏବେ ମେଳା ମାଧମରେ ଶିକ୍ଷକ ନିଯୁକ୍ତି କରାଯିବା ଏକ ପରମ୍ପରାରେ ପରିଣତ ହୋଇଛି। ଯାହାର ପରିଣତି ସ୍ୱରୁପ ନକଲି ପ୍ରମାଣପତ୍ର ଧାରୀ, ମୋଟା ଅଙ୍କର ଅର୍ଥ ବଦଳରେ ଶିକ୍ଷକ ନିଯୁକ୍ତି ହେଉଥିବା ନେଇ ଅଭିଯୋଗ ହେଉଛି। ନିକଟରେ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଆମ ରାଜ୍ୟରେ ଶହଶହ ନକଲି ପ୍ରମାଣଧାରୀ ଶିକ୍ଷକ ଧାରା ହୋଇଥିବାବେଳେ ପଶ୍ଚିମବଙ୍ଗରେ ଲାଞ୍ଚ ଦେଇ ନିଯୁକ୍ତି ପାଇଥିବା ୩୦ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଚାକିରି ହରାଇଛନ୍ତି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି ଏହି ଦୁଇଟି ଉଦାହରଣରୁ ଆମ ଦେଶରେ ଶିକ୍ଷକ ନିଯୁକ୍ତିର ଧାରା ଯଥେଷ୍ଟ ହୋଇପାରେ। କେବଳ ଶିକ୍ଷକ ନୁହଁନ୍ତି, ବିଦ୍ୟାଳୟର ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ବା ପ୍ରିନସପାଲ୍ ନିଯୁକ୍ତିରେ ମଧ ଅନୁରୂପ ଅବସ୍ଥା ଥିବା ଜିଇଏମଆର ଉଲ୍ଲେଖ କରିଛି। ପ୍ରଧାନଶିକ୍ଷକ ବା ପ୍ରିନିସିପାଲ୍ଙ୍କ ମନୋନୟନ ଓ ତାଲିମ ପ୍ରକ୍ରିୟାରେ ସମନ୍ୱୟ ଅଭାବ ଥିବା ରିପୋର୍ଟରେ ଦର୍ଶାଇଛି। ଏହା ନିସନ୍ଦେହ ଯେ, ଆମ ଦେଶରେ ନେତୃତ୍ୱ ଦକ୍ଷତା ଅପେକ୍ଷା ସେବାର ନିସନ୍ଦେହ ଯେ, ଆମ ଦେଶରେ ନେତୃତ୍ୱ ଦକ୍ଷତା ଅପେକ୍ଷା ସେବାର ଅବଧି ଏବଂ ଅନ୍ୟ ଯୋଗ୍ୟତା ଆଧାରରେ ପ୍ରଧାନ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥାଏ। ଯାହାକି ପରମ୍ପରାଗତ ଭାବେ ପ୍ରଚଳିତ ହୋଇ ଆସୁଛି। ଆହୁରି ମଧ ଏକ ସର୍ଭେକୁ ଆଧାର କରି ଜିଇଏମଆର ତାର ରିପୋର୍ଟରେ ଦର୍ଶାଇଛି ଯେ, ଭାରତରେ ଶିକ୍ଷାଦାନ କଥା ତଦାରଖ କରିବା ଅପେକ୍ଷା ସେମାନଙ୍କ ଉପରେ ଅନ୍ୟାନ୍ୟ ଦାୟିତ୍ୱ ତଥା ବିଭିନ୍ନ ତଥ୍ୟ ପ୍ରଦାନ, ମଧାହ୍ନ ଭୋଜନ ପ୍ରସ୍ତୁତି ଆଦି ଦିଆଯାଉଛି। ଯାହା ଫଳରେ ସେମାନେ ବିଦ୍ୟାଳୟର ନେତୃତ୍ୱ ତଥା ଶିକ୍ଷକମାନଙ୍କ ପାଠପଢ଼ାର ଶୈଳୀ ତଦାରଖ କରିପାରୁନାହାଁନ୍ତି। ଆହୁରି ପ୍ରଧାନଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ବାଛବିଚାର ମଧ ପୁଅ ଓ ଝିଅଙ୍କ ଶିକ୍ଷା କ୍ଷେତ୍ରରେ ପ୍ରଭାବ ପକାଉଥିବା ରିପୋର୍ଟରେ କୁହାଯାଇଛି ଯାହାକି ଅଯର୍ଥାତ ମନେହୁଏ ନାହିଁ। ଜିଇଏମଆର ଆହୁରି କହିଛି ଯେ, କେବଳ ଭାରତ ନୁହେଁ, ବିଶ୍ୱର ୩୧ ପ୍ରତିଶତ ରାଷ୍ଟ୍ରରେ ପ୍ରାଥମିକ ବିଦ୍ୟାଳୟଗୁଡିକରେ ପ୍ରଧାନଶିକ୍ଷକ ବା ପ୍ରିନିସିପାଲ୍ ନିଯୁକ୍ତି କ୍ଷେତ୍ରରେ କୌଣସି ଆନୁଷ୍ଠାନିକ ବ୍ୟବସ୍ଥାନାହିଁ। ତେବେ ଭାରତର ପଡୋଶୀ ବଙ୍ଗଳାଦେଶ ଓ ଭିଏତନାମ ପ୍ରଧାନଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସଂସ୍କାର, ତାଲିମ ଏବଂ ବିଦ୍ୟାଳୟ ପରିଚାଳନାରେ ବିକେନ୍ଦ୍ରୀକରଣ କରି ଶିକ୍ଷାଦାନ ଫଳାଫଳକୁ ଉଲ୍ଲେଖନୀୟ ଭାବେ ଉନ୍ନତ କରିପାରିଛନ୍ତି। ସେମାନଙ୍କ ଠାରୁ କିଛି ଶିକ୍ଷା କରାଯାଇପାରେ। ଏହା ନିସନ୍ଦେହ ଯେ, ଦେଶରେ ପ୍ରାଥମିକ ଶିକ୍ଷା ଏବେ ଏକ ଉଦ୍‌ବେଗର କାରଣ ହୋଇ ରହି ଆସିଛି। ଦେଶରେ ସମସ୍ତଙ୍କୁ ଶିକ୍ଷା ବାଧତାମୂଳକ କରାଯାଇଛି। ଶିକ୍ଷାରେ ଉନ୍ନତି ପାଇଁ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିଛନ୍ତି। ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ସରକାର କେତେକ ସଂସ୍କାର ତଥା ଉନ୍ନତିସାଧନ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଶିଖିବା ଓ ଶିଖାଇବା ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କ ଚିନ୍ତାର କାରଣ ହୋଇଥିବାବେଳେ ପ୍ରାଥମିକ ଶିକ୍ଷାର ସାମ୍ପ୍ରତିକ ପଦ୍ଧତିରେ ସୁଧାର ଆଣିବା ପାଇଁ ଜାତୀୟ ଶିକ୍ଷାନୀତି ପଦକ୍ଷେପ ନେବାର ସମୟ ଏବେ ଆସିଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**

**ମୋବାଇଲ ନଂ-୭୯୭୮୬୬୬୪୦୩**

# ପ୍ରକୃତିର ନିୟମ



## ଅଧ୍ୟାପକ ଧର୍ମେନ୍ଦ୍ର ନାଥ ପାତ୍ର

ସେଦିନ ଥିଲା ଦେବସ୍ନାନ ପୂର୍ଣ୍ଣିମା। ସକାଳୁ ସକାଳୁ ଭୋଗରାଗ କିଣି ସ୍ଥାନୀୟ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ରେ ଦିଅଁ ଦର୍ଶନ ସାରି ସେଠାରୁ ଘରକୁ ଫେରୁଥିଲେ ଜଗଦୀଶ ବାବୁ। ତିନି କିଲୋମିଟର ଦୂରରେ ଘର। ଗୋଟିଏ କିଲୋମିଟର ଦୂର ଯାଇଛନ୍ତି କି ନାହିଁ ଅକସ୍ମାତ୍ ଛେଚିଲା ବର୍ଷା। ଆଖ ପାଖରେ କୋଉଠି କିଛି ନାହିଁ କୋଉ ଘର କି ଛାତ, ତା ଆଶ୍ରାରେ ଟିକିଏ ଅଟକି ଯିବାକୁ। ସମ୍ପୂର୍ଣ୍ଣ ତିନ୍ତିବା ଅପେକ୍ଷା ଅଳ୍ପ ଭିଜିବା ଭଲ ଭାବି ସେ ରାସ୍ତା ପାର୍ଶ୍ୱରେ ଥିବା ଗୋଟେ ବିଶାଳ ବରଗଛ ତଳେ ତାଙ୍କ ବାଇକ୍ ରୁ ଓହ୍ଲାଇଲେ। ପୂର୍ବରୁ ସେଠାରେ ଅନ୍ୟ ଦୁଇ ତିନି ଜଣ ଅଟକି ଥିଲେ ବର୍ଷା ରୁ ବଞ୍ଚିବା ପାଇଁ।ସେ ଭିତରେ ରହିଥିଲେ ଅନିରୁଦ୍ଧବାବୁ ,ନିକଟ ହାଇସ୍କୁଲ ର ଜଣେ ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ। ଦେଖି ପକାଇଲା କ୍ଷଣି ସେ ଡାକ ପକାଇଲେ ' ଆସନ୍ତୁ ଆସନ୍ତୁ ଜଗଦୀଶ ବାବୁ, ଏ ଆଡ଼କୁ ଆସନ୍ତୁ। କୁଆଡ଼େ ଯାଇଥିଲେ?' 'କୁଆଡ଼େ ଆଉ ଯିବି, ମନ୍ଦିର ରୁ ତ ପୂଜା ସାରି ଫେରୁ ଫେରୁ ଏ ବର୍ଷା କୁଆଡ଼େ ଥିଲା ଅଜାଡ଼ି ପକାଇଲା। ଆଉ ଆପଣ ଏଠି? ' ଉତ୍ତର ଦେଇ ପୁଣି ପ୍ରଶ୍ନ ପଚାରିଲେ ଜଗଦୀଶ ଅନିରୁଦ୍ଧ ଙ୍କୁ। "ମୁଁ ମଧ ପନିପରିବା କିଣିବାକୁ ବଜାର ଯାଇଥିଲି। କିଣି ଏଇଠି ପହଞ୍ଚିଛି କୁଢେଇଲା ବର୍ଷା। ଉପାୟ ନ ପାଇ ଏଇଠି ଦଶ ମିନିଟ ହେଲା ଅଟକିଛି। ତଥାପି ତ ତିନ୍ତି ଗଲିଣି, ଦେଖୁନାହାନ୍ତି ! ଏ ବରଗଛ ତଳେ ମଧ କଣ ଆଉ ବେଶି ସମୟ ରହିହେବ? " -- କହିଲେ ଅନିରୁଦ୍ଧ ବାବୁ। ଜଗଦୀଶ ବାବୁ କହିଲେ, "କିନ୍ତୁ ଯା ହେଉନା କାହିଁକି ପର୍ବ ପର୍ବାଣୀ ମାନଙ୍କ ରେ ଟିକେ ବର୍ଷା ନିଶ୍ଚିତ ହୁଏ। ପ୍ରକୃତି ର ଇଏ ଗୋଟେ ବିଚିତ୍ରତା।"

"ବିଚିତ୍ରତା ନୁହେଁ ଜଗଦୀଶ ବାବୁ! ଇଏ ହେଲା ପ୍ରକୃତିର ନିୟମ।ମଣିଷ ସିନା ଠିକ୍ ସମୟରେ ଠିକ୍ କାମ କରେ ନାହିଁ। ନିୟମ ଅନେକ ସମୟରେ ପାଳନ କରେ ନାହିଁ , କିନ୍ତୁ ପ୍ରକୃତି ନିୟମ ପାଳନରେ କେବେ ବ୍ୟତିକ୍ରମ କରେନି। ଋତୁଚକ୍ର ର ନିୟମ ରେ ଗ୍ରୀଷ୍ମ, ବର୍ଷା, ଶୀତ, ଖରା-ଯେମିତି କ୍ରମ ରେ ଆସିବା କଥା ଆସନ୍ତି। ଜୀବ ଜନ୍ତୁ ମଧ ତାଙ୍କ ନିୟମ ରେ ରହନ୍ତି। ତାକୁ କେବେ ଭାଙ୍ଗନ୍ତି ନାହିଁ। ଜଙ୍ଗଲ ର ବୃକ୍ଷଲତା ଠାରୁ ଆରମ୍ଭ କରି ନଈ, ସମୁଦ୍ର, ମାଟି, ପାଣି ନିୟମ ରେ ବନ୍ଧା। ଯେ ଯାର କର୍ମ ବିନା କାହାର ପରାମର୍ଶ ରେ ପାଳନ କରି ଯାଆନ୍ତି। କିନ୍ତୁ ମଣିଷ ହିଁ ବେଶୀ ଉପଦେଶ ପ୍ରଦାନ କରେ ସିନା, ନିଜେ କୌଣସି ଶୃଙ୍ଖଳା ମାନେ ନାହିଁ।ଆଜି ଯଦି ପ୍ରକୃତି ଭିତରେ କୌଣସି ଅସ୍ୱାଭାବିକତା ପରିଲକ୍ଷିତ ହେଉଥାଏ କିମ୍ବା ପ୍ରକୃତି ର ନିୟମରେ କିଛି ବ୍ୟତିକ୍ରମ ଘଟିବା ଦେଖା ଯାଉଥାଏ ତେବେ ମଣିଷର ସେଥିରେ ଅବାଞ୍ଛିତ ହସ୍ତକ୍ଷେପ ହିଁ ତାହାର ପ୍ରକୃତ କାରଣ। ମାଟି, ଜଳ, ବାୟୁ, ଶବ୍ଦ, ଆଲୋକର ପ୍ରଦୂଷଣ କିପରି ଆଜି ହୋଇ ଚାଲିଚି, ତାର ଏକମାତ୍ର ଦୋଷୀ ହେଉଛି ଆମର ଏଇ ବୁଦ୍ଧିମାନ ମଣିଷ ଜାତି। ଏଇ ବୁଦ୍ଧିଆ ମଣିଷ ର ନିର୍ବୁଦ୍ଧିଆ କାର୍ଯ୍ୟ ହେତୁ ଆଜି ପ୍ରକୃତି ମଧ ତା ନିୟମ ଚାହିଁଲେ ମଧ ଅତୁଟ ରଖି ପାରୁନାହିଁ। ଫଳରେ ଅସମୟ ରେ ଖରା, ବର୍ଷା, ଶୀତ ଅନୁଭୂତ ହେବା ଫଳରେ ତାର ପ୍ରଭାବରେ କୃଷି, ସ୍‌ବାସ୍ଥ୍ୟ ଇତ୍ୟାଦି ସମସ୍ୟା ଉପୁଜିଛି। ବାହାଘର ଭୋଜି ଇତ୍ୟାଦିରେ ଯେଉଁ ମାତ୍ରା ରେ ଡିଜେ ବଜାଇ, ବାଣ ଫୁଟାଇ ଶବ୍ଦ ପ୍ରଦୂଷଣ କରାଯାଉଛି, ତାକୁ ରୋକିବାକୁ ନିୟମ ଥିଲେ ମଧ ରୋକା ଯାଉନାହିଁ। ହୃଦ୍ ରୋଗୀ ଓ ବୃଦ୍ଧ ବୃଦ୍ଧା ସହ ସାଧାରଣ ମଣିଷ ଜୀବନ ପାଇଁ ଏହା ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଛି।ଆଲୋକ ପ୍ରଦୂଷଣ ଯୋଗୁଁ ରାତ୍ରି କାଳରେ ବିଶ୍ରାମ ନେଉଥିବା ପଶୁପକ୍ଷୀ ନିଦ୍ରାଲାଭ ରୁ ବଞ୍ଚିତ ହେଉଛନ୍ତି। ବାଦୁଡ଼ି, ପେଚା ଜାତୀୟ ପକ୍ଷୀ ରାତ୍ରିଚର ହୋଇଥିବାରୁ ସେମାନେ ଆହାର ସଂଗ୍ରହ ପାଇଁ ରାତିରେ ଆକାଶ ମାର୍ଗ ରେ ଗତି କଲାବେଳେ ମନୁଷ୍ୟ ଦ୍‌ବାରା ସଂଯୁକ୍ତ ଏଲ୍ ଇ ଡି ଆଲୁଅ ଗୁଡ଼ିକ ତାଙ୍କ ଅନ୍ଧାର ରେ ଦୃଷ୍ଟିଶକ୍ତି କୁ ହାନି ପହଞ୍ଚାଉଛି। ସେମାନେ ଲକ୍ଷ୍ୟସ୍ଥଳ ରେ ପହଞ୍ଚି ପାରୁନାହାନ୍ତି।କିନ୍ତୁ ନିୟମ ରେ କିପରି ରହିବାକୁ ହେବ ତାହା ଆମକୁ ପ୍ରକୃତି ସବୁ ସମୟ ରେ ଶିଖାଇ ଥାଏ। ଆମେ ତାକୁ ଦେଖି ମଧ ସେଥିରୁ କିଛି ଶିଖୁନା ବୋଲି କଷ୍ଟ ପାଉ। ପ୍ରକୃତି ର ଯେଉଁ ସମୟରେ ଯାହା କର୍ମ ସେ କରିଯାଏ। ସେଥିପାଇଁ ସେ କାହାକୁ ଅପେକ୍ଷା କରେନାହିଁ।

ଠିକ୍ ସମୟରେ କାଉ, କୁକୁଡ଼ା ରାବିବା ଓ ସକାଳ ହେବା, ସନ୍ଧ୍ୟାରେ ପକ୍ଷୀଙ୍କ ନୀଡ଼ ଫେରିବା, ଠିକ୍ ଋତୁରେ ଗଛ ପତ୍ରଝଡ଼ା ଦେବା, ଉପଯୁକ୍ତ ସମୟରେ ଆମ୍ବ ପଣସ ପାଚିବା, ଯେଉଁ ଋତୁର ଫୁଲ ଫଳ ସେହି ସେହି ଋତୁରେ ଫୁଟିବା ଫଳିବା। ହେଲେ ଆଜି ମଣିଷ ବଣ ଜଙ୍ଗଲ କୁ ଆବଶ୍ୟକତା ଠାରୁ ଅଧିକ କାଟି ପକାଉଥିବାରୁ ପ୍ରକୃତି ଠାରୁ ତାର ଦୂରତା ବଢୁଛି ସିନା ନିକଟତର ହୋଇ ପାରୁନି। ସେ ପ୍ରକୃତି ଠାରୁ କଣ ତେବେ ଶିକ୍ଷା କରିବ। ଆଗରୁ ମଣିଷ ଘର କରିବା ସହ ବାଡ଼ି ବଗିଚା ମଧ କରୁଥିଲା। ବିଭିନ୍ନ ପ୍ରକାରର ଗଛ ପତ୍ର , ଲତା ଇତ୍ୟାଦି ରୋପଣ କରୁଥିଲା। ବିଭିନ୍ନ ଔଷଧୀୟ ଗୁଳ୍ମ ମଧ ଛୋଟ ଛୋଟ ଖର୍ଚ୍ଚ ରୁ ତାକୁ ରକ୍ଷା କରୁଥିଲେ। ଆଙ୍ଗୁଠି କଟିଗଲେ କି ପୋଡ଼ିଗଲେ କିମ୍ବା ସର୍ଦ୍ଦି କାଶ ହେଲେ ଅନେକ ଲତାର ପତ୍ର ରସ ଲେପନରେ ତାହା ଭଲ ହୋଇଯାଉଥିଲା।ଏବେ ଆମେ ଟିକେ କଣ ଅସୁବିଧା ହେଲେ ଟଙ୍କା ପଇସା ସାରି ମାମୁଲି ରୋଗ ପାଇଁ ମଧ ଔଷଧ ଦୋକାନ ଯାଇ ଖର୍ଚ୍ଚାନ୍ତ ହେଉଛୁ।ଘର ପରେ ଘର ପକ୍କା ଘର ତୋଳି ଚଳୁଛୁ। ବାଡି ବଗିଚା କରୁନାହୁଁ।

ଆଜିକାଲି ଶିକ୍ଷାନୁଷ୍ଠନଗୁଡ଼ିକ ମଧ ବ୍ୟବସାୟିକ ଦିଗକୁ ହିଁ ଲକ୍ଷ୍ୟ ରଖି ବିଶାଳ କୋଠାଘର ସବୁ ତୋଳୁଛନ୍ତି, କ୍ୟାମ୍ପସ ଭିତରେ ଦେଶୀ ଗଛଲତା ଲଗାଉ ନାହାନ୍ତି। ଖାଲି ଧାଡ଼ି ଧାଡ଼ି ବସ୍ ଠିଆ ହୋଇଥିବ ସେ ଭିତରେ। ଗୋପବନ୍ଧୁଙ୍କ ଭଳି ବିଜ୍ଞ ଶିକ୍ଷକ ପ୍ରକୃତିର ମହତ୍ୱ ବୁଝିଥିଲେ ବୋଲି ବକୁଳ ଛୁରିଅନା କୁଞ୍ଜ ଭିତରେ ଗଢିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ, ଯାହାକୁ ଦେଖି ଅନୁସରଣ କରି କବି ରବୀନ୍ଦ୍ର ନାଥ କଲିକତା ରେ ଶାନ୍ତିନିକେତନ ବିଶ୍‌ବବିଦ୍ୟାଳୟ ଗଢିବାର ନିଷ୍ପତ୍ତି ନେଇଥିଲେ।

ପ୍ରକୃତି ସହ ଯେତେ ନିବିଡ଼ତା ବଢିବ, ତାର ଯତ୍ନ ଯେତେ ନିଆଯିବ ସେତେବେଳେ ମଣିଷର ନିଜ ପ୍ରକୃତି ମଧ ବଦଳିଯିବ। ପ୍ରକୃତିର ନିୟମ ଉପଲବ୍ଧି କରି ମଣିଷ ନିଜେ ଶୃଙ୍ଖଳିତ ହୋଇ ପାରିବ।" ଏକ ନିଃଶ୍ୱାସ ରେ ଏତେ କଥା କହି ଦେଇଗଲେ ଅନିରୁଦ୍ଧ ବାବୁ। ସେତିକି ଭିତରେ ବର୍ଷା ମଧ ଛାଡ଼ିଗଲା। ଜଗଦିଶ ବାବୁ ବିଦାୟ ନେଲା ବେଳକୁ ମନ୍ତବ୍ୟ ଦେଲେ" ଭଲ କଥାଟିଏ କହିଲ ଅନିରୁଦ୍ଧ ବାବୁ!"



**ମୋବାଇଲ୍: ୯୪୩୮୫୯୨୩୨୮**

# ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ





# ସମଗ୍ର ବିଶ୍ୱକୁ ଏକତ୍ରିତ କରିଛି ଯୋଗ




**ବିଶାଖାପାଟନା,୨୧।୬:** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସାରା ବିଶ୍ୱ ଯୋଗ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିଶାଖାପାଟଣାରେ ଯୋଗ ଦିବସର ନେତୃତ୍ୱ ନେଉଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବିଶାଖାପାଟଣାରେ ୩ ଲକ୍ଷ ଲୋକଙ୍କ ସହିତ ଏକ ସାମୁହିକ ଯୋଗ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି। ଆଜି ସାରା ଦେଶରେ ସାଢେ ତିନି ଲକ୍ଷରୁ ଅଧିକ ସ୍ଥାନରେ ସାମୁହିକ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗ ଦିବସ ପାଳନ କରାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉଧମପୁରରେ ସୈନିକଙ୍କ ସହିତ ଏକ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ଲୋକସଭା ବାଚସ୍ପତି ଓମ ବିର୍ଲା ସଂସଦ ଭବନ ପରିସରରେ ଯୋଗ କରୁଥିବାର ଦେଖାଯିବେ। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଯେତେବେଳେ ମୁଁ ଗତ ଦଶନ୍ଧିରେ ଯୋଗର ଯାତ୍ରାକୁ ଦେଖେ, ମୋତେ ଅନେକ କଥା ମନେପଡ଼େ। ଯେଉଁଦିନ ଭାରତ ଜାତିସଂଘରେ ପ୍ରସ୍ତାବ ଦେଇଥିଲା ଯେ ୨୧ ଜୁନକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବରେ ମାନ୍ୟତା ଦିଆଯିବା ଉଚିତ ଏବଂ ତା'ପରେ ସବୁଠାରୁ କମ ସମୟ ମଧ୍ୟରେ ବିଶ୍ୱର ୧୭୫ଟି ଦେଶ ଆମ ପ୍ରସ୍ତାବ ସହିତ ଠିଆ ହୋଇଥିଲେ। ଆଜିର ବିଶ୍ୱରେ, ଏପରି ଏକତା, ଏପରି ସମର୍ଥନ ଏକ ସାଧାରଣ ଘଟଣା ନୁହେଁ। ଏହା କେବଳ ଏକ ପ୍ରସ୍ତାବକୁ ସମର୍ଥନ ନଥିଲା, ଏହା ମାନବତାର ମଙ୍ଗଳ ପାଇଁ ବିଶ୍ୱର ଏକ ସାମୂହିକ ପ୍ରୟାସ ଥିଲା। ତାହା ସିଡନୀ ଅପେରା ହାଉସର ପାହାଚ ହେଉ, ଏଭରେଷ୍ଟର ଶିଖର ହେଉ, କିମ୍ବା ସମୁଦ୍ରର ବିସ୍ତାର। ସବୁଠାରୁ ସମାନ ବାର୍ତ୍ତା ଆସେ - ଯୋଗ ସମସ୍ତଙ୍କର ଏବଂ ସମସ୍ତଙ୍କ ପାଇଁ। ପ୍ରଧାନମନ୍ତ୍ରୀ ମୋଦି ଆହୁରି ମଧ୍ୟ କହିଛନ୍ତି, ଅନ୍ତର୍ଜାତୀୟ ଯୋଗ ଦିବସରେ ଦେଶ ଏବଂ ବିଶ୍ୱର ସମସ୍ତ ଲୋକଙ୍କୁ ଅଭିନନ୍ଦନ। ଯୋଗର ଅର୍ଥ ହେଉଛି ସଂଯୋଗ କରିବା ଏବଂ ଯୋଗ ସମଗ୍ର ବିଶ୍ୱକୁ ଏକତ୍ରିତ କରିଛି। ଯୋଗ ସମସ୍ତଙ୍କର ଏବଂ ଯୋଗ ସମସ୍ତଙ୍କ ପାଇଁ। ଯୋଗ ଆଜି ସମସ୍ତ ଲୋକଙ୍କ ଜୀବନର ଏକ ଅଂଶ ପାଲଟିଛି। ଆଜି ୧୧ତମ ଥର ପାଇଁ, ସମଗ୍ର ବିଶ୍ୱ ୨୧ ଜୁନରେ ଏକାଠି ଯୋଗ କରୁଛି। ଯୋଗର ସରଳ ଅର୍ଥ ହେଉଛି ସଂଯୋଗ କରିବା ଏବଂ ଯୋଗ କିପରି ସମଗ୍ର ବିଶ୍ୱକୁ ଯୋଡ଼ିଛି ତାହା ଦେଖିବା ଆନନ୍ଦଦାୟକ। ଯୋଗ ଆମକୁ ଶାନ୍ତିର ଦିଗଦର୍ଶନ ଦିଏ। ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଯେତେବେଳେ ମୁଁ ଆମର ଦିବ୍ୟାଙ୍ଗ ବନ୍ଧୁମାନେ ଯୋଗ ଶାସ୍ତ୍ର ଅଧ୍ୟୟନ କରନ୍ତି ତାହା ଦେଖି ମୁଁ ଗର୍ବିତ ଅନୁଭବ କରେ। ବୈଜ୍ଞାନିକମାନେ ମହାକାଶରେ ଯୋଗ କରନ୍ତି। ଯୁବ ବନ୍ଧୁମାନେ ପ୍ରତ୍ୟେକ ଗାଁରେ ଯୋଗ ଅଲିମ୍ପିଆଡରେ ଅଂଶଗ୍ରହଣ କରନ୍ତି।

## ଜଳିଗଲା ହଟ୍ ଏୟାର ବେଲୁନ୍, ୮ ମୃତ



**ସାନ୍ତା କ୍ୟାଟରିନା,୨୧।୬:** ବ୍ରାଜିଲରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ହଟ୍ ଏୟାର ବେଲୁନରେ ସେତେବେଳେ ନିଆଁ ଲାଗିଯାଇଥିଲା ଯେତେବେଳେ ଏହା ମଝି ଆକାଶରେ ଉଡୁଥିଲା। ଦୁର୍ଘଟଣା କାଳରେ ବେଲୁନରେ ଅନେକ ଲୋକ ଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କର ମୃତ୍ୟୁ ହୋଇଛି। ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ଭିଡିଓରେ ହଟ ଏୟାର ବେଲୁନ ଆକାଶରୁ ତୀବ୍ର ଗତିରେ ତଳକୁ ଖସୁଥିବା ଦେଖାଯାଇଛି। ରିପୋର୍ଟ ଅନୁସାରେ ଦକ୍ଷିଣ ବ୍ରାଜିଲ ରାଜ୍ୟ ସାନ୍ତାକ୍ୟାଟିରନାରେ ଶନିବାର ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଗଣମାଧ୍ୟମ ଆଉଟଲେଟ୍ ଜି-୧ ଦ୍ୱାରା ସେୟାର କରାଯାଇଥିବା ଫୁଟେଜରେ ବେଲୁନଟି ନିଆଁରେ ଘେରି ଯାଇଥିବା ଓ ଧୂଆଁରେ ପୂର୍ଣ୍ଣ ହୋଇଥିବା ଦେଖାଯାଉଛି। ଶାନ୍ତା କ୍ୟାଟରିନା ସୈନ୍ୟ ଅଗ୍ନିସମ ବିଭାଗ ସୂତ୍ର ଅନୁସାରେ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣ ସୁରକ୍ଷିତ ବର୍ତ୍ତି ଯାଇଛନ୍ତି। ତେବେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବେଲୁନରେ ପାଇଲଟଙ୍କ ସମେତ ମୋଟ ୨୧ ଜଣ ଯାତ୍ରା କରୁଥିଲେ। ତେବେ ବ୍ରାଜିଲରେ ହଟ ଏୟାର ବେଲୁନ ଦୁର୍ଘଟଣା କିଛି ନୂଆ କଥା ନୁହେଁ। ଗତ ରବିବାର ସାଓପାଓଲୋ ରାଜ୍ୟରେ ଏକ ହଟ ଏୟାର ବେଲୁନ ଖସି ପଡିଥିଲା। ଏହି ଦୁର୍ଘଟଣାରେ ଜଣେ ୨୭ ବର୍ଷ ବୟସ୍କା ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ବେଲୁନରେ ଯାତ୍ରା କରୁଥିବା ଅନ୍ୟ ୧୧ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



## ବିରକ୍ତ କରୁଛି ବିଗ୍ ବି'ଙ୍କ ସ୍ୱର!



**ନୂଆଦିଲ୍ଲୀ, ୨୧।୬:** ଆଜିକାଲି ଲୋକମାନେ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସ୍ୱର ଶୁଣି ବିରକ୍ତ ହେଉଛନ୍ତି । ସାଇବର ସୁରକ୍ଷା ଉପରେ ସଚେତନତା ପ୍ରସାର ପାଇଁ ପ୍ରତ୍ୟେକ କଲ୍ ପୂର୍ବରୁ ତାଙ୍କ ସ୍ୱର ସହିତ କଲର ଟ୍ୟୁନ୍ ଯୋଡା ଯାଇଥିଲା। ଯେତେ ଜରୁରୀ ପରିସ୍ଥିତି ଥିଲେ ବି ଆପଣଙ୍କୁ ୪୦ ସେକେଣ୍ଡ ପାଇଁ ଏହି ସ୍ୱର ଶୁଣିବାକୁ ପଡୁଛି । ଯଦି ଆପଣ ଅସୁବିଧା ସମୟରେ କାହାକୁ କଲ୍ କରିବେ, ତେବେ ପ୍ରଥମେ ବଚ୍ଚନ ସାହେବଙ୍କ ସ୍ୱର ଶୁଭିବ । ପରେ ଆପଣ କଲ୍ କରିଥିବା ବ୍ୟକ୍ତିଙ୍କ ସହ କଥା ହେବେ । ଏବେ ଏହି କଲର ଟ୍ୟୁନ୍ ସମସ୍ତଙ୍କୁ ବିରକ୍ତ କରୁଥିବା ଜଣାପଡ଼ିଛି । ଏପରିକି ଲୋକଙ୍କ ଅସନ୍ତୋଷର କାରଣ ପାଲଟିଛି ଏହି କଲର ଟ୍ୟୁନ୍ । ଏହି କାରଣରୁ ଲୋକମାନେ ସାରା ଦେଶରେ ପସନ୍ଦ କରାଯାଉଥିବା ସ୍ୱର ବିଷୟରେ ଅଭିଯୋଗ କରୁଛନ୍ତି ଏବଂ ସୋସିଆଲ ମିଡିଆରେ ନିଜର ଆପତ୍ତି ପ୍ରକାଶ କରୁଛନ୍ତି। ଫେସବୁକ୍, ଏକ୍ସ, ଇନଷ୍ଟାଗ୍ରାମ ଏବଂ ୟୁଟ୍ୟୁବ୍ ସମେତ ପ୍ରତ୍ୟେକ ପ୍ଲାଟଫର୍ମରେ ଲୋକମାନେ କହୁଛନ୍ତି ଯେ, ପରିସ୍ଥିତି ଯେତେ ବଡ଼ ହେଉନା କାହିଁକି, ବଚ୍ଚନ ସାହେବଙ୍କ କଥା ଶୁଣିବା ପରେ ସେମାନେ ଯାହାକୁ ଫୋନ୍ କରିଛନ୍ତି ତାଙ୍କ ସହ କଥା ହୋଇପାରୁଛନ୍ତି । ଟେଲିକମ୍ ବିଭାଗର ଅଧିକାରୀଙ୍କ ଅନୁଯାୟୀ, ଯେତେବେଳେ କଲ୍ କରାଯାଏ, ବଚ୍ଚନ ସାହେବଙ୍କ ସ୍ୱର ଶୁଣନ୍ତି ଏବଂ ଅନ୍ୟ ପାର୍ଶ୍ୱରେ ରିସିଭରଙ୍କ ମୋବାଇଲରେ ଘଣ୍ଟି ବାଜେ । କିନ୍ତୁ ଟେଲିକମ୍ ବିଶେଷଜ୍ଞଙ୍କ ଅନୁଯାୟୀ, ଅନେକ ସମୟରେ କଲର୍ ଟ୍ୟୁନ୍ ପରେ ହିଁ ରିସିଭରଙ୍କ ମୋବାଇଲରେ ଘଣ୍ଟି ବାଜିଥାଏ । ବିଭିନ୍ନ କ୍ଷେତ୍ରରେ ସେବା ପ୍ରଦାନ କରୁଥିବା ବ୍ୟକ୍ତି କହିବା କଥା ଯେ, ଯଦି ସାଇବର ସୁରକ୍ଷା ବାର୍ତ୍ତା ଗୋଟିଏ କିମ୍ବା ଦୁଇଟି କଲରେ ବାଜେ ତେବେ କୌଣସି ଅସୁବିଧା ନାହିଁ । ଆପଣ ଯଦି ସମାନ ନମ୍ବରକୁ ଅନେକ ଥର କଲ୍ କରନ୍ତି, ତେବେ ମଧ୍ୟ ଅମିତାଭ ବଚ୍ଚନଙ୍କ ସ୍ୱର ଶୁଣିବାକୁ ମିଳୁଛି । ଏହା ବହୁତ ବିଚଳିତ କରେ । ଏଥିରେ ପରିବର୍ତ୍ତନ ହେବା ଦରକାର । ଏହାର ସମାଧାନ ହୋଇ ନପାରିଲେ ଏହାକୁ ବନ୍ଦ କରିଦିଆଯିବା ଉଚିତ । କରୋନା ସମୟରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରତ୍ୟେକ କଲରେ ୩୦-ସେକେଣ୍ଡର ଏକ ବାର୍ତ୍ତା ଶୁଣିବାକୁ ମିଳୁଥିଲା । ନସାଧାରଣଙ୍କ ବିରୋଧ ପରେ, ଏହାକୁ ବନ୍ଦ କରିଦିଆ ଯାଇଥିଲା । ସେହି ସମୟରେ ମଧ୍ୟ ଲୋକମାନେ ସରକାରଙ୍କୁ ପରାମର୍ଶ ଦେଇଥିଲେ ଯେ, ପ୍ରତିଦିନ ପ୍ରଥମ କଲ୍ ପୂର୍ବରୁ ଏପରି କଲର ଟ୍ୟୁନ୍ ରହିବା ଉଚିତ । ଯଦି ଏହା ପ୍ରତ୍ୟେକ କଲରେ ଆସେ ତେବେ ଏହା ଏକ ବଡ଼ ସମସ୍ୟା ।

## ନେପାଳରେ ବସ୍ ଓ ଇଭି ଯାନ ମଧ୍ୟରେ ଭୟଙ୍କର ଦୁର୍ଘଟଣା ; ୭ ମୃତ, ୨୫ ଆହତ



**ନୂଆଦିଲ୍ଲୀ,୨୧।୬:** ଶନିବାର ଦିନ ନେପାଳର ବାଗମତୀ ପ୍ରଦେଶରେ ଏକ ବସ୍ ଏବଂ ଏକ ଇଲେକ୍ଟ୍ରିକ୍ ଯାନ ମଧ୍ୟରେ ଧକ୍କା ହେବା ଫଳରେ ଅତି କମରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୨୫ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଚିତୱାନ୍ ଜିଲ୍ଲାର ପୂର୍ବ-ପଶ୍ଚିମ ରାଜପଥରେ ଧାନଗଢ଼ିରୁ ଏକ ବସ୍ ସକାଳ ପ୍ରାୟ ୧୦ଟା ୧୫ ସମୟରେ କାକରଭିଟ୍ଟା ଆଡକୁ ଯାଉଥିଲା। ଏହି ସମୟରେ ସାମ୍ନାପଟୁ ଆସୁଥିବା ଏକ ଇଲେକ୍ଟ୍ରିକ୍ ଯାନ ସହିତ ବସଟି ଧକ୍କା ହୋଇଥିଲା। ଧକ୍କା ହେବା କ୍ଷଣି ଉକ୍ତ ଇଲେକ୍ଟ୍ରିକ ଗାଡିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ସମୟରେ ଭୟଙ୍କର ଶବ୍ଦ ହେବାରୁ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଗଟଣାରେ ଆହତ ହୋଇଥିବା ଲୋକମାନଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲକୁ ନିଆଯାଇଥିବା ଜଣାପଡିଛି। ତେବେ ଆହତ ମାନଙ୍କ ମଧ୍ୟରୁ ଅନେକ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିବ ବୋଲି ଅନୁମାନ କରାଯାଉଛି।

## ୧୩ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ସୋନମ ଓ ରାଜ କୁଶୱାହ

**ସିଲଙ୍ଗ,୨୧।୬:** ସିଲଙ୍ଗର ଏକ କୋର୍ଟ ୨୧ ଜୁନ ଶନିବାର ରାଜା ରଘୁବଂଶୀ ହତ୍ୟା ମାମଲାରେ ଅଭିଯୁକ୍ତ ସୋନମ ରଗୁବଂଶୀ ଓ ରାଜ କୁଶୱାହଙ୍କୁ ୧୩ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ମେଘାଳୟର ଇଷ୍ଟ ଖାସି ହିଲସ୍ ଜିଲ୍ଲା ସେସନସ କୋର୍ଟରେ ହାଜର କରାଯାଇଥିଲା। ତେବେ ପୋଲିସ ଅଭିଯୁକ୍ତଙ୍କ ରିମାଣ୍ଡ ନିବେଦନ ନ କରିବାରୁ କୋର୍ଟ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଛନ୍ତି। ରାଜା ରଘୁବଂଶୀ ଓ ତାଙ୍କ ପତ୍ନୀ ସୋନମ ୨୩ ମେ ୨୦୨୫ରେ ମେଘାଳୟର ସୋହରା ଅଞ୍ଚଳକୁ ହନିମୁନ ଲାଗି ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରେ ଜୁନ ୨ ତାରିଖ ଦିନ ରାଜାର କ୍ଷତବିକ୍ଷତ ଶବ ଏକ ଘାଟିରୁ ମିଳିଥିଲା ଓ ସେତେବେଳେ ସୋନମ ନିଖୋଜ ଥିଲେ। ଏହା ପରେ ପୋଲିସ ରାଜ କୁଶୱାହ ଓ ୩ ହତ୍ୟାକାରୀ ଆକାଶ ରାଜପୁତ (୧୯), ବିଶାଲ ସିଂହ ଚୌହାନ (୨୨) ଓ ରାଜ ସିଂହ କୁଶୱାହ (୨୧)ଙ୍କୁ ୟୁପି ଓ ମଧ୍ୟପ୍ରଦେଶରୁ ଗିରଫ କରିଥିଲା। ଏହା ପରେ ସୋନମ ତାଙ୍କ ପତିଙ୍କ ହତ୍ୟା ମାମଲାରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଦେଇଥିଲେ। ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଡନ କିଟବୋର କୋଶି ମିହସିଲଙ୍କ କୋର୍ଟ ଜୁନ ୧୧ ତାରିଖ ଦିନ ୫ ଅଭିଯୁକ୍ତଙ୍କୁ ୮ ଦିନିଆ ପୋଲିସ ରିମାଣ୍ଡରେ ଛାଡିଥିଲେ, ଯେଉଁମାନଙ୍କୁ ପୁଣି ଟ୍ରାଞ୍ଜିଟ ରିମାଣ୍ଡରେ ମେଘାଳୟ ଅଣାଯାଇଥିଲା। ସିଲଙ୍ଗର ଏକ କୋର୍ଟ ସୋନମ ରଘୁବଂଶୀ ଓ ତାଙ୍କ କଥିତ ପ୍ରେମିକ ରାଜ କୁଶୱାହର ପୋଲିସ ରିମାଣ୍ଡ ୨ ଦିନ ବଢାଇ ଦେଇଥିଲେ।

## ୩ କ୍ରିଉ ମେମ୍ବରଙ୍କୁ ବହିଷ୍କାର ପାଇଁ ଏୟାର ଇଣ୍ଡିଆକୁ ଡିଜିସିଏର ନୋଟିସ୍

**ନୂଆଦିଲ୍ଲୀ,୨୧।୬:** ଅହମ୍ମଦାବାଦରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣାକୁ ନେଇ ୩ କ୍ରୁ ସଦସ୍ୟଙ୍କୁ ବହିଷ୍କାର ନିମନ୍ତେ ଏୟାର ଇଣ୍ଡିଆକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଲାଇସେନ୍ସ ଲାପ୍ସ, ବିଶ୍ରାମ ଓ ନୂତନତା ଆବଶ୍ୟକତା ଦର୍ଶାଇଛି ଡିଜିସିଏ। ଏଥିସହ ଦୁଇଟି ଉଡ଼ାଣ ପାଇଁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରିଛି। ମେ' ୧୬ ବେଙ୍ଗାଲୁରୁ-ଲଣ୍ଡନ ବିମାନ ଉଡ଼ାଣ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ପାଇଲଟ୍ ୧୦ ଘଣ୍ଟାରୁ ଅଧିକ ସମୟ ଉଡ଼ାଣ କରିଥିବାରୁ ନୋଟିସ୍ ଜାରି ହୋଇଛି। ଏହି ୩ କ୍ରୁ ମେମ୍ବର ହେଲେ ଚୁରାହ ସିଂହ, ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ପିଙ୍କି ମିତ୍ତଲ ମୁଖ୍ୟ ପରିଚାଳିକା କ୍ରୁ ସୂଚୀକରଣ ଏବଂ ପାୟଲ ଆରୋରା ବୋଲି ଜଣାପଡ଼ିଛି।

## ସେନାରେ ନରଭକ୍ଷକଙ୍କୁ ସାମିଲ କରୁଛି ରୁଷ

● ସାଥୀଙ୍କୁ ମାରି ଖାଇଛନ୍ତି ମାଂସ ; ୟୁକ୍ରେନର ବଡ଼ ଦାବି

**ନୂଆଦିଲ୍ଲୀ,୨୧।୬:** ଯୁଦ୍ଧ ପାଇଁ ରୁଷ ଶତାଧିକ ଅପରାଧୀ, ହତ୍ୟାକାରୀ, ଡକାୟତ ଓ ନରଭକ୍ଷକଙ୍କୁ ନିଜ ସେନାରେ ଭର୍ତ୍ତି ଥିବା ୟୁକ୍ରେନ ଦାବି କରିଛି । ୟୁକ୍ରେନ ସେନାର ଗୁଇନ୍ଦା ବିଭାଗ ଦାବି କରିଛି ଯେ ରୁଷ ସୈନିକ ନିଜକୁ ବଞ୍ଚାଇବା ପାଇଁ ଏବେ ସାଥୀଙ୍କୁ ମାରି ମଣିଷ ମାଂସ ଖାଇବାକୁ ବି ପଛାଉ ନାହାନ୍ତି । ୟୁକ୍ରେନ କହିଛି ଯେ ଡେନିସ ଗୋରେନ ନାମକ ଜଣେ ବ୍ୟକ୍ତି ଚାରି ଜଣଙ୍କୁ ହତ୍ୟା କରଥିଲା ଓ ପରେ ମାଂସ ଖାଇଥିଲା । ୨୦୧୨ରେ ତାକୁ ଗିରଫ କରାଯାଇଥିଲା । ୨୨ ବର୍ଷ ଜେଲ ଦଣ୍ଡ ଶୁଣାଯାଇଥିଲା । ଏହା ବ୍ୟତୀତ ନିକୋଲେ ଓକୋଲୋବିୟାକ ନାମକ ଜଣେ ବ୍ୟକ୍ତି ମଧ୍ୟ ଦୁଇ ମହିଳାଙ୍କୁ ହତ୍ୟା କରିଥିଲେ । ଏହାପରେ ମହିଳାଙ୍କ ମାଂସ ଖାଇଥିଲା । ଏପରି କୁଖ୍ୟାତ ଅପରାଧୀଙ୍କୁ ମୁକ୍ତ କରି ରୁଷ ନିଜ ସେନାରେ ସାମିଲ କରି ୟୁକ୍ରେନ ସଂଘର୍ଷରେ ଓହ୍ଲାଇଛି । ଡେଲି ମେଲ୍ ରିପୋର୍ଟରେ ଦାବି କରାଯାଇଛି ଯେ ଦମିତ୍ରି ମଲିସିଭ ନାମକ ଜଣେ ବ୍ୟକ୍ତିକୁ ତିନି ଜଣଙ୍କ ହତ୍ୟା ଓ ଏକ ହୃତପିଣ୍ଡକୁ ଫ୍ରାଏ କରି ଖାଇବା ଅଭିଯୋଗରେ ଗିରଫ କରାଯାଇଥିଲା। ଏହି କୁଖ୍ୟାତ ଅପରାଧୀକୁ ଯୁଦ୍ଧ ପାଇଁ ପଠାଇଛି । ରୁଷ ହତ୍ୟାକାରୀ ଓ ଦୁଷ୍କର୍ମକାରୀକୁ ଜେଲରୁ ମୁକ୍ତ କରି ୨୦୨୪ରେ ସମ୍ମୁଖ ଯୁଦ୍ଧକୁ ପଠାଇଛି । ଉଲ୍ଲେଖଯୋଗ୍ୟ ଯେ ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧକୁ ତିନି ବର୍ଷରୁ ଅଧିକ ସମୟ ହୋଇସାରିଛି । ଏବେ ବି ୟୁକ୍ରେନ ଉପରେ ରୁଷ ବଡ଼ ଧରଣର ଆକ୍ରମଣ କରୁଛି । ରୁଷ ଗତ ୨୪ ଘଣ୍ଟାରେ ୟୁକ୍ରେନର ୪୦୦ରୁ ଅଧିକ ସୈନିକଙ୍କୁ ନିହତ କରିଥିବା ଦାବି କରିଛି । ରୁଷ ଦାବି କରିଛନ୍ତି ଯେ ୟୁକ୍ରେନ ସୀମା ବର୍ତ୍ତି କିଛି ସ୍ଥାନ ଉପରେ କବଜା କରିଛି । କ୍ରାସ୍ନୋଓର୍ମିଇସ୍କ, ଦିମିତ୍ରୋଭ, ନୋଭୋସେର୍ଗେୟେବକା ତଥା ମୁରାବକା କ୍ଷେତ୍ରରେ ଚାରୋଟି ମେସିନଯୁକ୍ତ ଦୁଇଟି ଏୟାରବର୍ଣ୍ଣ ଆସଲ୍ଟ ଓ ଦୁଇଟି ମରିନ ବ୍ରିଗେଡକୁ ନଷ୍ଟ କରିଥିବା ରୁଷ ଦାବି କରିଛି ।



## ବିଜେପି ନେତାଙ୍କ ସନ୍ଦେହଜନକ ମୃତ୍ୟୁ



**ବୃଦ୍ଧି ପାଉଛି ରାଜନୈତିକ ଉତ୍ତେଜନା**

**ହୁଗୁଲି,୨୧।୬:** ପଶ୍ଚିମବଙ୍ଗର ହୁଗୁଲି ଜିଲ୍ଲାରେ ଏକ ଚାଞ୍ଚଲ୍ୟକର ଘଟଣାରେ ବିଜେପି ମାଇନୋରିଟି ମୋର୍ଚ୍ଚାର ନେତା ଶେଖ ବାକିବୁଲ୍ଲାଙ୍କ ମୃତଦେହ ତାଙ୍କ ଘରର ବାଲକୋନୀରେ ଦଉଡ଼ିରେ ଝୁଲୁଥିବା ଅବସ୍ଥାରେ ମିଳିଛି। ତାଙ୍କ ହାତ ବନ୍ଧା ଥିବା ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରିବା ପରେ ଏହା ଆତ୍ମହତ୍ୟା ନା ହତ୍ୟା ବୋଲି ତାହା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣା ଅରମବାଗ ଅଞ୍ଚଳରେ ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି। ସୂଚନା ମୁତାବକ, ଶୁକ୍ରବାର ସକାଳେ ଶେଖ ବାକିବୁଲ୍ଲାଙ୍କ ମୃତଦେହ ତାଙ୍କ ଘରର ବାଲକୋନୀରେ ଝୁଲୁଥିବା ଅବସ୍ଥାରେ ମିଳିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ପ୍ରଥମେ ପୋଲିସକୁ ଅସୁବିଧାର ସାମ୍ନା କରିବାକୁ ପଡିଥିଲା। ପରେ ବିଜେପି ନେତାମାନେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପରେ ମୃତଦେହକୁ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ବିଜେପି ନେତାମାନେ ଏହାକୁ ରାଜନୈତିକ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଶେଖ ବାକିବୁଲ୍ଲାଙ୍କ ହାତ ବନ୍ଧା ଥିବା ଅବସ୍ଥାରେ ମୃତଦେହ ମିଳିବା ଏକ ସାଦାରଣ ଘଟଣା ନୁହେଁ, ଏହା ଆତ୍ମହତ୍ୟା ନୁହେଁ ବରଂ ଏକ ସୁପରିକଳ୍ପିତ ହତ୍ୟା।

## ଇରାନରେ ଶକ୍ତିଶାଳୀ ଭୂମିକମ୍ପ

**ନୂଆଦିଲ୍ଲୀ,୨୧।୬:** ଇସ୍ରାଏଲ ସହିତ ଯୁଦ୍ଧ ମଧ୍ୟରେ ଇରାନର ଯୁଦ୍ଧଗ୍ରସ୍ତ ସେମନାନରେ ଭୂମିକମ୍ପର ପ୍ରବଳ ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୧ ରେକର୍ଡ କରାଯାଇଛି। ୫.୧ ତୀବ୍ରତାର ଏହି ଭୂମିକମ୍ପ ଚିନ୍ତାର ବିଷୟ ପାଲଟିଛି କାରଣ ଇସ୍ରାଏଲ ଏହି ଅଞ୍ଚଳ ଉପରେ ମିସାଇଲ୍ ଆକ୍ରମଣ କରୁଛି। ଭୂମିକମ୍ପ ଯୋଗୁଁ କୌଣସି କ୍ଷତି ହୋଇଥିବାର ରିପୋର୍ଟ ନାହିଁ । ଏକ ରିପୋର୍ଟ ଅନୁଯାୟୀ, ୧୦ କିଲୋମିଟର ଗଭୀରତା ବିଶିଷ୍ଟ ଏହି ଭୂମିକମ୍ପ ଚିନ୍ତାର କାରଣ ହୋଇଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି କିମ୍ବା ମୃତାହତର ରିପୋର୍ଟ ନାହିଁ। ଭୂମିକମ୍ପଟି ତେହେରାନ ନିକଟବର୍ତ୍ତୀ ସେମନାନରୁ ପ୍ରାୟ ୩୫ କିଲୋମିଟର ଦକ୍ଷିଣ-ପଶ୍ଚିମରେ କେନ୍ଦ୍ରୀୟ ଇରାନରେ ଅନୁଭୂତ ହୋଇଥିଲା । ଏହି ଭୂମିକମ୍ପ ଯୁଦ୍ଧଗ୍ରସ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା।

## ଫିଟ୍‌ନେସ୍ ନେଇ ସମସ୍ତଙ୍କୁ ଚମକାଇଲେ ତାମିଲନାଡୁ ରାଜ୍ୟପାଳ

**ନୂଆଦିଲ୍ଲୀ,୨୧।୬:** ଅନେକ ସମୟରେ ଯୁବ ମନସ୍କ ବ୍ୟକ୍ତିମାନଙ୍କୁ ଠାରୁ ଗୋଟିଏ କଥା ଶୁଣିବାକୁ ମିଳିଥାଏ। ତାହା ହେଲା ବୟସ କେବଳ ଗୋଟେ ସଂଖ୍ୟା ମାତ୍ର। ୭୩ ବର୍ଷୀୟ ତାମିଲନାଡୁ ରାଜ୍ୟପାଳ ରବିନ୍ଦ୍ର ନାରାୟଣ ରବି ଏହାକୁ ପ୍ରମାଣ କରି ଦେଖାଇଛନ୍ତି। ଜୁଲାଇ ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ପାଇଁ ତାମିଲନାଡୁ ମାଦୁରାଇର ଭେଲାମ୍ମାଲ ଶିକ୍ଷାନୁଷ୍ଠାନରେ ହଜାର ହଜାର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଗହଣରେ ରାଜ୍ୟପାଳ ଏମିତି ଯୋଗ କରି ଦେଖାଇଥିଲେ ଯେ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଯୋଗ ଦିବସ ପାଳନ ପାଇଁ ସେଠାରେ ୧୦,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥିତ ଥିଲେ। ଯାହାଙ୍କୁ ସମ୍ବୋଧନ କରିଥିଲେ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି।



# ମାଷ୍ଟର୍ସ କପ୍ ହକି କ୍ୱାର୍ଟରରେ ଓଡ଼ିଶା



ଭୁବନେଶ୍ୱର, ୨୧।୬ (ସଂଚାର ବ୍ୟୁରୋ): ତାମିଲନାଡୁରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ର କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି। ନିଜର ପ୍ରଥମ ଗ୍ରୁପ୍ ମ୍ୟାଚ୍‌ରେ ପୁଡୁଚେରୀକୁ ହରାଇଥିବା ଓଡ଼ିଶା ଶୁକ୍ରବାର ପଞ୍ଜାବକୁ ୫-୨ରେ ହରାଇ ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ଦଖଲ କରି କ୍ୱାର୍ଟରଫାଇନାଲ୍ ସ୍ଥାନ ପକ୍କା କରିଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଧରମପାଲ ସିଂହ (୧୭ ମିନିଟ୍)ଙ୍କ ଗୋଲ୍‌ରେ ପଞ୍ଜାବ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହା ପର ମିନିଟ୍‌ରେ ଓଡ଼ିଶାକୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ଅଧିନାୟକ ଲାଜରୁସ ବାର୍ଲା (୧୮ ମିନିଟ୍) ଗୋଲ୍‌ରେ ପରିଣତ କରି ୧-୧ ସ୍ତରକୁ ଆଣିଥିଲେ। ୨୨ତମ ମିନିଟ୍‌ରେ ରାମ ଶରଣଙ୍କ ଗୋଲ୍‌ରେ ପଞ୍ଜାବ ପୁଣି ଆଗୁଆ ହୋଇଥିଲା। ଏହାପରେ ଓଡ଼ିଶା ଖେଳାଳି ପଞ୍ଜାବକୁ କୌଣସି ସୁଯୋଗ ନ ଦେଇ ୪ ଗୋଲ୍ ଲଦି ବିଜୟ ବାନା ଉଡ଼ାଇଥିଲେ। ଓଡ଼ିଶା ପକ୍ଷରୁ ଅନୀଲ କୁଲୁ (୩୩, ୩୭ ମିନିଟ୍) ଦୁଇଟି, ସୁନିଲ ଲାକ୍ରା (୩୦ ମିନିଟ୍) ଓ ରଜତ କୁମାର ମିଞ୍ଜ (୪୫ ମିନିଟ୍) ଏହି ୪ ଗୋଲ୍ ଦେଇଥିଲେ।

## ଭାରତୀୟ ହକି ଖେଳାଳି ପାଇବେ ମାସିକ ଭତ୍ତା

ନୂଆଦିଲ୍ଲୀ, ୨୧।୬: ହକି ଇଣ୍ଡିଆର ବାରମ୍ବାର ଅନୁରୋଧ ପରେ ଗୁରୁବାର କ୍ରୀଡ଼ା ମନ୍ତ୍ରାଳୟ ଜାତୀୟ ଶିବିରରେ ସ୍ଥାନ ପାଇଥିବା ସମସ୍ତ ପୁରୁଷ ଓ ମହିଳା ଖେଳାଳିଙ୍କୁ ମାସିକ ୨୫,୦୦୦ ଟଙ୍କା ଲେଖାଏଁ ଭତ୍ତା ଦେବାକୁ ନିଷ୍ପତ୍ତି ନେଇଛି। ଫଳରେ ପ୍ରଥମ ଥର ଲାଗି ହକି ଖେଳାଳି ଭତ୍ତା ପାଇବାକୁ ଯାଉଛନ୍ତି। ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ୍ ସ୍କିମ୍ (ଟପ୍ସ)ରେ ଥିବା ୮୦ (୪୦ ପୁରୁଷ ଓ ୪୦ ମହିଳା) ଖେଳାଳିଙ୍କୁ ମଧ ଭତ୍ତା ମିଳିବ। ଏହି କୋର୍ ଗ୍ରୁପ୍‌ରେ ଥିବା ଖେଳାଳିଙ୍କୁ ମାସିକ ୫୦,୦୦୦ ଟଙ୍କା ଲେଖାଏଁ ଭତ୍ତା ମିଳିବ। ଫଳରେ ଏହି ବାବଦରେ ସରକାରଙ୍କୁ ମାସିକ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଗୁରୁବାର ମିସନ୍ ଅଲିମ୍ପିକ୍ ସେଲ୍ (ଏମ୍‌ଓସି) ମାସିକ ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା। ଭତ୍ତା ପାଇବାକୁ ଥିବା ଯୋଗ୍ୟ ଖେଳାଳିଙ୍କ ନାମ ତାଲିକା ହକି ଇଣ୍ଡିଆ ସରକାରଙ୍କୁ ପ୍ରତି ମାସରେ ପ୍ରଦାନ କରିବ। "ହକି ଇଣ୍ଡିଆ ଅନୁରୋଧ କ୍ରମେ ଆମେ ଏଭଳି ନିଷ୍ପତ୍ତି ନେଇଛୁ। ଖେଳାଳିମାନେ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ ମଧ କରୁଛନ୍ତି। ହକି ଇଣ୍ଡିଆ ପ୍ରତି ମାସରେ ଆମକୁ ତାଲିକା ପ୍ରଦାନ କରିବ। ଖେଳାଳିଙ୍କ ଫିଟ୍‌ନେସ୍ ଅନୁଯାୟୀ ହକି ଇଣ୍ଡିଆ ଖେଳାଳିଙ୍କ ତାଲିକା ପରିବର୍ତ୍ତନ କରିପାରିବ" ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ କହିଛନ୍ତି। ସୂଚନାଯୋଗ୍ୟ, ଯେ ଭାରତୀୟ ପୁରୁଷ ହକି ଦଳ ଲଗାତାର ୨୦୨୧ ଓ ୨୦୨୪ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲା। ମହିଳା ଦଳ ମଧ ୨୦୨୧ ଟୋକିଓରେ ଚତୁର୍ଥ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଥିଲା।

## ଡୋପିଙ୍ଗ ଅପରାଧରେ ଭାରତ

**ନୂଆଦିଲ୍ଲୀ, ୨୧।୬:** ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଡୋପିଙ୍ଗ ଅପରାଧ ସମ୍ପୂର୍ଣ୍ଣ ଭାବେ ଦୂରୀଭୂତ ହେବା ପରିବର୍ତ୍ତେ ବଢ଼ିଛି। କେନ୍ଦ୍ର ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ କଠୋର ଭାବେ ସ୍ୱଚ୍ଛତାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ଏହାର ବାସ୍ତବତାଠାରୁ ଢେର୍ ଦୂରରେ ରହିଛି। ୨୦୨୩ ମସିହା ପର୍ଯ୍ୟନ୍ତ ଅନ୍ୟୁନ ୫,୦୦୦ ନମୁନା ପ୍ରଦାନ କରିଥିବା ଦେଶ ମଧରେ ଭାରତ ୱାଡା (ବିଶ୍ୱ ଡୋପିଂ ନିରୋଧୀ ସଂସ୍ଥା) ତାଲିକାରେ ଶୀର୍ଷରେ ରହିଛି। ଭାରତରୁ ୫୬୦୬ ନମୁନା ସଂଗ୍ରହ କରାଯାଇଥିବା ବେଳେ ୨୧୪ ନମୁନା ହାନିକାରକ ଜଣାପଡ଼ିଛି। ଯାହାର ପ୍ରତିଶତ ୩.୮। ୨୦୨୨ରେ ଏହା ୩.୨ ଥିଲା। ୫୬୦୬ ମଧରୁ ୨୭୪୮ଟି ନମୁନା ପ୍ରତିଯୋଗିତା ସମୟରେ ସଂଗ୍ରହ କରାଯାଇଥିଲା। ଭାରତୀୟ ଖେଳାଳି ଶକ୍ତିବର୍ଦ୍ଧକ ସେବନ କରିବାରେ ଚୀନ (୦.୨), ଆମେରିକା (୧.୦), ଫ୍ରାନ୍ସ (୦.୯), ଜର୍ମାନୀ (୦.୪), ରୁଷିଆ (୧.୦)ଠାରୁ ବି ଢେର୍ ଆଗରେ ରହିଛି। ଭାରତର ୨୧୪ ତୁଳନାରେ ଉପରୋକ୍ତ ୫ ଦେଶର ହାନିକାରକ ନମୁନା ଯଥାକ୍ରମେ ୧୦୫, ୯୯, ୬୬, ୬୦, ୫୭ ରହିଥିଲା। ୨୦୨୩ରେ ବିଶ୍ୱବ୍ୟାପୀ ମିଳିଥିବା ୨,୦୪,୮୦୯ ପରୀକ୍ଷାରୁ ମୋଟ ୧୮୨୦ଟି ଶକ୍ତିବର୍ଦ୍ଧକ ସେବନ ମିଳିଥିଲା। କିନ୍ତୁ ଭାରତର ୨୧୪ ମୋଟ ଅପରାଧର ୧୧ ପ୍ରତିଶତ ସହ ଶୀର୍ଷରେ ରହିଛି।

## ରାଜକୁମାରଙ୍କୁ ଜାତୀୟ ଉଷୁ ରୌପ୍ୟ



ଭୁବନେଶ୍ୱର, ୨୧।୬ (ସଂଚାର ବ୍ୟୁରୋ): ରାଜସ୍ଥାନରେ ଆୟୋଜିତ ୩୪ତମ ଜାତୀୟ ବରିଷ୍ଠ ଉଷୁ ପ୍ରତିଯୋଗିତାରେ ଓଡ଼ିଶାର ରାଜକୁମାର ମୁଣ୍ଡା ରୌପ୍ୟ ପଦକ ଜିତିଛନ୍ତି। ରାଜକୁମାର ୫୨ କେଜି ସାଣ୍ଡା ଫାଇଟ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଏହି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ଲାଗି କ୍ରୀଡ଼ା ବିଭାଗ ଅଭିନନ୍ଦନ ଜଣାଇଛି।

# ବିଶ୍ୱ ପାରା ଦୌଡ଼କୁଦ ଲୋଗୋ, ମାସ୍କଟ୍ ଉନ୍ମୋଚିତ





**ନୂଆଦିଲ୍ଲୀ, ୨୧।୬:** ଠିକ୍ ୧୦୦ ଦିନ ପୂର୍ବରୁ ବିଶ୍ୱ ପାରା ଦୌଡ଼କୁଦର ଲୋଗୋ ଓ ମାସ୍କଟ ଗୁରୁବାର ଉନ୍ମୋଚିତ ହୋଇଛି। ଭାରତୀୟ ପାରାଲିମ୍ପିକ୍ କମିଟି (ପିସିଆଇ) ପକ୍ଷରୁ ସ୍ଥାନୀୟ ଏକ ତାରକା ହୋଟେଲରେ ଉତ୍ସବ ଆୟୋଜନ କରିଥିଲା। ବିରାଜ ନାଁରେ ନାମିତ ମାସ୍କଟ ହେଉଛି ଏକ ଯୁବ ହାତୀ, ଯାହାର ଏକ କୃତ୍ରିମ ବ୍ଲେଡ୍ ଅଙ୍ଗ ରହିଛି। ଏହା ଶକ୍ତି, ଆଶା ଓ ସ୍ଥିରତାକୁ ବହନ କରୁଛି। ସେହିପରି ଲୋଗୋଟି ଭାରତର ଐତିହ୍ୟ, ପାରାଆଥ୍‌ଲେଟିକ୍ସର ସ୍ପିରିଟ୍ ଏବଂ ଆୟୋଜକ ସହର ନୂଆଦିଲ୍ଲୀର ଉଜ୍ଜ୍ୱଳତାକୁ ପ୍ରତିଫଳିତ କରୁଛି। ଏହି ୧୦୦ ଦିନ ଅବଗଣନା ଏବଂ ଲୋଗୋ ଓ ମାସ୍କଟ୍ ଉନ୍ମୋଚନ ଉତ୍ସବରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ପିସିଆଇ ମୁଖ୍ୟ ପୃଷ୍ଠପୋଷକ ବିଧାୟକ ଭାନାତୀ ଶ୍ରୀନିବାସନ, ଅଭିନେତ୍ରୀ ତଥା ସାଂସଦ ଓ ବ୍ରାଣ୍ଡ ଆମ୍ବାସଡର କଙ୍ଗନା ରାଣାୱତ, ଦିଲ୍ଲୀ ଶିକ୍ଷାମନ୍ତ୍ରୀ ଆଶିଷ ସୁଦ, କ୍ରୀଡ଼ା ସଚିବ ହରିରଞ୍ଜନ ରାଓ, ବିଶ୍ୱ ପାରା ଦୌଡ଼କୁଦ ମୁଖ୍ୟ ପଲ ଫିଜ୍‌ଗେରାଲ୍ଡ ଓ ପିସିଆଇ ସଭାପତି ଦେବେନ୍ଦ୍ର ଝଝରିଆ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ନୂଆଦିଲ୍ଲୀ ୨୦୨୫ ବିଶ୍ୱ ପାରା ଦୌଡ଼କୁଦ ପ୍ରତିଯୋଗିତା ଚଳିତ ବର୍ଷ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ଦିଲ୍ଲୀରେ ଆୟୋଜିତ ହେବ। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶର ଖେଳାଳି ଅଂଶଗ୍ରହଣ କରିବେ।

# ଓଡ଼ିଶାକୁ ଜାତୀୟ କନିଷ୍ଠ 'ପିଟୁ' କାଂସ୍ୟ

**ଭୁବନେଶ୍ୱର, ୨୧।୬ (ସଂଚାର ବ୍ୟୁରୋ):** ଉତ୍ତରାଖଣ୍ଡର ଡେରାଡୁନଠାରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ କନିଷ୍ଠ ପିଟୁ ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଛି। ଓଡ଼ିଶା ୯୬-୪୮ରେ ଉତ୍ତରପ୍ରଦେଶ, ୧୩୦-୩୮ରେ ପଞ୍ଜାବକୁ, ୧୧୧-୭୨ରେ ହିମାଚଳପ୍ରଦେଶକୁ ଏବଂ ୮୩-୭୨ରେ ଆୟୋଜକ ଉତ୍ତରାଖଣ୍ଡକୁ ହରାଇ ଏହି ପଦକ ଜିତିଛି। ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଏହା ପ୍ରଥମ ପଦକ। ମଧ୍ୟପ୍ରଦେଶ ବିଜେତା ଏବଂ ହରିୟାଣା ଉପବିଜେତା ହୋଇଥିଲେ। ସ୍ୱାଧୀନ ସାମଲଙ୍କ ନେତୃତ୍ୱରେ ବାଦଲ ଧଣ୍ଡା, ଶିବ ବିରୁଆ, ରାହୁଲ ନାଥ, ପ୍ରଶାନ୍ତ ସାହୁ, ଚନ୍ଦନ ଆଚାରୀ, ମହମ୍ମଦ ସାହିଲ, ତେଜସ ମହାରଣା ଉଚ୍ଚକୋଟିର ପ୍ରଦର୍ଶନ କରି ଓଡ଼ିଶା ଦଳ ପାଇଁ ଏହି ଐତିହାସିକ ସଫଳତା ଆଣି ଦେଇଛନ୍ତି।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୀତି ଆୟୋଗ...

ବିଭାଗର ସଚିବମାନଙ୍କର ଉଲ୍ଲେଖନୀୟ ଭୂମିକାକୁ ପ୍ରଶଂସା କରିଥିଲେ। ମାତ୍ର ୧୧ ମାସ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା, ବିଭିନ୍ନ ବର୍ଗ ତଥା ଜନସାଧାରଣଙ୍କଠାରୁ ମତାମତ, ବିଭିନ୍ନ କ୍ଷେତ୍ରରୁ ମତାମତ ଗ୍ରହଣ ପରେ ଏହି ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି। ତାଙ୍କ କହିବାନୁସାରେ, ଓଡ଼ିଶା ଭିଜନକୁ କାର୍ଯ୍ୟକାରୀ କରିବାକୁ ହେଲେ ଏଥିରେ ଉଲ୍ଲିଖିତ ବିଭିନ୍ନ ପ୍ରସ୍ତାବକୁ ପ୍ରଥମେ ଭଲ ଭାବେ ବୁଝିବା ଦରକାର। ଏହାଦ୍ୱାରା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ। ନୀତି ଆୟୋଗ ସିଇଓ ରାଜ୍ୟ ସରକାରଙ୍କ '୩୬ ପାଇଁ ୩୬' ଲକ୍ଷ୍ୟ ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କୁ 'ଓଡ଼ିଶା ଭିଜନ ସେଲ' ଗଠନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ସେଲ ପ୍ରତି ମାସରେ 'ଓଡ଼ିଶା ଭିଜନ'ରେ ଥିବା ଲକ୍ଷ୍ୟ ସାଧନରେ କାର୍ଯ୍ୟ ଅଗ୍ରଗତି ନିୟମିତ ଭାବେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ। ସେହିପରି ଜିଲ୍ଲା ସ୍ତରରେ ଓଡ଼ିଶା ଭିଜନ ୟୁନିଟ ସ୍ଥାପନ ସହ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଓ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ଉଚ୍ଚସ୍ତରୀୟ କମିଟି ଗଠନ ପୂର୍ବକ ବିଭିନ୍ନ ସମୟରେ ସମୀକ୍ଷା ଓ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ ନୀତି ଆୟୋଗଙ୍କ ସହଯୋଗ ଓ ରାଜ୍ୟ ସରକାରଙ୍କ ସାମଗ୍ରିକ ପ୍ରୟାସରେ ଏହି ଡକ୍ୟୁମେଣ୍ଟ ଏକ ଗୁଣାତ୍ମକ ଡକ୍ୟୁମେଣ୍ଟ ହୋଇଛି। ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଆମକୁ ଓଡ଼ିଶା ଭିଜନର ଲକ୍ଷ୍ୟ ସାଧନ ଦିଗରେ ସହାୟକ ହେବ। ଦକ୍ଷତା ବିକାଶ ଓ ସମ୍ମିଳିତ ପ୍ରୟାସରେ ଅଭିବୃଦ୍ଧି ହାରରେ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଏହି ଭିଜନ କାର୍ଯ୍ୟକାରୀ କରିବା ଓଡ଼ିଶା ତଥା ଦେଶର ବିକାଶ ପାଇଁ ଏକ ଅନନ୍ୟ ସୁଯୋଗ ହେବ ବୋଲି ମୁଖ୍ୟ ସଚିବ କହିଛନ୍ତି।

ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ପ୍ରାରମ୍ଭିକ ଅଭିଭାଷଣରେ ଓଡ଼ିଶା ଭିଜନ ପ୍ରସ୍ତୁତିରେ ନୀତି ଆୟୋଗଙ୍କ ସହଯୋଗ ଓ ସମସ୍ତ ସଚିବଙ୍କ ଆନ୍ତରିକ ପ୍ରଚେଷ୍ଟା ପାଇଁ ଧନ୍ୟବାଦ ଦେଇଥିଲେ। ରାଜନୈତିକ ନେତୃବୃନ୍ଦଙ୍କଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ସମ୍ମିଳିତ ପ୍ରୟାସ ଏହାକୁ ପ୍ରସ୍ତୁତ କରିବାରେ ସକ୍ଷମ କରିପାରିଛି ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭିଜନ ଓଡ଼ିଶାରେ ଥିବା ବିଭିନ୍ନ ଲକ୍ଷ୍ୟ ପୂରଣ ନେଇ ସଚିବମାନେ ନୀତି ଆୟୋଗ ସିଇଓଙ୍କ ସହିତ ଆଲୋଚନା କରିଥିଲେ ।

### ଢେଙ୍କାନାଳ...

ଢେଙ୍କାନାଳରେ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ୨୫ ହଜାର କୋଟିର ପୁଞ୍ଜିନିବେଶ କରିବାକୁ ୱାରି ଏନର୍ଜିଜ୍‌କୁ ଗତ ୨୦୨୩ ଏପ୍ରିଲରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ବୈଠକରେ ଅନୁମୋଦନ ମିଳିଥିଲା। ପରେ ବିଜେପି ସରକାର ଅମଳରେ ଗତ ୨୦୨୪ ଡିସେମ୍ବରରେ ଏହି ପ୍ରକଳ୍ପ ପାଇଁ ଭୂମିପୂଜନ ହୋଇଥିଲା। କିନ୍ତୁ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ଆଗେଇନେବାକୁ ଆବଶ୍ୟକ ସହଯୋଗ ଯୋଗାଇ ଦେଇନଥିବା କମ୍ପାନୀ ପକ୍ଷରୁ ଅଭିଯୋଗ ହେଉଥିବା କୁହାଯାଉଛି। ଏବେ ଏହି କମ୍ପାନୀ ଗୁଜରାଟ ଓ ତାମିଲନାଡୁରେ ପୁଞ୍ଜିନିବେଶ ପାଇଁ ମୁହାଁଇଥିବା କୁହାଯାଉଛି। ପୂର୍ବରୁ ମଧ୍ୟ ଗତ ବର୍ଷକ ମଧ୍ୟରେ ବହୁ କମ୍ପାନୀ ଓଡ଼ିଶାରୁ ଓହରିଯାଇଛନ୍ତି।

କିନ୍ତୁ ଆଜି ବିଭିନ୍ନ ଜାତୀୟ ସ୍ତରର ଗଣମାଧ୍ୟମରେ ପ୍ରକାଶିତ ଖବରରେ କମ୍ପାନୀର ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡ. ଅମିତ୍ ପୈଠାନ୍‌କର ଏପରି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ପ୍ରତିଷ୍ଠା ହେବାକୁ ଥିବା ୬ ଗିଗାୱାଟ୍ କ୍ଷମତାବିଶିଷ୍ଟ ସମନ୍ୱିତ ସୌର ଶକ୍ତି ପ୍ରକଳ୍ପ ପାଇଁ ଲୋକେସନ୍‌ରେ କେତେଗୁଡ଼ିଏ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଗତକାଲି ଏକ ବୈଠକରେ ହୋଇଥିବା ସଂଶୋଧିତ ନିଷ୍ପତ୍ତି ଅନୁସାରେ, ୬ ଗିଗାୱାଟ୍ କ୍ଷମତାସମ୍ପନ୍ନ ପ୍ରକଳ୍ପ ମଧ୍ୟରୁ ଗୁଜରାଟର ସମାଖିଆଲିରେ ୩ ଗିଗାୱାଟ୍ ଓ ଅନ୍ୟ ୩ ଗିଗାୱାଟ୍ କ୍ଷମତାସମ୍ପନ୍ନ ପ୍ରକଳ୍ପ ପାଇଁ ତାମିଲନାଡୁ କିମ୍ବା ଗୁଜରାଟର ଏକ ସ୍ଥାନ ସନ୍ଧାନ କରାଯାଉଛି। ସେହିପରି ୬ ଗିଗାୱାଟ୍ କ୍ଷମତାବିଶିଷ୍ଟ ଇଗ୍‌ନୋଟ୍ ଓ ୱାଫର୍ସ ପ୍ଲାଣ୍ଟ୍ ମହାରାଷ୍ଟ୍ରର ନାଗପୁରଠାରେ ପ୍ରତିଷ୍ଠା କରାଯିବା ସକାଶେ ନିଷ୍ପତ୍ତି ହୋଇଛି। କିନ୍ତୁ ଓଡ଼ିଶାରେ ହେବାକୁ ଥିବା ପ୍ରକଳ୍ପ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଏବେ ବି ସମ୍ପୃକ୍ତ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ୍ ସକାଶେ କେତେକ କମ୍ପାନୀ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇସାରିଛି ଓ ସବୁକିଛି ପୂର୍ବ ଯୋଜନାନୁସାରେ ଜାରି ରହିଛି ବୋଲି ଡ. ପୈଠାନକର ସ୍ପଷ୍ଟ କରିଛନ୍ତି। ଏଥିସହ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସହଯୋଗ କରୁନଥିବା ଖବରରେ ମଧ୍ୟ କୌଣସି ସତ୍ୟତା ନଥିବା ସେ କହିଛନ୍ତି। ତାଙ୍କ କହିବାନୁସାରେ, ଓଡ଼ିଶାରେ ଶିଳ୍ପାୟନ ସକାଶେ ସକାରାତ୍ମକ ପରିବେଶ ରହିଥିବାରୁ କମ୍ପାନୀ ଏହାର ପୂରା ଫାଇଦା ନେବା ସହ ସ୍ଥାନୀୟ ଲୋକଙ୍କ ବିକାଶ ଉପରେ ଗୁରୁତ୍ୱ ଦେଉଛି। ଓଡ଼ିଶା ସହ କମ୍ପାନୀ ଦୀର୍ଘକାଳୀନ ସମ୍ପର୍କ ସ୍ଥାପନ ଉପରେ ବିଚାର କରୁଛି ବୋଲି ଡ. ପୈଠାନକର କହିଛନ୍ତି।

### ମୋହନଙ୍କ...

ସରକାର ବିରୋଧରେ ବିଭିନ୍ନ ସମୟରେ ମନ୍ତବ୍ୟ ଦେଉଛନ୍ତି। ରୁବେନ କୋଲକାତା ବାସିନ୍ଦା ହୋଇଥିଲେ ସୁଦ୍ଧା ଭୁବନେଶ୍ୱର ଓ ଓଡ଼ିଶା ସରକାରଙ୍କ ପ୍ରତି ତାଙ୍କର ଅତ୍ୟଧିକ ଆଗ୍ରହ ପଛରେ କିଛି ଲୁକ୍କାୟିତ ଉଦ୍ଦେଶ୍ୟ ଥାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସେ ଏକ ଘରୋଇ ହସ୍ପିଟାଲର ମାଲିକାନା ଓ ଜମି ହସ୍ତାନ୍ତର ପ୍ରକ୍ରିୟା ନେଇ ରାଜ୍ୟ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ଏ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ସେ ଦେବାରେ ସକ୍ଷମ ହୋଇପାରିନାହାନ୍ତି। ତାଙ୍କ ସୋସିଆଲ ମିଡିଆ ଭିଡିଓରେ ମଧ୍ୟ ଏହା ସମ୍ପର୍କରେ କୌଣସି ସତ୍ୟାସତ୍ୟ ପ୍ରମାଣ କରିବା ଭଳି ତଥ୍ୟ ନାହିଁ। ବିନା ପ୍ରମାଣରେ ରାଜ୍ୟ ପ୍ରଶାସନର ଶୀର୍ଷ ଅଧିକାରୀଙ୍କ ନୈତିକତା ଉପରେ ସନ୍ଦେହ ପ୍ରକାଶ କରିବା କେତେଦୂର ଯୁକ୍ତିଯୁକ୍ତ, ସେନେଇ ବିଜେପି ନେତାମାନେ ପ୍ରଶ୍ନ କରିଛନ୍ତି। ଏଥିସହ ରୁବେନଙ୍କର ଏହି ହସ୍ପିଟାଲ ମାଲିକାନା ପ୍ରସଙ୍ଗରେ ଅତ୍ୟଧିକ ଆଗ୍ରହ ପଛରେ ଅନ୍ୟ କୌଣସି ବଡ଼ ହସ୍ପିଟାଲ ଗ୍ରୁପର ପ୍ରଭାବ ରହିଛି କି ନାହିଁ, ତାହା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି।ଏହି ଅଭିଯୋଗଗୁଡ଼ିକ ରାଜନୈତିକ ଷଡ଼ଯନ୍ତ୍ର ପ୍ରତି ଇଙ୍ଗିତ ଦେଉଥିବା ବେଳେ ରୁବେନଙ୍କ ଦାବିର ସତ୍ୟତା ଯାଞ୍ଚ ପାଇଁ ସ୍ପଷ୍ଟ ପ୍ରମାଣ ଆବଶ୍ୟକ। ତେବେ ଏହା ରାଜ୍ୟର ରାଜନୈତିକ ଓ ଗଣମାଧ୍ୟମ ମହଲରେ ଏକ ବିବାଦୀୟ ଓ ଚର୍ଚ୍ଚାର ବିଷୟ ହୋଇ ରହିଛି।

### ଯୋଗ...

ଅମୂଲ୍ୟ ଉପହାର। ୨୦୧୪ରେ ପ୍ରଧାନମନ୍ତ୍ରୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗାଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ସର୍ବପ୍ରଥମେ ପ୍ରସ୍ତାବ ଦେଇଥିଲେ। ଭାରତର ପ୍ରସ୍ତାବକୁ ୧୫୦ରୁ ଅଧିକ ଦେଶ ସମର୍ଥନ ଦେଇଥିଲେ। ରକ୍ତଚାପ ଓ ମଧୁମେହ ଭଳି ରୋଗକୁ ପ୍ରତିହତ କରିବା ପାଇଁ ଆମକୁ ଏକ ସୁସ୍ଥ ଜୀବନଶୈଳୀକୁ ବିକଶିତ କରିବା ପାଇଁ ପଡ଼ିବ। ଏଥିପାଇଁ ଜାତୀୟ ଶିକ୍ଷା ନୀତିରେ ମଧ୍ୟ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସମ୍ବଲପୁରର ଗୋଟିଏ ଚରିତ୍ର, ସଂସ୍କୃତି ଓ ଉତ୍ସାହ ରହିଛି। ଶାରିରୀକ ସୁସ୍ଥତାରେ ସମ୍ବଲପୁର ରାଜ୍ୟ ଓ ଦେଶର ପ୍ରମୁଖ ଅଞ୍ଚଳ ଭାବେ ଉଭା ହେଉଛି। କ୍ରୀଡ଼ା, ବ୍ୟାୟାମ, କୁସ୍ତି ତଥା ପ୍ରାତଃଭ୍ରମଣ ଓ ସଂଧ୍ୟାଭ୍ରମଣ ଲୋକଙ୍କ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। ସମସାମୟିକ ସମୟରେ ଆମକୁ ସମ୍ବଲପୁରକୁ ସୁସ୍ଥ ଓ ସୁନ୍ଦର ରଖିବାକୁ ପଡ଼ିବ। ଆଗାମୀ ଦିନରେ ଯେପରି ସମ୍ବଲପୁର ଜିଲ୍ଲାର ପ୍ରତିଟି ଗାଁର ନାଗରିକ ଯୋଗ ଦିବସ ପାଳନ କରିବେ, ସେଦିଗରେ ଆମେ ପଦକ୍ଷେପ ନେବା ଦରକାର। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଜିଲ୍ଲାର ନାଗରିକଙ୍କ ମଧ୍ୟରେ ସମ୍ପନ୍ନତା ଆଣିବା ପାଇଁ ପ୍ରୟାସ କରିବା ସହ ସୁସ୍ଥ ଓ ସୁଖୀ ଜୀବନଯାପନ ପାଇଁ ଯୋଗକୁ ଗ୍ରହଣ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମ ଆୟୋଜନ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଥିବା ବେଳେ ଏଥିରେ କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ବିଶାଖାପାଟଣାରୁ ପ୍ରଧାନମନ୍ତ୍ରୀଙ୍କ ଯୋଗ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ୍ୟ ସମସ୍ତେ ଉପଭୋଗ କରିଥିଲେ।

### ସ୍ଥିତି...

ମହିଳା ଏସଏଚଜି ସଦସ୍ୟାମାନେ ସମସ୍ତ ପରିବାରଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଅଭିଯାନରେ ସକ୍ରିୟ ଭାବରେ ସଂଶ୍ଳିଷ୍ଟ ଅଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଅଶ୍ୱତି ଏସ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ସୁରକ୍ଷା ବିଭାଗ, ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ।

### କେନ୍ଦୁପତ୍ରଜୀବୀଙ୍କ...

୧୭ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏହି ସହାୟତାରେ କେନ୍ଦୁପତ୍ରକୁ ଜୀବିକା କରି ବଞ୍ଚୁଥିବା ଲୋକଙ୍କ ପାଇଁ ଚପଲ, କେରି ବନ୍ଧା କପଡା, ଟୋପି, ମଶାରି ଓ କମ୍ବଳ ବାବଦ ଅର୍ଥ ରାଶି ରହିଛି। ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ସଂଘର ସଦସ୍ୟଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର କେନ୍ଦୁପତ୍ରଜୀବୀଙ୍କ ବିକାଶ ଓ କଲ୍ୟାଣ ଦିଗରେ ସର୍ବଦା ତତ୍ପର ଅଛନ୍ତି। ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା ହାତକୁ ନେଇଛନ୍ତି। ଏହିସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସୁଫଳ ସମସ୍ତେ ହାସଲ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମହିଳା ସଦସ୍ୟାମାନଙ୍କୁ ଯୁଗାନ୍ତକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ସଠିକ୍ ଭାବେ ବିନିଯୋଗ କରି ଲକ୍ଷପତି ଦିଦି ହେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ।

### ମୋଦି...

ପାଇବାର ବ୍ୟବସ୍ଥା ଥିବାରୁ ଏଠାରେ ଥଇଥାନ ପାଇଁ ଲବି ଅଧିକ ହେଉଛି। ବିଶେଷକରି ଦଳର ଯେଉଁ ବରିଷ୍ଠ ସଦସ୍ୟମାନେ ଗତ ନିର୍ବାଚନରେ ହାରିଯାଇଛନ୍ତି ସେମାନେ ଏଠାରେ ଥଇଥାନ ହେବା ପାଇଁ ଲାଗିଛନ୍ତି। ସେହିଭଳି ସରକାରୀ ନିଗମଗୁଡ଼ିକରେ ମଧ୍ୟ ନୂଆ ସରକାରରେ ରାଜନୈତିକ ନିଯୁକ୍ତି ହୋଇନାହିଁ। ତେଣୁ ସେଠାରେ ଥଇଥାନ ପାଇଁ ଗତ ନିର୍ବାଚନରେ ଦଳ ପାଇଁ କାମ କରିଥିବା ଅନେକ ନେତା ଧାଡ଼ିରେ ଅଛନ୍ତି।

ଏହାବାଦ୍ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଉତ୍ତର ଓଡ଼ିଶା ବିକାଶ ପରିଷଦ ଭଳି ସଂସ୍ଥାରେ ରାଜନୈତିକ ନିଯୁକ୍ତି ହେବ। ଏଠାରେ ନିଯୁକ୍ତି ପାଇବା ପାଇଁ ମଧ୍ୟ ଲବି ଆରମ୍ଭ ହୋଇଛି। ତେଣୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଛାଡ଼ିବା ପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜଣେ ଦୁଇ ଜଣ ମନ୍ତ୍ରୀଙ୍କୁ ବାଦ୍ ଦେଲେ ଅନ୍ୟ ମନ୍ତ୍ରୀ ଓ ବିଧାୟକମାନେ ଏବେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା, ମନ୍ତ୍ରିପଦ ବଞ୍ଚାଇ ରଖିବା, ଓଜନିଆ ବିଭାଗକୁ ହାତରେ ରଖିବା ଓ ସର୍ବୋପରି ସରକାରୀ ସଂସ୍ଥାଗୁଡ଼ିକରେ ନିଯୁକ୍ତି ଆରମ୍ଭ ହେଲେ ନିଜ ନିଜ ଅନୁଗତଙ୍କୁ ଥଇଥାନ କରିବା ପାଇଁ ଅନେକେ ଏବେ ଏକରକମ ଦିନରାତି ଏକ କରିଦେଇଛନ୍ତି।

ତେବେ ରାଜ୍ୟ ବିଜେପିର ନୂଆ ସଭାପତି ନିଯୁକ୍ତି ବିଳମ୍ବିତ ହେଉଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନିଯୁକ୍ତି ନେଇ ଏବେ ବି ଆଶା ଓ ଆଶଙ୍କା ଲାଗି ରହିଛି। ହେଲେ ଯେହେତୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ନୂଆ ନିଯୁକ୍ତି ପାଇଁ ବାଟ ଫିଟିବ ବୋଲି ଦଳର ବରିଷ୍ଠ ନେତାମାନେ ସୂଚନା ଦେଇଥିଲେ, ତେଣୁ ଆଶାୟୀମାନେ ଏବେ ଦଳର ନିଷ୍ପତ୍ତିକୁ ଚାତକ ଭଳି ଚାହିଁ ବସିଛନ୍ତି।

### ନବୀନଙ୍କ...

ଚିକିତ୍ସା ପାଇଁ ମୁମ୍ବାଇ ଯିବା ପୂର୍ବରୁ ଦିଲ୍ଲୀରେ ପୈତୃକ ଘରର ସୌନ୍ଦର୍ଯ୍ୟକରଣ ମଧ୍ୟ କରାଇଛନ୍ତି। ତେଣୁ ଚର୍ଚ୍ଚା ହେଉଛି ଯେ ନବୀନ ଚିକିତ୍ସା ପରେ ଭୁବନେଶ୍ୱରରେ କମ୍ ଦିଲ୍ଲୀରେ ଅଧିକ ସମୟ ରହିବେ। ଧୀରେ ଧୀରେ ନବୀନ ନିଜ ଦାୟିତ୍ୱ ଆଉ କାହାକୁ ହସ୍ତାନ୍ତର କରି ନିଜକୁ ରାଜନୀତିଠାରୁ ଦୂରେଇଦେବେ। କିମ୍ବା ନବୀନ ନିଜ ସହ ନିଜ ପୁତୁରାଙ୍କୁ ନେଇ ଆସିବେ। କାରଣ ସେ ଭଲକରି ଜାଣିଛନ୍ତି ଯେ ଓଡ଼ିଶାରେ ତାଙ୍କ ଉତ୍ତରାଧିକାରୀ କେବଳ ତାଙ୍କ ପରିବାରରୁ ହିଁ ହୋଇପାରିବେ। ବିଜୁ ପଟ୍ଟନାୟକଙ୍କ ପରିବାରରୁ ଅନ୍ୟ କାହାକୁ ଓଡ଼ିଶାବାସୀ ଆଦୌ ଗ୍ରହଣ କରିବେ ନାହିଁ। ଏକଥା ଗତ ନିର୍ବାଚନରେ ବି ପ୍ରମାଣିତ ହୋଇସାରିଛି।

### ୨୫ରେ...

ହେବ। ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ର ପାଇଁ ବଡ଼ ବଡ଼ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ସହ ଓଡ଼ିଶାକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ କିପରି ଏଠାରେ ଦୀର୍ଘଦିନ ଧରି ବୁଲାବୁଲି କରିବା ସକାଶେ ଆଗ୍ରହୀ ହେବେ, ତା' ଉକ୍ତ କନକ୍ଲେଭର ମୂଳଲକ୍ଷ୍ୟ ରହିଛି। ଏହି କନକ୍ଲେଭରେ ମୋଟ ପାଞ୍ଚଟି ଅଧିବେଶନ ରହିବ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କନ୍‌କ୍ଲେଭ୍‌କୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ମଧ୍ୟ ଯୋଗଦେବାର ସମ୍ଭାବନା ରହିଛି ବୋଲି ଓଡ଼ିଶା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ସଂଘ ପକ୍ଷରୁ କୁହାଯାଇଛି।

## ହାତୀ ଘର ଭାଙ୍ଗି ଧାନ, ଚାଉଳ ଖାଇ ଦେଲା



**ବାରିପଦା, ୨୧।୬ (ସଂଚାର ବ୍ୟୁରୋ):** ହାତୀ ଏବେ ଜଙ୍ଗଲ ଛାଡ଼ି ଗାଁ ମୁହାଁ । ହାତୀର ୱାସ ସ୍ଥାନ ଖଣି ଖାଦାନ ଯୋଗୁଁ ଜଙ୍ଗଲ ସହ ପରିବେଶ ମାତ୍ରାଧିକ ନଷ୍ଟ ହେଉଛି । ଅର୍ଥ ପିପାସୁ ମଣିଷ ଜୀବଜନ୍ତୁଙ୍କ ପ୍ରତି ନିର୍ଦ୍ଦୟ ହୋଇ ପଡିଛି ।ଖଣି ଖାଦାନ ଏବଂ ଜଙ୍ଗଲ ଜାଗାରେ ବ୍ୟବସାୟିକ ପ୍ରତିଷ୍ଠାନ କରିବା ଯୋଗୁଁ ଏକର ଏକର ଜଙ୍ଗଲ ଜମି ନଷ୍ଟ କରାଯାଇଛି ।ହାତୀ ୱଘେର ହୋଇ ପଡ଼ିଛି । ବାସ ହରା ହାତୀକୁ ସୁରକ୍ଷା ଦେବା କିଏ ? ଜଙ୍ଗଲ ଜମି ନଷ୍ଟ ଯୋଗୁଁ ହାତୀଙ୍କ ପାଇଁ ଖାଦ୍ଯ ସଙ୍କଟ ଦେଖା ଦେଇଛି ।ବାଧ୍ୟ ହୋଇ ଖାଦ୍ୟ ଅନ୍ୱେଷଣରେ ଗାଁ ଓ ସହରକୁ ପଶି ଏକର ଏକର ଚାଷ ଜମି ନଷ୍ଟ କରିବା ସହ ନିରିହ ଆଦିବାସୀଙ୍କ ଘର ଭାଙ୍ଗି ନଷ୍ଟ କରୁଛି । ଦିନ ଥିଲା ହାତୀ ମଣିଷର ବନ୍ଧୁ। ଏବେ ହାତୀ ସାଜିଛି ମଣିଷର ବଇରୀ ଏବଂ ମଣିଷ ସାଜିଛି ହାତୀର ବଇରୀ।ହାତୀ ମଣିଷର ଲଢେଇ ଓ ମୁହାଁମୁହିଁ ଚାଲିଛି ।କେଉଁଠି ହାତୀକୁ ମାରି ଦିଆଯାଉଛି ତ କେଉଁଠି ହାତୀ ମଣିଷର ଜୀବନ ନେଉଛି । ସୂଚନାଯୋଗ୍ଯ ଗୁରୁବାରୀ ଏବଂ ତାଙ୍କ ପୁଅ ବାଙ୍ଗିରପୋଷୀ କୁ ୱନ୍ଦୁୱସିଆ ଯାଇଥିଲେ ।ସେହି ରାତିରେ ବିଜାତଳା ବ୍ଲକ ଅନ୍ତର୍ଗତ ଅନ୍ତର୍ଗଡ ସରଗଡା ପଞ୍ଚାୟତର ଭିଜିଡ଼ି ଗ୍ରାମର ବିଧବା ଗୁରୁବାରୀ ମୁଣ୍ଡା ଘରକୁ ରାତିରେ ହାତୀ କବାଟ ଭାଙ୍ଗି ଧାନ ଚାଉଳ ଖାଇ ଦେଇଛି। ଯଦି ସେହିଦିନ ରାତିରେ ଘରେ ଥାଆନ୍ତା ତାହାହେଲେ ମାଆ ପୁଅଙ୍କ ଜୀବନ କ'ଣ ହୋଇଥାନ୍ତା ଭଗବାନ ଜାଣନ୍ତି ! ନିକଟସ୍ଥ ଜଙ୍ଗଲରୁ ହାତୀପଲ ବାରମ୍ବାର ଗ୍ରାମାଭିମୁଖି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି।ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ କ୍ଷତିପୂରଣ ପ୍ରଦାନ ସହ ହାତୀ ଘଉଡାଇବାକୁ ପଦକ୍ଷେପ ସାଧାରଣରେ ନେବାକୁ ଦାୱୀ ହୋଇଛି । ଗୁରୁୱାରୀ ହାତୀ ଦ୍ଵାରା ଘରଭଙ୍ଗା ଓ ଖାଦ୍ୟ ନଷ୍ଟ ପାଇଁ ୱନଖଣ୍ଡ କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି ।ଆର ଆଇ ଘଟଣାସ୍ଥଳରେ ପହଞ୍ଚି ବିଚରା ଗରୀବ ଗୁରୁବାରି କୁ ପୋଲିଥିନ ଖଣ୍ଡେ ଦେଇଛନ୍ତି । ସୂଚନା ଯୋଗ୍ୟକି ତିନି ଚାରି ଦିନ ପୂର୍ବରୁ ବିଶୋଇ ବ୍ଲକ ଅନ୍ତର୍ଗତ ଜୁଡ଼ିଆ ଗ୍ରାମର ଦେୱାନ ମାରାଣ୍ଡି ଙ୍କ ଘରେ ରାତ୍ରିରେ ହାତୀ ଘର ଭାଙ୍ଗି ପଶି ଧାନ ଚାଉଳ କୁ ଖାଇବା ସହିତ ଅନେକ କ୍ଷୟ କ୍ଷତି କରିଛନ୍ତି ଏହିପରି ମୟୁରଭଞ୍ଜ ଜିଲାରେ ପ୍ରତ୍ୟେକ ବର୍ଷ ଝାଡ଼ଖଣ୍ଡୀ ହାତୀପଲ ଏବଂ ଶିମିଳିପାଳ ହାତୀପଲ ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି ।

# ସରକାରୀ ସ୍କୁଲରେ ନାଁ, ଘରୋଇରେ ପାଠପଢ଼ା



**ସ୍କୁଲକୁ ନଯାଇ ପଡୁଛି ଉପସ୍ଥାନ**
**ସରକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କ ସହଯୋଗ ରହୁଛି**

**କାକଟପୁର /ଅସ୍ତରଙ୍ଗ, ୨୧।୬ (ସଂଚାର ବ୍ୟୁରୋ) :** ସରକାରୀ ସ୍କୁଲରେ ନାଁ ଗଡୁଛି। ଦିନେ ହେଲେ ସ୍କୁଲ ମାଟି ମାଡୁ ନାହାନ୍ତି। କିନ୍ତୁ ଉପସ୍ଥାନ ଖାତାରେ ସବୁ ଦିନ ଆସୁଥିବା ରେକର୍ଡ ରହୁଛି। ପରୀକ୍ଷା ବେଳେ ଆସୁଛନ୍ତି ସ୍କୁଲ। ଅସଲରେ ପାଠପଢା ଘରୋଇ ସ୍କୁଲରେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଥିବା ଅନେକ ଘରୋଇ ଓଡ଼ିଆ ମାଧ୍ୟମ ସ୍କୁଲରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ। ସ୍କୁଲରେ ଉପରଶ୍ରେଣୀ ପାଇଁ ସରକାରୀ ଅନୁମତି ନଥିବାରୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଚିହ୍ନା ସରକାରୀ ସ୍କୁଲରେ ପିଲାଙ୍କୁ ନେଇ ନାମ ଲେଖାଉଛନ୍ତି। ପିଲାଙ୍କଠୁ ନାମଲେଖା ଫି ଆଦାୟ କରୁଛନ୍ତି। ଏପରିକି ମାଟ୍ରିକ ପରୀକ୍ଷା ସାର୍ଟିଫିକେଟ ଦେବା ବେଳକୁ ମନଇଚ୍ଛା ଟଙ୍କା ଆଦାୟ କରୁଛନ୍ତି। ଏପରି ଅଭିଯୋଗ କରିଛନ୍ତି ଅନେକ ଅଭିଭାବକ।

ଅଭିଯୋଗ ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ କିଛି ଘରୋଇ ସ୍କୁଲକୁ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢାଇବାକୁ ଅନୁମତି ମିଳିଛି। ହେଲେ ସେଠାରେ ନବମ ଓ ଦଶମ ଶ୍ରେଣୀ ପାଠ ପଢାଯାଉଛି ବୋଲି ସ୍କୁଲ କର୍ତ୍ତୃପକ୍ଷ ଦାବୀ କରୁଛନ୍ତି। ପିଲାଙ୍କ ଅଷ୍ଟମ ଶ୍ରେଣୀ ସରିବା ମାତ୍ରେ ଅଭିଭାବକ ସ୍କୁଲରୁ ସିଏଲସି ନେବା ସମୟରେ ସ୍କୁଲ କର୍ତ୍ତୃପକ୍ଷ ଉକ୍ତ ସ୍କୁଲରେ ପାଠ ପଢାଇବାକୁ ଅଭିଭାବକଙ୍କୁ ବାଧ୍ୟ କରୁଛନ୍ତି। ଅଭିଭାବକ ଯଦି ପ୍ରଶ୍ନ କରୁଛନ୍ତି ତେବେ ସେମାନେ ଅଭିଭାବକଙ୍କୁ ଏକ ସରକାରୀ ସ୍କୁଲରେ ତାଙ୍କର ଚିହ୍ନା ଅଛି, ସେଠାରେ ନାଁ ଲେଖାଯିବ ଓ ଏଠାରେ ପାଠ ପଢାଯିବ ବୋଲି ବୁଝାଇବା ସହ ନାନାଦି କଥା କହି ପ୍ରଲୋଭିତ କରୁଛନ୍ତି। ପିଲାଟି ନାମ ଲେଖାଇ ଦେବା ପରେ ଆରମ୍ଭ ହେଉଛି ଅସଲ ଖେଳ। ଉକ୍ତ ସ୍କୁଲ ସହ ସମ୍ପର୍କ ଥିବା ସରକାରୀ ସ୍କୁଲରେ ପିଲାଙ୍କର ନାମ ଲେଖାଯାଉଛି। ସେହି ସ୍କୁଲର କର୍ତ୍ତୃପକ୍ଷଙ୍କୁ ଏଥିପାଇଁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଭଲ ଅର୍ଥ ମଧ ପ୍ରଦାନ କରୁଛନ୍ତି। ପିଲାଟି ସରକାରୀ ସୁବିଧା ସୁଯୋଗ ପାଉଛି, ହେଲେ ଶ୍ରେଣୀ ଗୃହ ମାଡୁନି। ଘରୋଇ ସ୍କୁଲରେ ପାଠପଢା ଯାଉଛି। ସେଠାରେ ନାମଲେଖା ଫି, ଫର୍ମପୂରଣ ଫି ଆଦି ଆଦାୟ କରାଯାଉଛି। ଏପରିକି ସ୍କୁଲ କର୍ତ୍ତୃପକ୍ଷ ଖୋଲାଖୋଲି ବିଜ୍ଞାପନ ପୋଷ୍ଟର ମାରି ପିଲାଙ୍କ ନାମ ଲେଖା ପାଇଁ ଆହ୍ୱାନ କରୁଛନ୍ତି। ନିକଟରେ ଥିବା ସରକାରୀ ସ୍କୁଲରେ ନାମ ଲେଖାଇ ଏଠାରେ ପାଠ ପଢୁଛନ୍ତି। ମାଟ୍ରିକ ପରୀକ୍ଷା ସରକାରୀ ସ୍କୁଲ ମାଧ୍ୟମରେ ଦେଉଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ସାର୍ଟିଫିକେଟ ଦେବା ବେଳକୁ ସରକାରୀ ସ୍କୁଲର ସାର୍ଟିଫିକେଟ ଦସ୍ତଖତ ରେଜିଷ୍ଟର ଘରୋଇ ସ୍କୁଲକୁ ଆସୁଛି। ପିଲାମାନେ ଘରୋଇ ସ୍କୁଲରୁ ମାଟ୍ରିକ ସାର୍ଟିଫିକେଟ ନେଉଛନ୍ତି। ସରକାରୀ ସ୍କୁଲର ଡକ୍ୟୁମେଣ୍ଟ କିପରି ଘରୋଇ ସ୍କୁଲକୁ ଆସୁଛି ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଭିଭାବକ। ଜିଲ୍ଲା ପ୍ରଶାସନ ଏ ସବୁ ବାବଦରେ ଜାଣି ମଧ ଚୁପ ଅଛନ୍ତି।



# ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ

**ବ୍ରହ୍ମପୁର, ୨୧।୬ (ସଂଚାର ବ୍ୟୁରୋ) :** ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅସୁସ୍ଥ କାରଣରୁ ମୁମ୍ବାଇ ସ୍ଥିତ କୋକିଲାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଅବସରରେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ବ୍ରହ୍ମପୁର କମାପଲ୍ଲୀ ଶିବ ମନ୍ଦିରରେ ଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରାଯାଇଥିଲା। କର୍ପୋରେଟର ସୁରେନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଦଳର ଯୁବ ନେତା ଓ ସମର୍ଥକ ମାନେ ଏକାଠି ହୋଇ ଦୀପ ଜାଳି ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଥିଲେ। ଏଥିରେ ବିଜୟ ଭାସ୍କର ସିଂ ସାମନ୍ତ,ରଞ୍ଜନ ପୋଲେଇ,ଅମିତ ଦାସ, ଜଗନ୍ନାଥ ସାବତ,ଚନ୍ଦ୍ରମୋହନ ସାହୁ, କିରଣ କୁମାର ସାହୁ, ମହେଶ ତ୍ରିପାଠୀ,ରୁପେଶ ପଣ୍ଡା,ଉମା ପଣ୍ଡା,କ୍ରିଷ୍ଣା ରେଡି, ଅରୁଣ ଗରୁଡ, ଶଙ୍କର ଗୌଡ଼, ଶରତ ନାୟକ, ସମୀର ନାୟକ, ବଳରାମ ମହାନ୍ତି, କାହ୍ନା ମହାନ୍ତି, କମଲ ଦାସ,ବାଦଲ ପାଢ଼ୀ, ସାଲୁ ଦାସ, ଖିରୋଦ ଦାସଙ୍କ ସମେତ ବହୁ ସମାଜସେବି ଓ ଯୁବ କର୍ମୀ ଉପସ୍ଥିତ ଥିଲେ।

# ଆଶାକର୍ମୀଙ୍କୁ ଆକ୍ରମଣ, ଥାନାରେ ମାମଲା

**ନୟାଗଡ଼, ୨୧।୬ (ସଂଚାର ବ୍ୟୁରୋ) :** ଗାଁ ଡାକ୍ତରେ ପିଇଥିଲେ ମଦ । ବାରଣ କରିବାରୁ ମାରିଲେ ମାଡ଼। ଆଶା କର୍ମୀଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଲେ କିଛି ଯୁବକ । ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପାର୍ବତୀପୁର ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି । ପାର୍ବତୀପୁର ଗାଁର ଆଶା କର୍ମୀ ଟୁନି ମହାପାତ୍ର ଶୁକ୍ରବାର ରାତିରେ ଜଣେ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉଥିଲେ। ତାଙ୍କ ଯିବା ବାଟରେ ଗାଁର ସୁବାସ ବେହେରାଙ୍କ ସହିତ କିଛି ଯୁବକ ମଦ୍ୟପାନ କରୁଥିଲେ। ତାହାକୁ ଟୁନି ବାରଣ କରିବାରୁ ଉକ୍ତ ଯୁବକମାନେ ଟୁନିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହା ଫଳରେ ଟୁନି ସଂଜ୍ଞାହୀନ ହୋଇ ତଳେ ପଡିଯାଇଥିଲେ । ତେବେ ସ୍ଥାନୀୟ ବାସିନ୍ଦା ଏହାର ପ୍ରତିବାଦ କରିବାରୁ ଉକ୍ତ ଅସାମାଜିକ ଯୁବକମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଫଳରେ ମାୟାଧର ନାମକ ଜଣେ ଯୁବକ ଆକ୍ରମଣରେ ଆହତ ହୋଇ ଭାପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଖବର ପାଇ ଘଟଣାସ୍ଥଳରେ ଫତେଗଡ଼ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି ହେଉଛି ।



# ସୁସ୍ଥ ଓ ନିରାମୟ ଜୀବନଯାପନର ମୂଳଦର୍ଶନ ହେଉଛି ଯୋଗ: ଉପମୁଖ୍ୟମନ୍ତ୍ରୀ

**କୋଣାର୍କ, ୨୧।୬ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପୁରୀ ଜିଲ୍ଲା ପ୍ରଶାସନ, ଏଏସଆଇ କର୍ତ୍ତୃପକ୍ଷ ଓ କୋଣାର୍କ ଏନଏସି ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସକାଳ ୭ଟାରେ ବିଭିନ୍ନ ସଂଗଠନ,ମହିଳା ସଂଗଠନ, ମାଇଁ ଯୁବ ଭାରତ,ଶିକ୍ଷାବିତ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇ ସମୂହ ଯୋଗ ଅଭ୍ୟାସ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଯୋଗଦେଇ କହିଲେ ଯେ ସୁସ୍ଥ ସମାଜ ଗଠନ ଦିଗରେ ଦୈନନ୍ଦିନ ଜୀବନରେ ସୁସ୍ଥ ଓ ନିରାମୟ ଜୀବନ ଯାପନ ନିମନ୍ତେ ନିୟମିତ ଯୋଗ ଅଭ୍ୟାସ କରିବା ଅପରିହାର୍ଯ୍ୟ। ଯୋଗ ଶରୀରକୁ ସୁସ୍ଥ, ନିରୋଗ ଓ କ୍ରିୟାଶୀଳତା କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥାଏ ବୋଲି ଓଡିଶା ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ,ପୁରୀ ସାଂସଦ ସମ୍ବିତ ପାତ୍ର, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ,ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ,ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବାଲୁକା ଶିଳ୍ପୀ ପଦ୍ମଶ୍ରୀ, ସୁଦର୍ଶନ ପଟ୍ଟନାୟକ କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଓ ଏଏସଆଇ ପୁରୀ ସର୍କଲ ସୁପରିଟେଣ୍ଡେଟ ଡିବି ଗଡ଼ନାୟକ ପ୍ରମୁଖ ଯୋଗଦେଇ ଯୋଗ ଦିବସର ତାତ୍ପର୍ଯ୍ୟ ଓ ମାନବ ସମାଜ ପାଇଁ ଏହାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ପରେ ପରେ ଅତିଥି ମାନେ ସାମୁହିକ ଯୋଗ ଅଭ୍ୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଇଁ ଯୁବ ଭାରତ ପକ୍ଷରୁ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପୁରୀ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ସଙ୍ଗୀତା ମହାପାତ୍ର ଓ ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ ।

# ନବରଙ୍ଗପୁରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



**ନବରଙ୍ଗପୁର, ୨୧।୬ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ମଣ୍ଡେଇ ପଡିଆ ଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ୍ ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ସି ଡି ଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ଅତିରିକ୍ତ ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ ଯଦୁମଣି ନାୟକ ଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ନବରଙ୍ଗପୁର ସହରର ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଚାପମୁକ୍ତ ଜୀବନ ସହ ଶାରୀରିକ, ମାନସିକ ଓ ଆଧାତ୍ମିକ ପ୍ରଗତିରେ ଯୋଗର ଏକ ବଡ ଅବଦାନ ରହିଛି। ଚଳିତ ବର୍ଷ "ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" ବିଷୟକୁ ନେଇ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଯୋଗ ଶିକ୍ଷକ ରାଜ ମୋହନ ଭତରା, ସତ୍ୟ ସେଠୀ ଏବଂ ଉଷାରାଣୀ ପ୍ରଧାନ ମଞ୍ଚରେ ଯୋଗ ଅଭ୍ୟାସ ପ୍ରଦର୍ଶନ କରିଥିଲେ ଏବଂ ତାହାକୁ ଅନୁସରଣ କରି ଉପସ୍ଥିତ ପଞ୍ଜୀକୃତ କରିଥିବା ପ୍ରାୟ ୧୦୦୦ ଜଣ ଯୋଗ ଇଚ୍ଛୁକ ଯୋଗ ଅଭ୍ୟାସ କରିଥିଲେ। ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ପରେ ଶାନ୍ତି ମନ୍ତ୍ର ପାଠ ସହ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ନିମନ୍ତେ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ।

# ପଟ୍ଟାମୁଣ୍ଡାଇ ଓ ମୂଳବସନ୍ତରେ ଅନ୍ତର୍ଜାତୀୟ ଯୋଗ ଦିବସ

**ପଟ୍ଟାମୁଣ୍ଡାଇ, ୨୧।୬ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌର ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏମଏନ ହାଇସ୍କୁଲ ଷ୍ଟାଡିଅମ ଠାରେ ଆନ୍ତର୍ଯ୍ୟାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ପୌର ପରିଷଦ ଡେପୁଟି ନିର୍ବାହୀ ଯନ୍ତ୍ରୀ ସମୀର ଠାକୁର, ସହକାରୀ ଯନ୍ତ୍ରୀ ସୁଶୀଲ ବେହେରା, ସି ଓ ତପସ୍ୱିନୀ ଦାସ, ସରୋଜ ପଣ୍ଡା ପ୍ରଫୁଲ୍ଲ ଦାସ, ମନୋରଞ୍ଜନ ଦାସ, ହୃଷିକେଶ ନାଥ, ଗଙ୍ଗାଧର ନାୟକ ପ୍ରମୁଖ ପୌର ପରିଷଦ ଅଧିକାରୀ ବିଭିନ୍ନ ୱାର୍ଡ କାଉନସିଲର, ମାନ୍ୟଗଣ୍ୟ ବ୍ୟକ୍ତି ଯୁବ ଛାତ୍ର ଓ ମହିଳା ମାନେ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ ମୂଳବସନ୍ତ ପଂଚାୟତ ସାନମୂଳ ବସନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସରପଞ୍ଚ ସନ୍ତୋଷ କୁମାର ସେଠୀଙ୍କ ପୌରାହିତରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପଟ୍ଟାମୁଣ୍ଡାଇ ଉଦ୍ୟାନ ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ, ପୂର୍ବତନ ସରପଞ୍ଚ କାନନବାଳା ଦାସ, ୧୬ଜୋନ ବିଜେପି ସଭାପତି ଜଗନ୍ନାଥ ପଣ୍ଡା ଯୋଗ ଦେଇ ଯୋଗ ମଣିଷକୁ ନିରୋଗ ରଖିବାରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ ।

**ଜିଲ୍ଲା ସମନ୍ୱୟ ଓ ପରିଚାଳନା କମିଟି ବୈଠକ**

# ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ସମସ୍ୟା ଭୋଗିବେ ଚାଷୀ




**ଉଦବେଗ ପ୍ରକାଶ କଲେ ବିଧାୟକ ଅରବିନ୍ଦ ମହାପାତ୍ର**

**କେନ୍ଦ୍ରାପଡ଼ା, ୨୧।୬ (ସଂଚାର ବ୍ୟୁରୋ):** ତୃତୀୟ ଜିଲ୍ଲା ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ପ୍ରମୁଖ ମଂଚାସୀନ ଥିଲେ। ପ୍ରଥମେ ଗତ ବୈଠକର କାର୍ଯ୍ୟାନ୍ୱୟନ ଉପରେ ସାଂସଦ ସମୀକ୍ଷା କରିଥିଲେ । ପରେ ଚଳିତ ବୈଠକର ଏଜେଣ୍ଡା ଅନୁସାରେ ବୈଠକରେ ଆଲୋଚନା ହୋଇଥିଲା । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଧାନ ସଂଗ୍ରହ, ମଣ୍ଡୀ ମାନଙ୍କର ଭିତ୍ତିଭୂମିର ବିକାଶ, ସମଗ୍ର ଶିକ୍ଷା ଅଭିଯାନ, ଶୀତଳ ଭଣ୍ଡାର ପ୍ରଭୃତି ସମ୍ପର୍କରେ ସାଂସଦ ସମୀକ୍ଷା କରିଥିଲେ । ଏହାସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆର୍ଥିକ ରାଶି ବୃଦ୍ଧି, ବିଭିନ୍ନ ପ୍ରକଳ୍ପର ବକେୟା ରାଶି ପ୍ରଦାନ, ପାନୀୟ ଜଳ, ଅସାଧୁ ଆକାରରେ ଅନବରତ ଭାବେ ନଦୀରୁ ବାଲି ଉଠାଣ ବିରୋଧରେ ଚଢାଉ ନିମନ୍ତେ ନିର୍ବାଚିତ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡା ସଦସ୍ୟମାନେ ନିର୍ମାଣାଧିନ ଜାତୀୟ ରାଜପଥରେ ଡ୍ରେନେଜ ବ୍ୟବସ୍ଥାକୁ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଘଟଣାକୁ ସାମ୍ନାକୁ ଆଣିଥିଲେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ତୁରନ୍ତ ଏହାର ସମାଧାନ କିମ୍ବା ସଠିକ୍ ଭାବେ ଡ୍ରେନେଜ୍ କାର୍ଯ୍ୟ ନହେଲେ ଚଳିତ ବର୍ଷ ସମସ୍ୟାରେ ହଜାର ହଜାର ଚାଷୀ ଙ୍କ କ୍ଷେତରେ ପାଣି ଜମି ରହିବ ବୋଲି ଆଲୋଚନାରେ ଉପସ୍ଥାପନ କରିବା ସହ ତୁରନ୍ତ ଏହାର ସମାଧାନ କରିବାକୁ କର୍ତୃପକ୍ଷ ଙ୍କୁ କହିଥିଲେ। ବୈଠକରେ ସମସ୍ତ ବ୍ଲକର ନିର୍ବାଚିତ ପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ । ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଉପରେ ବିଭାଗୀୟ ଅଧିକାରୀ ମାନେ କିପରି ସଠିକ ଭାବେ କାର୍ଯ୍ୟ କରିବେ ସେଥିନିମନ୍ତେ ସାଂସଦ ଜିଲ୍ଲାପାଳଙ୍କୁ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟର କୁପରିଣାମ ନେଇ ସଚେତନତା ଶୋଭାଯାତ୍ରା



**ନବରଙ୍ଗପୁର, ୨୧।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ବିଭିନ୍ନ ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକଦ୍ରବ୍ୟର ବ୍ୟବହାର ଯୋଗୁଁ ତା'ର କୁପରିଣାମ ଉପରେ ନବରଙ୍ଗପୁର ଜିଲ୍ଲାରେ ଗତ ମେ ମାସ ୩୧ ତାରିଖରୁ ଜୁନ ମାସ ୨୬ ପର୍ଯ୍ୟନ୍ତ" ଆମ ସଂକଳ୍ପ - ନିଶା ନୁହେଁ, ଜୀବନ" ବିଶେଷ ସଚେତନତା ଅଭିଯାନ ଚାଲୁଅଛି। ଏହି ପରିପେକ୍ଷିରେ ଆଜି ମଣ୍ଡେଇ ପଡିଆ ଠାରୁ ଏକ ସଚେତନତା ଶୋଭାଯାତ୍ରା ଅଗ୍ନିଶମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶେଷ ସ୍ଲୋଗାନ ସହ ଯାଇଥିଲ। ଏହି ଶୋଭାଯାତ୍ରାରେ ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ, ଅବକାରୀ ବିଭାଗର କର୍ମଚାରୀଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ୍, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅବକାରୀ ଅଧୀକ୍ଷକ ପ୍ରଭାସ କୁମାର ଦାସ, ଡିଆଇପିଆର୍ଓ ମନୋଜ ବେହେରା, ଡିଏସଏସ ଓ ସୁଧାଂଶୁ ପାତ୍ର, ଡିସିଓ ଘାଷିଆ ହରିଜନ ଏବଂ ଅନେକ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

ଶୋଭାଯାତ୍ରା ପରେ ଅବକାରୀ ବିଭାଗ ଦ୍ୱାରା ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଏକ ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅବକାରୀ ବିଭାଗର କର୍ମଚାରୀ ଓ ଅନ୍ୟ ବିଭାଗର କର୍ମଚାରୀମାନେ ରକ୍ତ ଦାନ କରିଥିଲେ। ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଦାନ ଓ ସ୍ୱାସ୍ଥ୍ୟ ଶିବିରକୁ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ କର୍ମଚାରୀମାନେ ପରିଚାଳନା କରିଥିଲେ ।



# ନାଉଗାଁରେ ଅନ୍ତର୍ଜାତୀୟ ଯୋଗ ଦିବସ

**ନାଉଗାଁ, ୨୧।୬ (ସଂଚାର ବ୍ୟୁରୋ) :** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶନିବାର ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରର ବିଭିନ୍ନ ବିଦ୍ୟାଳୟରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧ ତମ ଅନ୍ତର୍ଜାତୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏନସିସି ଅଧିକାରୀ ତଥା ଇକୋ କ୍ଲବର ଭାରାପ୍ରାପ୍ତ ଶିକ୍ଷକ ମାନସ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ଅଧକ୍ଷତା କରିଥିଲେ। ଏହି ଶିବିରରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଯୋଗ ପ୍ରଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ଯୋଗ ଦେଇ ପିଲାମାନଙ୍କୁ ବିଭିନ୍ନ ଆସନ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଶିବିରରେ ପ୍ରାକ୍ତନ ପଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, କ୍ରିଡା ଶିକ୍ଷକ ବିନ୍ନତ ଖୁଣ୍ଟିଆ, ପୁରୁଷୋତମ ତ୍ରିପାଠୀ, ପ୍ରଳୟ ରଞ୍ଜନ ବେହେରା, ସନ୍ତୋଷ କୁମାର ପରିଡ଼ା, ପୃଥିରାଜ ମଲ୍ଲିକ ଆଦି ଯୋଗ ଦେଇ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ସେହିପରି ଅଲଣାହାଟ ଉଚ୍ଚ ବଦ୍ୟାଳୟ ପରିସରରେ ୧୧ତମ ଯୋଗ ଶିବିର ସମର ଶିକ୍ଷାର୍ଥୀ ବାହିନୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ଏହି ଶିବିରେରେ ୭୨ଜଣ କ୍ୟାଡେଟ, ଆଲମୁନି ଓ ବିଭିନ୍ନ ପଦାଧିକାରୀ ମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏହି ଶିବିରରେଏନସିସି ଅଧିକାରୀ ଅମୂଲ୍ୟ ମିଶ୍ର, ଅଭିଜିତ ପିରଡା, ରଶ୍ମିପ୍ରଭା ରାଉତ, ବସନ୍ତ କୁମାର ସ୍ୱାଇଁ ଆଦି ଯୋଗ ଦେଇ ବିଭିନ୍ନ ଆସନ, ସୂର୍ଯ୍ୟ ନମସ୍କାର ଓ ପ୍ରାଣାୟାମ ଆଦି ପିଲାମାନଙ୍କୁ ଅଭ୍ୟାସ କରାଇଥିଲେ।

# ଗୋପ ବ୍ଲକସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

**ଗୋପ, ୨୧।୬ (ସଂଚାର ବ୍ୟୁରୋ) :** ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଗୋପ ନିଗମାନନ୍ଦ ହାଇସ୍କୁଲ ପ୍ରାଙ୍ଗଣରେ ବ୍ଲକ ସ୍ତରୀୟ ଯୋଗ ଦିବସ ପାଳନ ହୋଇଯାଇଛି। ଏହି ଶିବିରରେ ଯୋଗ ଶିକ୍ଷା ସହ ନିତ୍ୟ ଜୀବନରେ ଯୋଗର ଶାରୀରିକ ଓ ମାନସିକ ଉପକାରିତା ବିଷୟରେ ବିସ୍ତୃତ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ଯୋଗ ଦିବସ ଅବସରରେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ଏବିଡ଼ିଓ ଦୀପକ ଜେନା, ଯୋଗ ଗୁରୁ ତଥା ଗୋପ ନିଗମାନନ୍ଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ସମେତ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଗୋପ ବ୍ଲକର ସମସ୍ତ କର୍ମକର୍ତ୍ତା ଏବଂ ଯୁବବର୍ଗ, ବରିଷ୍ଠ ନାଗରିକ ଅଂଶଗ୍ରହଣ କରି ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଅଭ୍ୟାସ କରିଥିଲେ। ଆନ୍ତର୍ଜାତିକ ଯୋଗ ଦିବସ ମାଧ୍ୟମରେ ଯୋଗର ମହତ୍ତ୍ୱ ଏବଂ ଏହାର ନିୟମିତ ଅଭ୍ୟାସ ଦ୍ୱାରା ସୁସ୍ଥ ଜୀବନଶୈଳୀ ଗଢ଼ି ତୋଳିବାର ବାର୍ତ୍ତା ସୁସ୍ଥ ବାତାବରଣ ସୃଷ୍ଟି କରିଥାଏ ବୋଲି ଯୋଗଗୁରୁ କହିଥିଲେ ।




**ଆନ୍ତର୍ଜାତିକ ଯୋଗ ଦିବସ ପାଳିତ**

# ସୁସ୍ଥ ସ୍ୱାସ୍ଥ୍ୟ ଓ ମନ ପ୍ରଫୁଲ୍ଲ ରହିବା ପାଇଁ ଯୋଗ ଏକମାତ୍ର ମାଧ୍ୟମ

**ନୟାଗଡ଼, ୨୧।୬ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ସ୍ତରୀୟ ୧୧ ତମ ଆନ୍ତର୍ଜାତିକ ଯୋଗ ଦିବସ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ଥିତ ଡ଼ାଇମଣ୍ଡ ଜୁବୁଲି ଅଡିଟୋରିୟମଠାରେ ବହୁ ଆଡମ୍ବର ଭାବେ ପାଳିତ ହୋଇଅଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷ ଇଂ




ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସିଧାପ୍ରସାରଣ ସହିତ ଜୁବିଲି ଅଡିଟୋରିୟମ ଓ କଲେଜ ଖେଳ ପଡ଼ିଆରେ ଯୋଗ ଶିକ୍ଷକ ପରମାନନ୍ଦ ପରିଡା, ସୁଶାନ୍ତ କୁମାର ଚାନ୍ଦ, ପ୍ରତାପ ରାଣା ସିଂଙ୍କ ଦ୍ୱାରା ଯୋଗ ଅଭ୍ୟାସ କରାଯାଇଥିଲା ଏବଂ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଭିଭାବକ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଜନତା ଏହି ଯୋଗାଭ୍ୟାସରେ ସାମିଲ ହୋଇଥିଲେ ।

# ଯୋଗ କରି ନିରୋଗ ରହିବା ବାର୍ତ୍ତା ଦେଲା ପ୍ରଶାସନ



**ବୋରିଗୁମ୍ମା, ୨୧।୬ (ସଂଚାର ବ୍ୟୁରୋ) :** ଯୋଗ ଆମ ଦେଶର ସଂସ୍କୃତି ସହ ଜଡିତ ଥିବା ବେଳେ ବର୍ତ୍ତମାନ ଏହାର ସମଗ୍ର ବିଶ୍ୱକୁ ବ୍ୟାପୀ ଯାଇଛି। ଯାହା ଫଳରେ ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି। ତେବେ ଯୋଗ ଦ୍ୱାରା ଶରୀର ଓ ମନ ସୁସ୍ଥ ରହିବା ସହ ଅନେକ ରୋଗ ମଧ ଦୂର ହୋଇଥାଏ। ଏହାର ଅନେକ ସୁଫଳ ରହିଥିବା ବେଳେ ଆଜିର ସମାଜରେ ଯୋଗ ବିଷୟରେ ଏବଂ ଏହାର ସଠିକ୍ ଉପାୟ ବିଷୟରେ ଅନେକ ଜାଣି ନଥିବାରୁ ସୁଫଳ ପାଇ ପାରୁନାହାନ୍ତି । ଏ ନେଇ "ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ" ପାଇଁ ଯୋଗ ସନ୍ଦେଶ ନେଇ ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପ ଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗା ଦିବସ ପାଳିତ ହୋଇଯାଇଛି। ଯୋଗ ଦ୍ୱାରା ଶରୀର ଓ ମନ ସୁସ୍ଥ ରହିବା ସହ ଅନେକ ରୋଗ ମଧ ଦୂର ହୋଇଥାଏ ବୋଲି କହିଛନ୍ତି ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପଟନାୟକ। ଆଜି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତି ବିଶେଷ ଯୋଗ ତାଲିମ ଗ୍ରହଣ କରିଥିଲେ। ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ବ୍ୟସ୍ତ ବହୁଳ ଜୀବନ ମଧରେ ନିଜକୁ ସୁସ୍ଥ ରଖିବା ପାଇଁ ହେଲେ ସ୍ୱଳ୍ପ ସମୟ ପାଇଁ ହେଲେ ମଧ ଯୋଗ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ମନ ଓ ଆତ୍ମାକୁ ଯୋଡ଼େ ଯୋଗ



**କାକଟପୁର/ଅସ୍ତରଙ୍ଗ, ୨୧।୬ (ସଂଚାର ବ୍ୟୁରୋ) :** ବିଶ୍ୱବ୍ୟାପି "ଅନ୍ତଜାତୀୟ ଯୋଗ ଦିବସ " ପାଳନ କରାଯାଇଛି। ଭାରତର ସୃଷ୍ଟ ଯୋଗ ନାମକ ଏକ ପ୍ରାଚୀନ ଶାରୀରିକ ଅଭ୍ୟାସର ଚିରନ୍ତନ ଉପକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି। ଯୋଗ ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟ ସହ ବିଭିନ୍ନ ସ୍ଥାନରେ ଯୋଗଶିବିର ଅନୁଷ୍ଠିତ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ପଡିଆରେ ବ୍ଲକସ୍ତରୀୟ ଯୋଗଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବିଡ଼ିଓ ସୁଶ୍ରୀସସ୍ମିତା ବେହେରା, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଦୁଷ୍ମନ୍ତ ପରିଡା, ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇଙ୍କ ସହ ବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରଜାପତି ବ୍ରହ୍ମକୁମାରୀ ସଦସ୍ୟା ସଦସ୍ୟ, ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତରେ ଯୋଗ ପ୍ରଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଜୟୀରାମ ମୁଦୁଲି, ପ୍ରଫୁଲ୍ଲ ମହାନ୍ତି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏହା ସହ ଯୋଗ ସମ୍ବନ୍ଧୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନ ଓ ଆତ୍ମାକୁ ଗୋଟିଏ ସୂତ୍ରରେ ଯୋଡ଼େ ଏହି ଯୋଗ।

### କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ, ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ଯୋଗ ବିଶ୍ୱ ମାନବ ସମାଜକୁ ଭାରତର ମହାର୍ଘ୍ୟ ଉପହାର



**ଖୁବ୍‌ଶୀଘ୍ର ବିଦ୍ୟାଳୟ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ୍ ହେବ ଯୋଗ**

**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଆଜି ଅନ୍ତର୍ଜାତୀୟ ଯୋଗ ଦିବସରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର ବୋଲି କହିଛନ୍ତି। ଏହି ଅବସରରେ ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଇଜାଗରୁ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଅଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ। ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲା ମଧ୍ୟ ସେଥିପାଇଁ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହ ଏହା ଜଡ଼ିତ ନୁହେଁ। ଶରୀର, ଆତ୍ମା ଏବଂ ଚିନ୍ତନ ଶକ୍ତିକୁ ଯୋଡୁଥିବା ଯୋଗ ଆଜି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଛି। ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି 'ଯୋଗ', ଯାହା କେବଳ ଦେଶ ଭିତରେ ସୀମିତ ରହିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ମେ'ରେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଛ' ମାସ ମଧ୍ୟରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଫଳରେ ୨୦୧୪ ଡିସେମ୍ବର ୧୧ ତାରିଖରେ ଜାତିସଂଘ ପକ୍ଷରୁ ଜୁନ ୨୧ ତାରିଖକୁ 'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଆଜି ପୃଥିବୀର ପ୍ରାୟ ସବୁ ଦେଶର ଲୋକେ ଆଗ୍ରହ ଓ ଉତ୍ସାହର ସହ ଏହାକୁ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" ଯାହା, ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ। ଏଥିରେ ଦର୍ଶାଯାଇଛି ଯେ, କିପରି ପ୍ରାଚୀନ ଯୋଗ ଅଭ୍ୟାସ କେବଳ ଶରୀର ଓ ମନକୁ ପୋଷଣ କରେ ନାହିଁ ବରଂ ପ୍ରକୃତି ଏବଂ ସମସ୍ତ ଜୀବଜନ୍ତୁଙ୍କୁ ସମ୍ମାନ ଦେଉଥିବା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ବୋଲି ସେ କହିଛନ୍ତି। ସେ ପୁଣି କହିଥିଲେ ଯେ ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରୁଛୁ। ଆମର ସ୍କୁଲ, କଲେଜ, ଛାତ୍ରାବାସ ଏବଂ କ୍ରୀଡା କେନ୍ଦ୍ର ମାଧ୍ୟମରେ ଆମେ କର୍ମଶାଳା ଆୟୋଜନ କରୁଛୁ ଏବଂ ସଚେତନତା ସୃଷ୍ଟି କରୁଛୁ। ଆମେ ଯୋଗକୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନେଉଛୁ। ଆମର ଲକ୍ଷ୍ୟ ହେଉଛି ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଏବଂ ଦକ୍ଷ ତଥା ସଶକ୍ତ ଓଡ଼ିଶା ଗଠନ କରିବା। ଆଜି ରାଜ୍ୟର ସବୁ ଜିଲ୍ଲାରେ ଯୋଗ ଅଧିବେଶନ ଅନୁଷ୍ଠିତ ହେଉଛି। ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ ହଜାର ହଜାର ଲୋକ ଯୋଗ ଦିନ ପାଳନ କରୁଛନ୍ତି। ଏହି ଗଣ ଅଂଶଗ୍ରହଣ ଆମ ଲୋକଙ୍କ ମଧ୍ୟରେ ବଢ଼ୁଥିବା ସଚେତନତା ଏବଂ ସୁସ୍ଥ ଜୀବନଯାପନ ପ୍ରତି ସେମାନଙ୍କର ଆଶା ଓ ବିଶ୍ୱାସକୁ ଦର୍ଶାଉଛି। ଏହି ରାଜ୍ୟସ୍ତରୀୟ ଯୋଗ ଶିବିରରେ ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମେତ ରାଜ୍ୟର ମନ୍ତ୍ରୀ, ସାଂସଦ, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଯୋଗାଭ୍ୟାସ କରିଛନ୍ତି। ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଗୋଟିପୁଅ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

# ୨୪ରୁ ବଢ଼ିବ ବର୍ଷା, ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଆସନ୍ତା ୨୪ ତାରିଖରୁ ବର୍ଷା ପରିମାଣ ବଢ଼ିବ। ଫଳସ୍ୱରୂପ ଆସନ୍ତା ୩ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ବିଜୁଳି, ଘଡଘଡି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଥିବା ବେଳେ ଏଥିସକାଶେ ୧୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରାଜ୍ୟର କେତେକ ସ୍ଥାନରେ ବିଜୁଳି, ଘଡଘଡି ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ସେହିପରି ଆସନ୍ତାକାଲି ପାଇଁ ରାଜ୍ୟର ୧୭ଟି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଆଶଙ୍କା ପ୍ରକଟ କରାଯାଇଛି। ୨୪ ତାରିଖରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯିବା ସହ ଏଥିସକାଶେ ୫ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବ ଓ ମଧ୍ୟ ଭାରତରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ନେଇ ଝାଡ଼ଖଣ୍ଡକୁ ଆଲର୍ଟ ଜାରି କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)। ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ସିକ୍କିମ ଓ ବିହାରରେ ମଧ୍ୟ ପ୍ରବଳ ବର୍ଷା ନେଇ ଆଲର୍ଟ କରାଯାଇଛି। ଆଜିଠୁ ଆସନ୍ତା ୨୭ ତାରିଖ ଯାଏ ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ମଧ୍ୟ ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ କରାଯିବା ସହ ଉକ୍ତ ରାଜ୍ୟଗୁଡ଼ିକୁ ସତର୍କ କରାଯାଇଛି।

## କ୍ଷମା ମାଗିଲେ ଦୟା, ହଟିଲା ନିଲମ୍ବନ ଆଦେଶ



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** କିଛି ଦିନ ତଳେ ଯାତ୍ରା ଟାଇଗର୍ ସଞ୍ଜୟ ଭୋଳ କ୍ଷମା ପ୍ରାର୍ଥନା କରିବା ପରେ ତାଙ୍କ ଉପରୁ ଓଡ଼ିଶା ମାଷ୍ଟର୍ସ ଆସୋସିଏସନ୍ (ଓମା) ନିଲମ୍ବନ ଆଦେଶ ହଟାଇଥିଲା। ଏବେ ଆଉ ଜଣେ ଯାତ୍ରା କଳାକାର ମଧ୍ୟ କ୍ଷମା ମାଗିଛନ୍ତି। ସେ ହେଉଛନ୍ତି ଜଣାଶୁଣା ହାସ୍ୟାଭିନେତା ଦୟାନିଧି ଉପାଧ୍ୟାୟ। ଏଥିସହ ତାଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶ ମଧ୍ୟ ପ୍ରତ୍ୟାହୃତ ହୋଇଛି। ଦୟାନିଧି ଗତ ଖଣ୍ଡଗିରି ଯାତ୍ରା ମହାସମରରେ ଯାତ୍ରା ଗୁରୁମାନଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଝଡ଼ ସୃଷ୍ଟି ହୋଇଥିଲା। ଏହି ବିବାଦ ଧୀରେ ଧୀରେ ବଢ଼ିଥିଲା ଓ ତାଙ୍କୁ ପରବର୍ତ୍ତୀ ସମୟରେ ନିଲମ୍ବନ କରାଯାଇଥିଲା। ତେବେ ଦୟାନିଧି ଆଜି ଓମା ସଭାପତି ବିଜୟ ଦାସଙ୍କ ଭଦ୍ରକସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି।


ଏଥିସହ ଯାତ୍ରା ଜଗତରେ ସକ୍ରିୟ ଥିବା ଗୁରୁ ବା ଲେଖିକଙ୍କର ଯେତେବେଳେ ବି ବୈଠକ ବସିବ, ସେତେବେଳେ ଦୟାନିଧି ସେଠାକୁ ଯାଇ ତାଙ୍କ ପକ୍ଷ ରଖିବା ସହ କ୍ଷମା ପ୍ରାର୍ଥନା କରିବେ ବୋଲି ମଧ୍ୟ କହିଛନ୍ତି। ଦୟାନିଧିଙ୍କ କ୍ଷମା ପ୍ରାର୍ଥନା ପରିପ୍ରେକ୍ଷୀରେ ତାଙ୍କ ଉପରେ ଥିବା ସମସ୍ତ ପ୍ରକାର ନିଲମ୍ବନ ପ୍ରତ୍ୟାହୃତ ହୋଇଛି ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ଯାତ୍ରା କଳାକାର, ନିର୍ଦ୍ଦେଶକ ଓ ଲେଖକଙ୍କ ମଧ୍ୟରେ ସମ୍ପର୍କ ଅଧିକ ଉନ୍ନତ ହେବ ବୋଲି ମଧ୍ୟ ସେ ଆଶା କରିଛନ୍ତି।

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଫସାଇ ଶିକ୍ଷକ ଗିରଫ



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ସ୍କୁଲ ଶିକ୍ଷକଙ୍କୁ ଇନ୍‌ଫୋସିଟି ଥାନା ପୁଲିସ ଗିରଫ କରିଛି। ଉକ୍ତ ଶିକ୍ଷକ ଜଣଙ୍କ ହେଲେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାରରେ ରହୁଥିବା କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ନୀଳକଣ୍ଠପୁରର ଜଗତ ସେବକ ବାଈ ଓରଫ ବାପୁନି (୨୮)। ଶୁକ୍ରବାର କୋର୍ଟଚାଲାଣ ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ପୁଲିସଠାରୁ ମିଳିଥିବା ସୂଚନାନୁଯାୟୀ, ପୀଡ଼ିତା ଛାତ୍ରୀ ଜଣଙ୍କ ସ୍ଥାନୀୟ ଅଞ୍ଚଳର ଏକ ବେସରକାରୀ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ସମୟରେ ବାପୁନି ସେଠାରେ ଶିକ୍ଷକତା କରୁଥିଲେ। ତେବେ ଧୀରେ ଧୀରେ ବାପୁନି ଉକ୍ତ ନାବାଳିକାଙ୍କୁ ତାଙ୍କ ପ୍ରେମ ଜାଲରେ ଫସାଇଥିଲେ। ଏହାପରେ ଗତ ୭ ତାରିଖ ଅପରାହ୍ନରେ ନାବାଳିକା ଜଣଙ୍କ କୋଚିଂ କ୍ଲାସ୍ ଯିବାକୁ କହି ଘରୁ ବାହାରିଥିଲେ। ପରେ ସେ ବାପୁନିଙ୍କ ମୋବାଇଲରୁ କୋଚିଂ କ୍ଲାସ ଶିକ୍ଷକଙ୍କୁ ଫୋନ୍ କରି ମା'ଙ୍କ ସହ ମାର୍କେଟ ଯାଉଥିବା କଥା କହିଥିଲେ। ନାବାଳିକାଙ୍କୁ ବାପୁନି ବାଇକ୍‌ରେ କେନ୍ଦ୍ରପଡ଼ାସ୍ଥିତ ତାଙ୍କ ଗାଁକୁ ନେଇ ଜନୈକ ସମ୍ପର୍କୀୟଙ୍କ ଘରେ ରହିଥିଲେ। ସେଠାରେ ରହଣୀ ସମୟରେ ବାପୁନି ଉକ୍ତ ନାବାଳିକାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ବାପୁନି ଛାତ୍ରୀଙ୍କୁ ନେଇ ପୁରୀ ଯିବା ସହ ସେଠାରୁ ଟ୍ରେନ୍ ଯୋଗେ ପୀଡ଼ିତାଙ୍କୁ ନେଇ ଗୁଜରାଟରେ ରହୁଥିବା ତାଙ୍କ ଭଉଣୀଙ୍କ ପାଖକୁ ପଳାଇଥିଲେ। ଏନେଇ ଖବର ପାଇବା ପରେ ବାପୁନିଙ୍କ ପରିବାର ଲୋକେ ଗୁଜରାଟରେ ପହଞ୍ଚି ଉଭୟଙ୍କୁ ଗାଁକୁ ଆଣିଥିଲେ। ଏନେଇ ପୁଲିସ୍‌ରେ ଅଭିଯୋଗ ହେବା ପରେ କେନ୍ଦ୍ରାପଡାରୁ ବାପୁନିଙ୍କୁ ଗିରଫ କରାଯାଇଛି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ମଧ୍ୟ ପୁଲିସ୍ ଉଦ୍ଧାର କରିଛି। ଏହି ଘଟଣାରେ ଛାତ୍ରୀଙ୍କ ମା' ଏତଲା ଦେଇଥିବା ବେଳେ ୨୫୯/୨୦୨୫ରେ ଏକ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଚଳାଇଛି।

## ଭରତପୁରରେ ବୁଲିଲା ଖଣ୍ଡା, ୩ ଗୁରୁତର



**ଭୁବନେଶ୍ୱର, ୨୧।୬ (ସଂଚାର ବ୍ୟୁରୋ) :** ଭରତପୁରରେ ବୁଲିଲା ଖଣ୍ଡା, ୩ ଆହତ । ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ । ଯୁବକଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କଲେ ଦୁର୍ବୃତ୍ତ । ସଂଘବଦ୍ଧ ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି । ଭରତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଗତ ୧୪ ତାରିଖରେ ଭୁବନେଶ୍ୱର ଧଉଳି ଥାନା ଲିଙ୍ଗିପୁର ଛକ ନିକଟରେ ଖଣ୍ଡା ବୁଲିଥିଲା । ଘର ଆଗରେ ବାଇକ୍ କାଢ଼ିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଯାଇଥିଲା। ଯାହାପରେ ୮ ରୁ ୧୦ ଜଣ ଦୁର୍ବୃତ୍ତ ଆସି ଖଣ୍ଡାରେ ଆକ୍ରମଣ କରିଥିଲେ । ଯେଉଁଥିରେ ଦୁଇ ଜଣ ବ୍ୟକ୍ତି ଗୁରୁତର ହୋଇଥିଲେ ।

### ଗୃହ ନିର୍ମାଣ ବିଭାଗ ସଚିବଙ୍କ କ୍ରୁଟ୍ ନରାଜ ଡିପୋ ପରିଦର୍ଶନ


# ସଡ଼କ ନିରାପତ୍ତା ପ୍ରୟାସ ସୁଦୃଢ଼ ପାଇଁ ନିରନ୍ତର ପ୍ରୟାସ ଚାଲିଛି



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ସଡ଼କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏହାର ଅତୁଟ ପ୍ରତିବଦ୍ଧତାର ଏକ ଅଂଶ ଭାବେ ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (କ୍ରୁଟ୍) 'ଶୂନ୍ ଦୁର୍ଘଟଣା ଦିବସ' ପଦକ୍ଷେପ ଅଧୀନରେ ଏହାର ପ୍ରୟାସକୁ ତୀବ୍ର କରିଛି। ସମସ୍ତ ସିଆରୟୁଟି ଡିପୁ ଓ କାର୍ଯ୍ୟକ୍ଷମ ଟର୍ମିନାଲରେ ଦୈନିକ କାଉନସେଲିଂ ଅଧିବେଶନ ଓ ସଡ଼କ ସୁରକ୍ଷା ପ୍ରତିଶ୍ରୁତିର ପ୍ରଶାସନ ଶୃଙ୍ଖଳିତ ଭାବେ ପରିଚାଳିତ ହେଉଛି। ନିରାପଦ ଡ୍ରାଇଭିଂ ଅଭ୍ୟାସ ଉପରେ ନିଯୋଜିତ ସମସ୍ତ କ୍ୟାପ୍ଟେନ ଏବଂ ଗାଇଡ୍‌ମାନଙ୍କ ସହ ବିଶେଷ ଆଲୋଚନା କରାଯାଉଛି। ସଦସ୍ୟମାନଙ୍କୁ ସଚେତନ କରିବା ସେମାନଙ୍କ ଦାୟିତ୍ୱକୁ ସୁଦୃଢ଼ କରିବା ଓ ରାସ୍ତାରେ ଉତ୍ତରଦାୟିତ୍ୱ ଓ ଯତ୍ନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଅଧିବେଶନଗୁଡ଼ିକୁ ଡିଜାଇନ୍ କରାଯାଇଛି। ଏହି କ୍ରମରେ ଶନିବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କ୍ରୁଟ୍ ନରାଜ ଡିପୋ ପରିଦର୍ଶନ କରି ଏକ ଇଣ୍ଟରାକ୍ଟିଭ୍ ଅଧିବେଶନରେ କ୍ୟାପ୍ଟେନ ଏବଂ ଗାଇଡମାନଙ୍କ ସମେତ ଅନ୍ୟ ସଦସ୍ୟ ମାନଙ୍କ ସହ ଯୋଗ ଦେଇଥିଲେ। ସେ ସେବା ଓ ନିରାପତ୍ତାର ସର୍ବୋଚ୍ଚ ମାନ ବଜାୟ ରଖିବାକୁ କର୍ମଚାରୀଙ୍କୁ ଅବଗତ ଓ ପରାମର୍ଶ ଦେଇ ସଡ଼କ ନିରାପତ୍ତା ଶପଥ ପାଠ କରାଇଥିଲେ। ସୁରକ୍ଷା ଆମ ସମସ୍ତଙ୍କଠାରୁ ଆରମ୍ଭ ହୋଇଥାଏ। ଆଗଧାଡ଼ିର ସେବା ପ୍ରଦାନକାରୀ ଭାବେ କ୍ୟାପ୍ଟେନ ଓ ଗାଇଡମାନେ ପ୍ରତିଦିନ ହଜାର ହଜାର ନାଗରିକଙ୍କ ବିଶ୍ୱାସ ବହନ କରୁଛନ୍ତି। ପ୍ରତ୍ୟେକ ଯାତ୍ରା ନିରାପଦ ଓ ନିର୍ଭରଯୋଗ୍ୟ ହୁଏ ତାହା ନିଶ୍ଚିତ କରିବାକୁ ଆମେ ଶପଥ ନେବା ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

ଶ୍ରୀମତୀ ପାଢୀ 'ନିରାପଦରେ ଘରକୁ ଆସ' ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। କେବଳ ଯାତ୍ରୀଙ୍କ ସୁରକ୍ଷା ନୁହେଁ, ବରଂ କ୍ରୁଟ୍ ସଦସ୍ୟ ଓ ସେମାନଙ୍କ ପରିବାରର କଲ୍ୟାଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ କର୍ମଚାରୀଙ୍କୁ ଏପରି ସେବା ପ୍ରଦାନ କରିବାକୁ ଆହ୍ୱାନ ଦେଇଛନ୍ତି ଯାହା କେବଳ ଦକ୍ଷ ନୁହେଁ, ବରଂ ଯାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଭରସା ମଧ୍ୟ ସୃଷ୍ଟି କରେ। ଜିରୋ ଆକ୍ସିଡେଣ୍ଟ୍ ଡେ ଅଭିଯାନ ମାଧ୍ୟମରେ କ୍ରୁଟ୍‌ର ଲକ୍ଷ୍ୟ ହେଉଛି ସଡ଼କ ଦୁର୍ଘଟଣା ହ୍ରାସ କରିବା, ଡ୍ରାଇଭିଂ ଶୃଙ୍ଖଳାରେ ଉନ୍ନତି ଆଣିବା ଓ ରାଜଧାନୀ ଅଞ୍ଚଳରେ ସାମଗ୍ରିକ ଯାତାୟାତ ଅଭିଜ୍ଞତାକୁ ବୃଦ୍ଧି କରିବା। କ୍ରୁଟ୍ ଏହାର କର୍ମଚାରୀ ଓ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ସମସ୍ତଙ୍କ ପାଇଁ ନିରାପଦ, ବିଶ୍ୱସନୀୟ ଓ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନ ଯୋଗାଇବା ପାଇଁ ଏହାର ଦୃଢ଼ ସଂକଳ୍ପକୁ ଦୋହରାଇଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ କ୍ରୁଟ୍ ଅଧୀନରେ ୧୦୦ଟି ବିଦ୍ୟୁତଚାଳିତ ବସ୍‌ର ଶୁଭାରମ୍ଭ କରିଛନ୍ତି। ପୁରୀ, ଭୁବନେଶ୍ୱର ଓ କଟକର ୧୧ଟି ରୁଟ୍‌ରେ ପୂର୍ବରୁ 'ଆମ ବସ' ସେବା ଜାରି ଥିବା ବେଳେ ଏହି ୧୦୦ଟି ବସ୍ ଯୋଡ଼ି ହେବା ପରେ କ୍ରୁଟ୍‌ରେ ଆଉ ୮ଟି ନୂଆ ରୁଟ୍‌ରେ 'ଆମ ବସ୍' ସେବା ପ୍ରଦାନ କରାଯିବ। ନୂତନ ଭାବେ ନିର୍ମିତ ନରାଜ ଇଲେକ୍ଟ୍ରିକ୍ ବସ୍ ଡିପୋ ମଧ୍ୟ ଉଦଘାଟିତ ହୋଇଛି। ଏହି ୧୦୦ଟି ନୂଆ ଇଲେକ୍ଟ୍ରିକ୍ ବସ୍ ନରାଜ ଡିପୋରୁ ହିଁ ଚଳାଚଳ କରିବ । ଏହି ନରାଜ ବସ୍ ଡିପୋ ସମ୍ପୂର୍ଣ୍ଣ ଭାବେ ଅତ୍ୟାଧୁନିକ ଗ୍ରୀନ ବିଲ୍‌ଡିଂ ଟେକ୍ନୋଲୋଜିର ନିର୍ମାଣ ହୋଇଛି।

## ଲକ୍ଷ୍ମୀବରାହ ଜୀଉ ମନ୍ଦିର ଦଧିନଉତିରେ ଫାଟ



**ଆଳି, ୨୧।୬ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିର ଦଧିନଉତିରେ ଫାଟ ସୃଷ୍ଟି ହୋଇଥିବାବେଳେ ୪ ମାସ ହେବ ବାନା ବଦଳା ଯାଇନାହିଁ। ମନ୍ଦିରର ଉପର ଭାଗରେ ବର, ଓସ୍ତ ଗଛ ଉଠି ବିପଦ ସୃଷ୍ଟି କରିଛି। ଏପରି କି ପୂର୍ବ ସରକାର ସମୟରେ ୮ କୋଟି ଟଙ୍କା ଅନୁଦାନ ଆସିଥିବାବେଳେ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଠିକାଦାର କାମ ଛାଡ଼ି ପଳାଇଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ କିମ୍ବା ପ୍ରଶାସନ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ନେଇ ସେବାୟତମାନେ ଅଭିଯୋଗ ଉଠାଇଛନ୍ତି।ମନ୍ଦିର ଉପରେ ଥିବା ନୀଳଚକ୍ର ଭାଙ୍ଗି ଯାଇଥିବାବେଳେ ଦଧିନଉତି ଉପରେ ବର, ଓସ୍ତ ଆଦି ଗଛ ଉଠିଥିବାରୁ ମନ୍ଦିର ଫାଟି ପାଣି ଗଳୁଛି। ଏପରି କି ନୀଳଚକ୍ରର ନିମ୍ନ ଭାଗରେ ମହୁଫେଣା ହୋଇଥିବାରୁ ୪ ମାସ ହେବ ବାନା ବଦଳା ଯାଇନାହିଁ। ଫଳରେ ମନ୍ଦିର ଉପରେ ଚିରା ବାନାଟି ଉଡୁଛି। ମନ୍ଦିରରେ ସୃଷ୍ଟି ହୋଇଥିବା ଫାଟ ସମ୍ପର୍କରେ ଟ୍ରଷ୍ଟ ପକ୍ଷରୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ଏଏସ୍‌ଆଇକୁ ଲିଖିତ ଭାବେ ଜଣାଯାଇଛି। ବର୍ଷାଦିନ ପରେ ସେହି କାର୍ଯ୍ୟ କରାଯିବ ବୋଲି ଶ୍ରୀଦେବ ସୂଚନା ଦେଇଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅଭିନେତ୍ରୀ ନନ୍ଦିତା



**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ ଜଣାଶୁଣା ଅଭିନେତ୍ରୀ ଓ ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟିଛନ୍ତି। ଏହି ସାକ୍ଷାତକାର ସମୟରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱବିଦିତ କରାଇବା ଓ ଓଡ଼ିଶା ମାଟିକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଶ୍ରୀମତୀ ଦାସ କେତେକ ପ୍ରସ୍ତାବ ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଛନ୍ତି। ଏହିସବୁ ପ୍ରସ୍ତାବରେ ଆଗେଇବା ନିମନ୍ତେ ସେ ଓଡ଼ିଶା ସରକାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏବଂ ସଂସ୍କୃତି ମନ୍ତ୍ରୀ ତଥା ବିଭାଗର ସହାୟତା ଲୋଡ଼ିଛନ୍ତି। ପ୍ରସ୍ତାବଗୁଡିକ ଉପରେ ବିଭାଗୀୟ ଆଲୋଚନା ପରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି। ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କରୁଥିବା ପ୍ରୟାସ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

## ବେଗୁନିଆ ବ୍ଲକରେ ବିପର୍ଯ୍ୟୟ ମୁକାବିଲା ତାଲିମ କାର୍ଯ୍ୟକ୍ରମ

**ବେଗୁନିଆ,୨୧।୬(ସଂଚାର ବ୍ୟୁରୋ):** ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକରେ ପ୍ରସ୍ତୁତି ଓ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ସଂଗଠନ ୱିମେନ ଅର୍ଗାନାଇଜେସନ ଫର ସୋସିଆଲ ୱେଲଫାର (ୱସ୍ୱ)ର ସଂଯୋଜିକା ମମତା ମହାନ୍ତି ଓ ବେଗୁନିଆ ବିଡିଓ ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଅଧିକାରୀମାନଙ୍କୁ ବାତ୍ୟା ପାଇଁ ସଜାଗ ରହିବାକୁ କୁହାଯିବା ସହ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏହା ପରଦିନ ଅର୍ଥାତ୍ ୧୯ ତାରିଖରେ ବ୍ଲକର ଦୁଇଟି ପଞ୍ଚାୟତ ସାରୁଅ ଓ ପୋଡ଼ାଡିହାରେ ମକଡ୍ରିଲ ଜରିଆରେ ଲୋକଙ୍କୁ ବିପର୍ଯ୍ୟୟ ମୁକାବିଲା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ବେଗୁନିଆ ବିଡିଓ ସନ୍ତୋଷ କୁମାର ଜେନା,




ୱସ୍ୱର ସଂଯୋଜିକା ମମତା ମହାନ୍ତି ସହକାରୀ ବିଡିଓ ସୁମିତ୍ରା ଜେନା, ତହସିଲଦାର ତାପସ ବିଶି, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମିତ୍ରା ମିଶ୍ର, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଆୟୁଷ ଏଏମଓ ଡାକ୍ତର ସୁମିତ୍ରା ମହାପାତ୍ର, ଏବିଭିଓ ଡା. ପ୍ରୀତିଶ ରଥ, ଜିପିଡିଓ ଇତିଶ୍ରୀ ବେହେରା, ସାରୁଅ ସରପଞ୍ଚ ରଞ୍ଜିତା ମହାଭୋଇ ଓ ପୋଡ଼ାଡିହା ସରପଞ୍ଚ ଲତା ସେଠୀ, ସ୍ଥାନୀୟ ଆଶା ଓ ଅଙ୍ଗନବାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଅଗ୍ନିଶମ ବାହିନୀର ଷ୍ଟେସନ ଅଫିସର ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ୍ ଲୋକଙ୍କୁ ବିପର୍ଯ୍ୟୟ ମୁକାବିଲା ଦିଗରେ ବିଭିନ୍ନ ତାଲିମ ପ୍ରଦାନ କରିଥିଲେ। ସାରୁଅ ଓ ପୋଡ଼ାଡିହା ପଞ୍ଚାୟତର ବହୁ ଲୋକ ବିପର୍ଯ୍ୟୟ ସମୟରେ ନିଜକୁ ରକ୍ଷା କରିବାର ବିଭିନ୍ନ କୌଶଳ ଶିକ୍ଷା କରିଥିଲେ।

# ବୋକାରୋରେ ବେଆଇନ ଅସ୍ତ୍ରଶସ୍ତ୍ର କାରଖାନା ଠାବ

**ଭୁବନେଶ୍ୱର,୨୧।୬(ସଂଚାର ବ୍ୟୁରୋ):** ବୋକାରୋ ଜିଲ୍ଲା ପୁଲିସ ଏକ ବେଆଇନ ଅସ୍ତ୍ରଶସ୍ତ୍ର ତିଆରି କାରଖାନା ଖୋଲତାଡ଼ କରିଛି। ପୂର୍ବରୁ ପୁଲିସ ଧନବାଦରେ ସମାନ ଏକ କାରଖାନା ଖୋଲତାଡ଼ କରିଥିଲା। ୨୫ ଦିନ ମଧ୍ୟରେ ଝାଡ଼ଖଣ୍ଡର ରାଜ୍ୟର ଦୁଇଟି ଜିଲ୍ଲାରେ ମିଳିଥିବା ଅବୈଧ ଅସ୍ତ୍ରଶସ୍ତ୍ର ତିଆରି କାରଖାନା ସୂଚାଇଦିଏ ଯେ ରାଜ୍ୟରେ ଅବୈଧ ଅସ୍ତ୍ରଶସ୍ତ୍ର ବ୍ୟବସାୟ ବଢୁଛି। ବୋକାରୋ ପୁଲିସର ବରିଷ୍ଠ ଅଧିକାରୀ ହରବିନ୍ଦର ସିଂହ କହିଛନ୍ତି ଯେ ଗତ ୧୯ ତାରିଖ ରାତିରେ କୋଲକାତା ଏଟିଏସ୍ ଓ ଝାଡ଼ଖଣ୍ଡ ଏଟିଏସ୍ ବର୍ମୋର ଗାନ୍ଧୀନଗର ଓପିର ଜାରିଡିହ ଉପର ବଜାରରେ ସୂରଜ ସା'ଙ୍କ ଘର ଓ କାବେରୀ ବିବାହ ହଲ୍‌ରେ ମିଳିତ ଚଢ଼ାଉ କରିଥିଲେ।



ବିବାହ ହଲ୍ ସାମ୍ନାରେ ଥିବା ଗୋଦାମରୁ ଅସ୍ତ୍ରଶସ୍ତ୍ର ତିଆରି ଲେଦ୍ ମେସିନ୍, ଅନେକ ଅର୍ଦ୍ଧନିର୍ମିତ ପିସ୍ତଲ ଓ ଅନେକ ବେଆଇନ ଅସ୍ତ୍ରଶସ୍ତ୍ର ତିଆରି ସରଞ୍ଜାମ ଜବତ କରାଯାଇଥିଲା। ଏଥିସହ ଦୁଇ ଜଣ ବ୍ୟକ୍ତି ଅସ୍ତ୍ର ତିଆରି କରୁଥିବା ସମୟରେ ଧରାପଡ଼ିଥିଲେ।

**ବିଭିନ୍ନ ସ୍ଥାନରେ ଚଢ଼ାଉ, ୨ ଗିରଫ**

ଶ୍ରୀ ସିଂହ ଆହୁରି କହିଛନ୍ତି ଯେ ଧରାପଡ଼ିଥିବା ଉଭୟ କାରିଗର ବିହାରର ହୋଇଥିବା ବେଳେ ପ୍ରବୀଣ କୁମାର ମୁଙ୍ଗେରର ଓ କେଶବ କୁମାର ଖଗାରିଆ ନିବାସୀ। ଏହି ସ୍ଥାନରୁ ନଗଦ ଏକ ଲକ୍ଷ ଟଙ୍କା, ୬ଟି ଅର୍ଦ୍ଧନିର୍ମିତ ପିସ୍ତଲ ଓ ପିସ୍ତଲ ପ୍ରସ୍ତୁତି କଞ୍ଚାମାଲ୍ ଆଦି ଜବତ କରାଯାଇଛି। ଏଥିସହ ଏଠାରେ ବେଆଇନ ଟିସ୍ପି ବିୟର ମଧ୍ୟ ତିଆରି ହେଉଥିଲା। ୪୦ କ୍ୟାନ୍ ଟିସ୍ପି ବିୟର ଓ ବିୟର ତିଆରି ପାଇଁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଏହି ଅବସରରେ ବର୍ମୋ ଡିଏସ୍‌ପି ବିଏନ୍ ସିଂହ ସହ ଆହୁରୀ କେତେକ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ। ଏହି ବ୍ୟବସାୟ ସହ ଜଡ଼ିତ ବ୍ୟକ୍ତିମାନଙ୍କୁ ଗିରଫ କରିବା ସକାଶେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୯ ତାରିଖରେ ଧାନବାଦର ମହୁଦାରେ ଏକ ବେଆଇନ ଅସ୍ତ୍ରଶସ୍ତ୍ର ତିଆରି କାରଖାନା ମଧ୍ୟ ଠାବ କରାଯାଇଥିଲା। ପଶ୍ଚିମବଙ୍ଗ ଓ ରାଜସ୍ଥାନ ଏଟିଏସ୍ ମଧ୍ୟ ଏହି ତଦନ୍ତରେ ସାମିଲ ଥିଲା। ଏହି ଚଢ଼ାଉ ପରେଳ ପଶ୍ଚିମବଙ୍ଗର ଅନେକ ଅଞ୍ଚଳରେ ଏହିପରି ବେଆଇନ ଅସ୍ତ୍ରଶସ୍ତ୍ର ନିର୍ମାଣ ନେଇ ସୁରାକ୍ ମିଳିଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର: ପ୍ରିମିୟମ ଓ ଟୋନ୍ଡ କ୍ଷୀର ଲିଟର ୨ ଟଙ୍କା ବୃଦ୍ଧି

**ଭୁବନେଶ୍ୱର, ୨୧।୬(ସଂଚାର ବ୍ୟୁରୋ):** ଓମ୍‌ଫେଡ୍ କ୍ଷୀର ଦର ବଢ଼ାଯାଇଛି। ଖାଉଟିମାନେ ଲିଟର ପିଛା ୫୨ ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ। ଆଜିଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମଫେଡର ନୂଆ ଦର।

ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ କ୍ଷୀର ମୂଲ୍ୟ ବଢ଼ିବ ବୋଲି କୁହାଯାଇଥିଲା, କିନ୍ତୁ ସେତେବେଳେ ଏହା ବଢ଼ିନଥିଲା। ମୁଖ୍ୟମନ୍ତ୍ରୀ ସେତେବେଳେ କହିଥିଲେ ଯେ କ୍ଷୀର ଲିଟର ପିଛା ୪ ଟଙ୍କା ବଢ଼ାଯାଉଛି।

କିନ୍ତୁ ଖାଉଟିମାନଙ୍କ ଉପରେ ଏହି ବର୍ଦ୍ଧିତ ଦର ଲଦି ଦିଆଯିବ ନାହିଁ। ଏଥିରୁ ୨ ଟଙ୍କା ସରକାର ବହନ କରିବେ। ଖାଉଟିମାନେ ଲିଟର ପିଛା ଅଧିକ ଦୁଇ ଟଙ୍କା ଦେଇ କ୍ଷୀର କିଣିବେ। ତେବେ ସେତେବେଳେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇ କହିଥିଲେ ଯେ ଏହି ବର୍ଦ୍ଧିତ ଦର ତତ୍‌କାଳ ଲାଗୁ ହେବ ନାହିଁ। ଓମ୍‌ଫେଡ୍‌ର ସମସ୍ତ ସମବାୟ ସମିତି ଓ କମିଟିର ବୈଠକ ପରେ ଆବଶ୍ୟକତାକୁ ନଜରରେ ରଖି




କ୍ଷୀର ଦର ବୃଦ୍ଧି ହେବ ବୋଲି ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଥିଲେ ।

ଆଉ ଆଜିଠାରୁ ଏହି ନୂଆ ମୂଲ୍ୟ ଲାଗୁ ହୋଇଛି। ଉଲ୍ଲେଖ ଥାଉ କି ୨୦୨୪-୨୫ ଆର୍ଥିକ ବର୍ଷରେ ଓମଫେଡ୍ ସର୍ବକାଳୀନ ରେକର୍ଡ ପରିମାଣର କାରବାର କରିଥିଲା । ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ସଂସ୍ଥା ୮୫୫ କୋଟି ଟଙ୍କାର କାରବାର କରିଥିବା ବେଳେ ଗତ ଆର୍ଥିକ ବର୍ଷ ୨୦୨୪-୨୫ରେ ୧୦୨୮ କୋଟି ଟଙ୍କାର କାରବାର କରିଥିଲା। ଅର୍ଥାତ୍ ଗତ ଆର୍ଥିକ ବର୍ଷରେ ୧୭୦ କୋଟି ଟଙ୍କା ଅଧିକ କାରବାର କରିଥିଲା।

## ହେଲ୍‌ଥଭିଲେ, ଓଡିଏମ୍‌ରେ ଯୋଗ ଦିବସ

ଭୁବନେଶ୍ୱର, ୨୧।୬: ହେଲ୍‌ଥଭିଲେ ଓ ଓଡିଏମ୍‌ରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଏମ୍ ଶିକ୍ଷା ସମୂହ ଓ ହେଲ୍‌ଥଭିଲେର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ସ୍ୱାଗତ ଭାଷଣ ପ୍ରଦାନ କରି ଯୋଗ, ଶିକ୍ଷା ଓ ପରିବେଶ ମଧ୍ୟ ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ହେଲ୍‌ଥଭିଲେର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମିଲିନ୍ଦ ପରାଶରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କମନ ଯୋଗ ପ୍ରୋଟୋକଲ୍‌ରେ ଛାତ୍ରଛାତ୍ରୀ, କର୍ମଚାରୀ ଓ ଯୋଗପ୍ରେମୀମାନେ ସାମିଲ ହୋଇଥିଲେ। ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ ପରିବେଶକୁ ନେଇ ଶପଥପାଠ କରିଥିଲେ। ଏହି ଅବସରରେ ହେଲ୍‌ଥଭିଲେ କ୍ୟାମ୍ପସ୍ ଓ ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଓଡିଏମ୍ ପ୍ରେକ୍ଷାଳୟରେ ସେମିନାର ଓ ପ୍ୟାନେଲ୍ ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ତୃତୀୟ ପକ୍ଷ ଗାଡ଼ି ବୀମା ପ୍ରିମିୟମ୍ ୧୦% ବଢ଼ିବ

ନୂଆଦିଲ୍ଲୀ, ୨୧।୬: ତୃତୀୟ ପକ୍ଷ ଗାଡ଼ି ବୀମାର ପ୍ରିମିୟମ୍ ବଢ଼ାଇବା ଉପରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏବଂ ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆର୍‌ଡିଏଆଇ) ଗୁରୁତ୍ୱର ସହ ବିଚାର କରୁଛନ୍ତି। ବିଭିନ୍ନ ପ୍ରକାର ଗାଡ଼ି ପାଇଁ ପ୍ରିମିୟମ୍‌କୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ବାଣିଜ୍ୟିକ ଯାନ ଭଳି ବର୍ଗରେ ପ୍ରିମିୟମ୍ ଅଧିକ ବଢ଼ିବ। କିନ୍ତୁ ସ୍କୁଲ୍ ବସ୍ ଭଳି ଗାଡ଼ିଗୁଡ଼ିକର ପ୍ରିମିୟମ୍‌ରେ କମ୍ ବୃଦ୍ଧି ଘଟିବ।




ଆବଶ୍ୟକ ହେଲେ ଏହି ବର୍ଗର ଗାଡ଼ିଗୁଡ଼ିକ ଲାଗି ପ୍ରିମିୟମ୍‌ରେ କୌଣସି ବୃଦ୍ଧି କରାଯିବ ନାହିଁ। ତୃତୀୟ ପକ୍ଷ ବୀମା ପ୍ରିମିୟମ୍‌କୁ ଚଳିତ ବର୍ଷ ଅକ୍ଟୋବରରୁ କିମ୍ବା ୨୦୨୬ ଜାନୁଆରି ୧ରୁ ଲାଗୁ କରିବା ଉପରେ ଆଲୋଚନା କରାଯାଉଛି। କୋଭିଡ୍ ମହାମାରୀ ସମୟରେ ବ୍ୟାପକ ଦାବି ଆସିବା ପରେ ବୀମା କମ୍ପାନିଗୁଡ଼ିକ ଚାପରେ ରହିଛନ୍ତି। ସେଥିପାଇଁ ପ୍ରିମିୟମ୍‌ରେ ଅନ୍ତତଃ ୫-୧୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେଉ ବୋଲି ସେମାନେ ଚାହୁଁଛନ୍ତି। ବର୍ତ୍ତମାନ ବାଣିଜ୍ୟିକ ଯାନ ଓ ଜିନିଷ ପରିବହନରେ ବ୍ୟବହୃତ ହେଉଥିବା ୧୦୦୦ ସିସିରୁ କମ୍ ଇଞ୍ଜିନ କ୍ଷମତାର ଗାଡ଼ିର ତୃତୀୟ ପକ୍ଷ ବୀମା ପ୍ରିମିୟମ୍ ୨୧୦୦ ଟଙ୍କା ରହିଛି। ୧୦୦୦-୧୫୦୦ ସିସି କାର୍ ପାଇଁ ସେହି ପ୍ରିମିୟମ୍ ୩୪୦୦ ଟଙ୍କା ମଧ୍ୟରେ ରହିଛି। ଉଭୟ ବର୍ଗ ଗାଡ଼ି ପାଇଁ ପ୍ରିମିୟମ୍ ୧୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବ। ଏହି ବୃଦ୍ଧି ଦ୍ୱାରା ବାଣିଜ୍ୟିକ ଯାନଗୁଡ଼ିକ ଅଧିକ ପ୍ରଭାବିତ ହେବା ଆଶଙ୍କା ରହିଛି।

## ବଜାର କୋଲକାତାରେ 'ରଜରେ ସଜ' ପୁରସ୍କାର ବିତରଣ




କଟକ, ୨୧।୬(ସଂଚାର ବ୍ୟୁରୋ): ବଜାର କୋଲକାତା ପକ୍ଷରୁ 'ରଜରେ ସଜ' ଅଭିଯାନ ଶେଷ ହୋଇଛି। ଦୋଳମୁଣ୍ଡାଇ ଛକସ୍ଥିତ ଷ୍ଟୋର୍‌ରେ ଏକ ମେଗା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାଣ୍ଡ ପୁରସ୍କାର ଭାବେ ସୁଚିତ୍ରା ବିଶ୍ୱାଳ ଏବଂ ଜ୍ଞାନବ୍ରତ ନାୟକ ଟିଭିଏସ୍ ଜେଷ୍ଟ ସ୍କୁଟି ଜିତିଛନ୍ତି। ଅନ୍ୟ ବିଜେତାମାନେ ଲେଡିଜ ସାଇକଲ ଏବଂ ଅନ୍ୟାନ୍ୟ ପୁରସ୍କାର ପାଇଛନ୍ତି। ରଜ ପାଇଁ ଦୁଇ ସପ୍ତାହ ଧରି ହୋଇଥିବା ସ୍ୱତନ୍ତ୍ର ଉତ୍ସବରେ ବଜାର କୋଲକାତାରେ ୨୯୯ ଟଙ୍କାରେ କୁର୍ତ୍ତା, ୪୯୯ ଟଙ୍କାରେ ଡେନିମ୍ ଆଦି କିଣିବାର ସୁଯୋଗ ଗ୍ରାହକଙ୍କୁ ମିଳିଥିଲା। ୪୯୯ ଟଙ୍କାରୁ ଅଧିକ କ୍ରୟରେ ଲକି ଡ୍ର କୁପନ ମିଳିଥିଲା। ଏଥିରେ ଗ୍ରାହକମାନେ ଘରକୁ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ସ୍ମାର୍ଟୱାଚ୍, ଡଫଲ୍ ବ୍ୟାଗ୍ ଏବଂ ସ୍କୁଲ ବ୍ୟାଗ୍ ନେଇଛନ୍ତି।

### ଘମାଘୋଟ ହେଉଛି ଇରାନ-ଇସ୍ରାଏଲ୍ ଯୁଦ୍ଧ

## ଭାରତକୁ ଲାଗିବ ୧.୨୧ ଲକ୍ଷ କୋଟିର ଝଟ୍‌କା

**ନୂଆଦିଲ୍ଲୀ, ୨୧।୬ :** ଅଷ୍ଟମ ଦିନରେ ପହଞ୍ଚିଛି ଇରାନ-ଇସ୍ରାଏଲ ଯୁଦ୍ଧ । ଉଭୟ ଦେଶ ମଧ୍ୟରେ ସଂଘର୍ଷ ଏବେ ଘମାଘୋଟ ହୋଇଚାଲିଛି । ଯୁଦ୍ଧ ବଢୁଥିବାବେଳେ ବିଶ୍ୱ ତେଲ ଯୋଗାଣରେ ପ୍ରମୁଖ ରୁଟ୍ ଭାବେ ପରିଗଣିତ ୩୩ କିମି ବିଶିଷ୍ଟ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜରେ ଅସ୍ଥିରତା ବୃଦ୍ଧି ପାଇଛି । ଏହାମଧ୍ୟରେ କ୍ରେଡିଟ୍ ରେଟିଂ ଏଜେନ୍ସି ଇକ୍ରା ଚେତାବନୀ ଦେଇଛି ଯେ, ଏସବୁ ମଧ୍ୟରେ ତୈଳ ଏବଂ ଗ୍ୟାସ ଯୋଗାଣରେ କୌଣସି ପ୍ରକାର ବାଧା ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ବଡ଼ ଚାପ ପକାଇପାରେ । ତୈଳ ବିଲ୍ ଆକାରରେ ଭାରତକୁ ମିଳିପାରେ ୧.୨୧ ଲକ୍ଷ କୋଟିର ଝଟ୍‌କା ।

ରେଟିଂ ଏଜେନ୍ସିର କହିବାନୁସାରେ, ଯୁଦ୍ଧଜନିତ ଅସ୍ଥିରତା ମଧ୍ୟରେ ତୈଳ ଆମଦାନି ବିଲ୍ ବୃଦ୍ଧି ପାଇବ । ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ବଢ଼ିବ ଏବଂ ଘରୋଇ କ୍ଷେତ୍ର ନିବେଶ ବାଧାପ୍ରାପ୍ତ ହେବ । ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଏକ ରଣନୀତିକ ବ୍ୟାପାର ମାର୍ଗ, ଯାହା ମାଧ୍ୟମରେ ବିଶ୍ୱ ତୈଳ ଏବଂ ଏଲ୍‌ଏନ୍‌ଜିର ପାଖାପାଖି ୨୦% ପ୍ରବାହ ହୋଇଥାଏ । ଇକ୍ରା ଅନୁସାରେ, ଭାରତର ଅଶୋଧିତ ତୈଳ ଆମଦାନିର ପାଖାପାଖି ୪୫ରୁ ୫୦% ଏବଂ ଏହାର ପ୍ରାକୃତିକ ଗ୍ୟାସ ଆମଦାନିର ୬୦% ଏହି ମାର୍ଗ ଦେଇ ଆସିଥାଏ । ଇକ୍ରା ଏହାର ରିପୋର୍ଟରେ ପ୍ରକାଶ କରିଛି ଯେ, ଇରାକ, ସାଉଦି ଆରବ, କୁଏତ୍ ଏବଂ ୟୁଏଇରୁ ଅଶୋଧିତ ତୈଳ ଆମଦାନି ଏହି ରାସ୍ତା ଦେଇ ହୋଇଥାଏ ଓ ଭାରତ ପ୍ରାୟ ୪୫ରୁ ୫୦% ଅଶୋଧିତ ତୈଳ ଏସବୁ ଦେଶରୁ ଆମଦାନି କରିଥାଏ । ଏଭଳି କ୍ଷେତ୍ରରେ ଯୁଦ୍ଧ ବଢ଼ିବା ଦ୍ୱାରା ଭାରତ ବଡ଼ ମାତ୍ରାରେ ପ୍ରଭାବିତ ହେବ । ଜୁନ୍ ୧୩ରେ ଇସ୍ରାଏଲ୍ ଇରାନ୍‌ର ସୈନ୍ୟ ଏବଂ ତୈଳ ଉତ୍ତୋଳନ ସ୍ଥଳଗୁଡ଼ିକ ଉପରେ ହମ୍‌ଲା କରିବା ପରେ ସଂଘର୍ଷ ଆରମ୍ଭ ହୋଇଥିଲା । ଏହା ପରଠାରୁ ହିଁ ତୈଳ ଦର ଦ୍ରୁତ ବେଗରେ ବଢ଼ିଚାଲିଛି। ବ୍ୟାରେଲ ପିଛା ୬୪ରୁ ୬୫ ଡଲାରରୁ ବର୍ତ୍ତମାନ ଏହା ୭୪ରୁ ୭୫ ଡଲାର ହୋଇଗଲାଣି, ଯାହାକି ଯୋଗାଣ ପ୍ରଭାବିତ ହୋଇଥିବା ଦର୍ଶାଉଛି । ଇକ୍ରା ଅନୁମାନ କରିଛି ଯେ, ଯଦି ଅଶୋଧିତ ତୈଳ ଦରରେ ବ୍ୟାରେଲ ପିଛା ୧୦ ଡଲାର ବୃଦ୍ଧି ଘଟେ, ତେବେ ଭାରତର ତୈଳ ଆମଦାନି ବିଲ୍ ଏକ ଆର୍ଥିକବର୍ଷରେ ୧୩ରୁ ୧୪ ବିଲିୟନ ଡଲାର ବା ୧.୨୧ ଲକ୍ଷ କୋଟି ଟଙ୍କା ବଢ଼ିଯିବ । ଏହାଦ୍ୱାରା ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ଜିଡିପିର ୦.୩% ପର୍ଯ୍ୟନ୍ତ ବଢ଼ିପାରେ ।

ଏଜେନ୍ସି ପ୍ରକାଶ କରିଛି ଯେ, ଯୁଦ୍ଧରେ ନିରନ୍ତର ବୃଦ୍ଧି ଦ୍ୱାରା ଅଶୋଧିତ ତୈଳ ଦର ଦ୍ରୁତ ବେଗରେ ବୃଦ୍ଧି ପାଇବ । ଏହା ଭାରତର ସିଏଡିକୁ ଚାପଗ୍ରସ୍ତ କରିପାରେ । ଇକ୍ରା ଅନୁମାନ କରିଛି ଯେ, ୨୦୨୫-୨୬ ଆର୍ଥିକବର୍ଷରେ ବ୍ୟାରେଲ ପିଛା ତୈଳ ଦର ହାରାହାରି ୭୦ରୁ ୮୦ ଡଲାର ମଧ୍ୟରେ ରହିପାରେ । ତୈଳଦର ଉଚ୍ଚ ରହିବା ଦ୍ୱାରା ଅପ୍‌ଷ୍ଟ୍ରିମ୍ ତୈଳ କମ୍ପାନିଗୁଡ଼ିକ ଲାଭ ପାଇବେ କିନ୍ତୁ ଡାଉନ୍‌ଷ୍ଟ୍ରିମ୍ କମ୍ପାନିଗୁଡ଼ିକର ଚିତ୍ର ଅଧିକ ଜଟିଳ ହେବ ଏବଂ ସେମାନଙ୍କ ଲାଭ ପ୍ରଭାବିତ ହୋଇପାରେ । ବିଶ୍ୱ ତେଲ ଯୋଗାଣରେ ପ୍ରମୁଖ ରୁଟ୍ ଭାବେ ପରିଗଣିତ ୩୩ କିମି ବିଶିଷ୍ଟ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଦେଇ ଯାଉଥିବା ଦୈନିକ ୨୦ ନିୟୁତ ବ୍ୟାରେଲ(ଏମ୍‌ବିଡି) ତେଲର ୮୦%ରୁ ଅଧିକ ଭାଗ ଏସିଆ ବ୍ୟବହାର କରିଥାଏ, ଯେଉଁଥିରେ ଭାରତ, ଚୀନ୍, ଜାପାନ ଏବଂ ଦକ୍ଷିଣ କୋରିଆର ଭାଗ ୬୫% । ଇରାନ୍‌ରେ ତୈଳ ବିଶୋଧନାଗାର, ଭଣ୍ଡାରଣ କେନ୍ଦ୍ର ଏବଂ ଉର୍ଜା ପରିସମ୍ପତ୍ତିଗୁଡ଼ିକରେ ଇସ୍ରାଏଲ୍ ହମ୍‌ଲା କରିଛି । ଇରାନ୍ ପ୍ରାୟ ୩.୩ ଏମ୍‌ବିଡି ଅଶୋଧିତ ତୈଳ ଉତ୍ପାଦନ କରିଥାଏ, ଯେଉଁଥିରୁ ୧.୮ରୁ୨.୦ ଏମ୍‌ବିଡି ରପ୍ତାନି ହୋଇଥାଏ ।

## ପୋଷ୍ଟ ଅଫିସରେ ନାହିଁ ଇଣ୍ଟରନେଟ

ଉମରକୋଟ, ୨୧।୬: ପୋଷ୍ଟ ଅଫିସରେ ୯ ଦିନ ହେଲାଣି ନାହିଁ ଇଣ୍ଟରନେଟ ସେବା, ଲୋକ ହନ୍ତସନ୍ତ । ନବରଙ୍ଗପୁର ଜିଲାର ପ୍ରମୁଖ ସହର ଉମରକୋଟ ଡିଏନକେରେ ଥିବା ଡାକ ଘରୁ ଏଭଳି ସଙ୍ଗୀନ ଅଭିଯୋଗ ଆସିଛି। ଇଣ୍ଟରନେଟ ସେବା ନଥିବାରୁ ଲୋକେ ଟଙ୍କା ପୈଠ, ଟଙ୍କା ଉଠାଣ ଭଳି ଜରୁରୀ ଡାକ ସେବାରୁ ବଞ୍ଚିତ ହେଉଛନ୍ତି। ଆବଶ୍ୟକ ବେଳେ ଲୋକେ ଟଙ୍କା ନ ଉଠାଇ ପାରି ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉମରକୋଟ ପୋଷ୍ଟ ଅଫିସ ଉପରେ ବ୍ଲକର ପ୍ରାୟ ୧୯ ଟି ବ୍ରାଞ୍ଚ ପୋଷ୍ଟ ଅଫିସ ଓ ଉମରକୋଟ ସହର ନିର୍ଭର କରୁଛି । ୮ ଦିନ ହେଲାଣି ତାର କଟି ଯାଇଥିଲେ ବି ବିଏସଏନ୍‌ଏଲର କର୍ମଚାରୀ ତାରକୁ ସଜାଡି ପାରୁନାହାଁନ୍ତି । ପୋଷ୍ଟ ମାଷ୍ଟର କହିଛନ୍ତି ଏ ନେଇ ଜୟପୁରରେ ଥିବା ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି ।

## ଅଧିକ ଅଞ୍ଚଳରେ ହେବ କଫି ଚାଷ

**ଭୁବନେଶ୍ୱର, ୨୧।୬:** ଦେଶରେ କଫି ଉତ୍ପାଦନ ବଢ଼ାଇବା ଉପରେ କେନ୍ଦ୍ର ସରକାର ଜୋର ଦେଉଛନ୍ତି। କର୍ଣ୍ଣାଟକ, କେରଳ ଓ ତାମିଲନାଡ଼ୁ ଭଳି ପାରମ୍ପରିକ ଅଞ୍ଚଳରୁ ଆଗକୁ ବଢ଼ି ବିଭିନ୍ନ ରାଜ୍ୟରେ ଏହି ଚାଷ ବଢ଼ାଇବାକୁ ସରକାର ଚାହୁଁଛନ୍ତି। ବିଶେଷ କରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଉପରେ ଜୋର ଦିଆଯାଉଛି। ରାଜ୍ୟର ଅଧିକ ଅଞ୍ଚଳରେ କଫି ଚାଷ କରିବା ଉପରେ ବିଚାର କରାଯାଉଛି। ସେଥିପାଇଁ ଭାରତୀୟ କଫି ବୋର୍ଡର ଗବେଷକମାନେ ନୂଆ ସ୍ଥାନ ସନ୍ଧାନ କରିବେ।

କର୍ଣ୍ଣାଟକ ଭଳି ରାଜ୍ୟ ତୁଳନାରେ ଯଦିଓ ଓଡ଼ିଶାରେ କଫି ଉତ୍ପାଦନ କମ୍




### କଫି ବୋର୍ଡ ଚିହ୍ନଟ କରିବ ନୂଆ ସ୍ଥାନ

ରହିଛି, କିନ୍ତୁ କୋରାପୁଟ ଅଞ୍ଚଳରେ ହେଉଥିବା କଫି ଚାଷ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। 'କୋରାପୁଟ କଫି' ବ୍ରାଣ୍ଡ ନାମରେ ତାହା ବିକ୍ରି କରାଯାଉଛି। ରାଜ୍ୟର ପୂର୍ବ ଘାଟ ପର୍ବତମାଳା ଅଞ୍ଚଳ କଫି ଚାଷ ପାଇଁ ବେଶ୍ ଉପଯୁକ୍ତ। କୋରାପୁଟ ବ୍ୟତୀତ ରାୟଗଡ଼ା, କନ୍ଧମାଳ ଓ କେନ୍ଦୁଝରରେ ମଧ କଫି ଚାଷ କରାଯାଉଛି। କଫି ଚାଷକୁ ନେଇ ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ରହିଛି। ପାଞ୍ଚ ବର୍ଷରେ ଉତ୍ପାଦନ ୧୦ ଗୁଣା ବଢ଼ାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କଫି ମିସନ ଅଧୀନରେ ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝରରେ କଫି ଚାଷକୁ ବ୍ୟାପକ କରିବାକୁ ପ୍ରୟାସ କରାଯାଉଛି। ଓଡ଼ିଶାରେ କେବଳ ଆରବିକା କଫି ଚାଷ ହେଉଛି। ୨୦୩୦ ସୁଦ୍ଧା ୪୦ ହଜାର ହେକ୍ଟରରେ କଫି ଚାଷ କରି ୨୦,୮୦୦ ଟନ୍ କଫି ଉତ୍ପାଦନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ଭାରତ ହେଉଛି ବିଶ୍ୱର ସପ୍ତମ ବୃହତମ କଫି ଉତ୍ପାଦନକାରୀ ଦେଶ। ବିଶ୍ୱ ରପ୍ତାନି ପ୍ରତି ଏହାର ଅବଦାନ ୫ ପ୍ରତିଶତ ରହିଛି। ଏହା ଜର୍ମାନୀ, ଇଟାଲି, ରୁଷ, ତୁର୍କୀ ଓ ୟୁଏଇକୁ କଫି ରପ୍ତାନି କରୁଛି। ଏସିଆ ମହାଦେଶରେ ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ କଫି ଉତ୍ପାଦନକାରୀ ଓ ରପ୍ତାନିକାରୀ। ଏହା ନିଜ ଉତ୍ପାଦନର ୭୦ ପ୍ରତିଶତ କଫି ରପ୍ତାନି କରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ୧୮୦ କୋଟି ଡଲାରର କଫି ରପ୍ତାନି କରିଛି ଯାହା ପୂର୍ବବର୍ଷ ତୁଳନାରେ ୪୦ ପ୍ରତିଶତ ଅଧିକ।

## ଦୁଇଚକିଆରେ ଏବିଏସ୍ ବାଧ୍ୟତାମୂଳକ



### ୨୦୨୬ରୁ ଲାଗୁ ହେବ

ନୂଆଦିଲ୍ଲୀ, ୨୧।୬: ଦୁଇଚକିଆ ଗାଡ଼ିର ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ଆଣ୍ଟିଲକ୍ ବ୍ରେକିଂ ସିଷ୍ଟମ୍ (ଏବିଏସ୍) ବାଧତାମୂଳକ କରାଯାଇଛି। ୨୦୨୬ ଜାନୁଆରିରୁ ଏହି ନିଷ୍ପତ୍ତି ଲାଗୁ ହେବ। ସବୁ ନୂଆ ଦୁଇଚକିଆ ଗାଡ଼ିରେ ଏବିଏସ୍ ରହିବ। ବର୍ତ୍ତମାନ ଅଧିକ ସିସି ଇଞ୍ଜିନ ଥିବା ଦୁଇଚକିଆ ଲାଗି ସିଙ୍ଗଲ୍-ଚ୍ୟାନେଲ୍ ଏବିଏସ୍ ବାଧତାମୂଳକ ରହିଛି। ସେହିପରି ଆଗାମୀ ଦିନରେ ଗାଡ଼ି ଡିଲର୍‌ସିପ୍‌ଗୁଡ଼ିକ ନୂଆ ଦୁଇଚକିଆ ସହ ଦୁଇଟି ହେଲ୍‌ମେଟ୍ ଦେବେ। ଗୋଟିଏ ଚାଳକ ଓ ଅନ୍ୟଟି ପଛ ସିଟ୍‌ର ଯାତ୍ରୀଙ୍କ ପାଇଁ ଦିଆଯିବ। ବର୍ତ୍ତମାନ ଡିଲର୍‌ସିପ୍‌ଗୁଡ଼ିକ କେବଳ ଗୋଟିଏ ହେଲ୍‌ମେଟ୍ ଗାଡ଼ି ସହ ଦେଉଛନ୍ତି। ଏହି ବ୍ୟବସ୍ଥାଗୁଡ଼ିକୁ ଲାଗୁ କରିବା ଲାଗି ଖୁବ୍‌ଶୀଘ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିବ। ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକ୍‌ଚର୍ସ (ସିଆମ୍) ତଥ୍ୟ ଅନୁସାରେ ୨୦୨୪-୨୫ରେ ଦେଶରେ ୧.୯୬ କୋଟିରୁ ଅଧିକ ଦୁଇଚକିଆ ଯାନ ବିକ୍ରି ହୋଇଥିଲା। ସେଥିରୁ ୧.୫୩ କୋଟି ହେଉଛି ୧୨୫ ସିସି କିମ୍ବା ତା'ଠାରୁ କମ୍ ଇଞ୍ଜିନ କ୍ଷମତାର ଗାଡ଼ି। ସଡ଼କ ପରିବହନ ମନ୍ତ୍ରଣାଳୟ ତଥ୍ୟ କହୁଛି ୨୦୨୨ରେ ଘଟିଥିବା ୪୪.୫ ପ୍ରତିଶତ ସଡ଼କ ଦୁର୍ଘଟଣାରେ ଦୁଇଚକିଆ ଗାଡ଼ି ଜଡ଼ିତ ଥିଲା। ସେଥିପାଇଁ ସରକାର ସବୁ ଦୁଇଚକିଆ ଯାନ ଲାଗି ଏବିଏସ୍ ବାଧତାମୂଳକ କରିଛନ୍ତି।

ଆଣ୍ଟିଲକ୍ ବ୍ରେକିଂ ସିଷ୍ଟମ୍ ହେଉଛି ଏଭଳି ଏକ ବ୍ୟବସ୍ଥା ଯେଉଁଥିରେ ହଠାତ୍ କିମ୍ବା ହଡ଼ବଡ଼ ହୋଇ ବ୍ରେକ୍ ମାରିଲେ ଗାଡ଼ିର ଚକ ଲକ୍ ହୋଇଯାଏ। ଏହା ଗାଡ଼ିକୁ ନିୟନ୍ତ୍ରଣରେ ରଖିବା ସହ ଚକ ଯେଭଳି ସ୍ଲିପ୍ ନ ହେବ, ତାହା ନିଶ୍ଚିତ କରେ। ଫଳରେ ଚାଳକ ଅତି ଅଳ୍ପ ଦୂରତାରେ ଗାଡ଼ିକୁ ବ୍ରେକ୍ ମାରି ରଖିଦେଇପାରନ୍ତି। ଅନେକ ଦୁର୍ଘଟଣା ଭଳି ସ୍ଥିତିକୁ ଏହା ଏଡ଼ାଇବା କ୍ଷମତା ରଖିଛି। ଏବିଏସ୍ ଦ୍ୱାରା ଦୁର୍ଘଟଣାକୁ ୩୫-୪୫ ପ୍ରତିଶତ ପର୍ଯ୍ୟନ୍ତ କମ୍ କରାଯାଇପାରିବ ବୋଲି ସର୍ବେକ୍ଷଣରୁ ଜଣାପଡ଼ିଛି।

## ଲକ୍ଷେ ଟଙ୍କାର ସ୍କୁଟର ପାଇଁ ୧୪ ଲକ୍ଷର ନମ୍ବର ପ୍ଲେଟ୍

**ନୂଆଦିଲ୍ଲୀ, ୨୧।୬:** ଲୋକେ ସଉକ ପାଇଁ କିଛି ବି କରିବାକୁ ପଛାନ୍ତି ନାହିଁ । ଏଭଳି ଏକ ମାମଲା ହିମାଚଳ ପ୍ରଦେଶରୁ ସାମ୍ନାକୁ ଆସିଛି । ଏଠାରେ ଜଣେ ବ୍ୟକ୍ତି ନିଜର ନୂଆ ସ୍କୁଟର୍‌ର ଭିଆଇପି ନମ୍ବର ପାଇଁ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଖାସ୍‌କଥା ହେଉଛି ସ୍କୁଟର ମୂଲ୍ୟ ମାତ୍ର ଲକ୍ଷେ ଟଙ୍କା । ଭିଆଇପି ଫ୍ୟାନ୍ସି ନମ୍ବର ପ୍ରତି ବ୍ୟକ୍ତିଙ୍କର ପ୍ରେମ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ରିପୋର୍ଟ ଅନୁସାରେ, ହିମାଚଳ ପ୍ରଦେଶର ହମୀରପୁର ବାସିନ୍ଦା ସଞ୍ଜୀବ କୁମାର ନିକଟରେ ଏକ ନୂଆ ସ୍କୁଟର କିଣିଲେ । ସ୍କୁଟର ପାଇଁ ସେ ଏକ ଭିଆଇପି ନମ୍ବର ଚାହୁଁଥିଲେ । ଏଥିପାଇଁ ସେ ହିମାଚଳ ପ୍ରଦେଶ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଅନ୍‌ଲାଇନ୍ ନିଲାମୀରେ ସର୍ବାଧିକ ୧୪ ଲକ୍ଷ ଟଙ୍କା ବୋଲୀ ଲଗାଇ 'ଏଚ୍‌ପି୨୧ସି-୦୦୦୧' ନମ୍ବର ପ୍ଲେଟ୍ କିଣିଲେ । ନମ୍ବର ପାଇଁ ସେ ଅନ୍‌ଲାଇନ୍ ଆବେଦନ କରିଥିଲେ । ସୋଲନ ଜିଲ୍ଲାର ବଦ୍ଦୀ ବାସିନ୍ଦା ଆଉ ଜଣେ ବ୍ୟକ୍ତି ମଧ୍ୟ ଦୌଡ଼ରେ ଥିଲେ । ସେ ଏହି ନମ୍ବର ପ୍ଲେଟ୍ ପାଇଁ ୧୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୋଲୀ ଲଗାଇଲେ । ସଞ୍ଜୀବ ୧୪ ଲକ୍ଷ ଟଙ୍କାରେ ନମ୍ବର ହାସଲ କଲେ । ଭିଆଇପି ନମ୍ବର ପ୍ଲେଟ୍ ନିଲାମରୁ ପ୍ରାପ୍ତ ରାଶି ରାଜ୍ୟ ସରକାରଙ୍କ ଭଣ୍ଡାରରେ ଜମା କରି ଦିଆଯାଇଛି । ପରିବହନ ଅଧିକାରୀଙ୍କ ଅନୁସାରେ, ଏହା ରାଜ୍ୟରେ ଦୁଇଚକିଆ ବାହନ ପାଇଁ ଜାରି କରାଯାଇଥିବା ଏପର୍ଯ୍ୟନ୍ତର ସବୁଠୁ ମହଙ୍ଗା ପଞ୍ଜୀକରଣ ନମ୍ବର ହୋଇପାରେ। ସଞ୍ଜୀବ କୁମାର କହିଛନ୍ତି, ସ୍ୱତନ୍ତ୍ର ଓ ଅଭିନବ ନମ୍ବର ସଂଗ୍ରହ କରିବା ତାଙ୍କର ସଉକ । ନୂଆ ସ୍କୁଟର ପାଇଁ ସେ ଏଭଳି ଏକ ଭିଆଇପି ନମ୍ବର ଚାହୁଁଥିଲେ। ତାଙ୍କ ଅନୁସାରେ, ପାସନ୍‌ର କୌଣସି ମୂଲ୍ୟ ନାହିଁ। ଆପଣ ଯେତେବେଳେ କିଛି ଅସାଧାରଣ ଚାହାନ୍ତି, ଟଙ୍କାକୁ ଖାତିର କରନ୍ତି ନାହିଁ ।



### ସୁନା ଦର



ଆଜି ୨୭୦ ଟଙ୍କା ସୁନା ଦର ବୃଦ୍ଧି ହୋଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦, ୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୩୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦, ୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୩୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦, ୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୩୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୯୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦, ୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୩୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦, ୭୫୦ ଓ ୯୨, ୩୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୨୦ , ୦୦୦ ଟଙ୍କା ହୋଇଛି।

### ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ନବୀନଙ୍କ ଆରୋଗ୍ୟ କାମନା କରି ମା' ଭୂଧାରଚଣ୍ଡୀଙ୍କ ଠାରେ ଦୀପ ଦାନ



**ନୀଳଗିରି, ୨୧।୬(ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ଭାଇକାଲ ଅର୍ଥାଇଟିସରେ ପିଡୀତ ଅଛନ୍ତି। ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ଏହାର ସଫଳ ଅସ୍ତ୍ରୋପଚାର ପାଇଁ ଗତ ଶୁକ୍ରବାର ମୁମ୍ବାଇ ଯାଇଛନ୍ତି। ୨୨ତାରିଖ ମୁମ୍ବାଇର କୋକିଲାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଅସ୍ତ୍ରୋପଚାର ହେବ। ଏଣୁ ସମଗ୍ର ରାଜ୍ୟରେ ତାଙ୍କର ଆଶୁଆରୋଗ୍ୟ କାମନା କରୁ ଥିବା ବେଳେ ନୀଳଗିରି ବିଜେଡ଼ି ତରଫରୁ ଦଳର ବରିଷ୍ଠ ନେତା, କର୍ମୀ ଓ ସମର୍ଥକମାନେ ତାଙ୍କର ସଫଳ ଅସ୍ତ୍ରୋପଚାର ଓ ଖୁବଶୀଘ୍ର ସୁସ୍ଥ ହୋଇ ଭୁବନେଶ୍ୱର ଫେରିବାର କାମନା କରି ସଜନାଗଡ ମା' ଭୂଧାରଚଣ୍ଡୀଙ୍କ ଠାରେ ଶନିବାର ପୂର୍ବାହ୍ନରେ ପୂଜାର୍ଚ୍ଚନା କରି ସମୂହ ଦୀପଦାନ କରାଯାଇଥିଲା। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ରାଜୀବ ଦାସ ବାବୁ, ଉପେନ୍ଦ୍ର ଦାସ, ଉପେନ୍ଦ୍ର ନାୟକ, ନାରାୟଣ ବେହେରା, ସୁରଥ ସିଂ, ଶ୍ରୀନିବାସ ବାଗ, ଗଙ୍ଗାଧର ମିଶ୍ର, ରାଜେଶ ନାୟକ , ଶାନ୍ତିଲତା ବିଶ୍ୱାଳ, ବାସନ୍ତୀ ହେମ୍ବ୍ରମ, ସଞ୍ଜୟ ସିଂ, ସତ୍ୟ ବାରିକ, ଅନ୍ତର୍ଯ୍ୟାମୀ ବୁଗୁଡ଼ାଇ, ସାବିତ୍ରୀ ସିଂ, ବସନ୍ତ ସିଂ, ସୁବର୍ଣ୍ଣ ମଞ୍ଜରୀ ସିଂ, ପ୍ରଭାକର ବୁଗୁଡାଇ, ନମା ସିଂ, ଜୟନ୍ତ ପୁଟି, ଆସୋକାସିନି ନାୟକ , ଚନ୍ଦ୍ରାଣୀ ମୁର୍ମୁ, ରଶ୍ମିତା ମହାପାତ୍ର, ରାମକୃଷ୍ଣ ମହାପାତ୍ର, ରମାକାନ୍ତ ମହାଳିକ , ଗଙ୍ଗାଧର ବିଶ୍ୱାଳ, ଅହଲ୍ୟା ନାୟକ, ବିଦ୍ୟୁତପ୍ରଭା ପାତ୍ର, ଭାସ୍କର ଚନ୍ଦ୍ର ମିଶ୍ର ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତଥିଲେ।

## ଇଣ୍ଡୋର ଷ୍ଟାଡିୟମ ଠାରେ ସାମୁହିକ ଯୋଗଶିବିର ଅନୁଷ୍ଠିତ

**ନୀଳଗିରି, ୨୧।୬(ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ଯୋଗ ଦିବସ ଜୁନ୍ ୨୧ ରେ ସମଗ୍ର ବିଶ୍ୱରେ ପାଳନ କରାଯାଏ। ଯୋଗ ଅଭ୍ୟାସ କରିବାର ଲାଭବିଷୟରେ ସଚେତନତା ସୃଷ୍ଟି, ସ୍ୱାସ୍ଥ୍ୟ ପ୍ରତି ଏହାର ସାମଗ୍ରିକ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ହେଉଛି ଆନ୍ତର୍ଜାତୀୟ ଯୋଗ ଦିବସର ଉଦ୍ଦେଶ୍ୟ। ୨୦୧୫ମସିହା ଜୁନ ୨୧ତାରିଖକୁ ବିଶ୍ୱ ଯୋଗଦିବସ ସ୍ୱୀକୃତି ମିଳିବା ପରେ ପ୍ରତିବର୍ଷ ଜୁନ ୨୧ତାରିଖରେ ଆନ୍ତର୍ଜାତୀୟ ଯୋଗଦିବସ ପୃଥିବୀର କୋଣ ଅନୁକୋଣରେ ପାଳନ କରାଯାଉଛି। ଏହି ଅବସରରେ ନୀଳଗିରି ବ୍ଲକ ଏବଂ ଏନଏସି ତରଫରୁ ପ୍ରଭାତ ୬ଘଟିକା ସମୟରେ ନୀଳଗିରି ଇଣ୍ଡୋର ଷ୍ଟାଡିୟମ ଠାରେ ଶତାଧିକ ଲୋକଙ୍କ ସମାଗମରେ ଯୋଗଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ଏନଏସି ଭାରାପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ରନାଥ ବେହେରା, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ବିଭିନ୍ନ ବିଭାଗର ପଦାଧିକାରୀ, କର୍ମଚାରୀଙ୍କ ସମେତ ଅଞ୍ଚଳବାସୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ଯୋଗ କିପରି କରିବାକୁ ହୁଏ ସୂଚନା ଦେଇଥିବା ବେଳେ ବିଧାୟକ ଶ୍ରୀଯୁକ୍ତ ଖଟୁଆ ପ୍ରତ୍ୟେହ ଯୋଗାଭ୍ୟାସ କଲେ ଦେହ ମନ ସୁସ୍ଥ ରହିଥାଏ ବୋଲି ସୂଚନା ଦେଇଥିବା ବେଳେ କେବଳ ଯୋଗଦିବସରେ ଯୋଗକରିବା ପରିବର୍ତ୍ତେ ପ୍ରତ୍ୟେକଦିନ କିଛି ସମୟ ବାହାରକରି ଯୋଗ କରିବାକୁ ପରାମର୍ଶ ଦେଇଥିଲେ।

### ପ୍ୟାକ୍ସରେ ପଡ଼ିରହି ହଜାର ହଜାର ବସ୍ତା ଚାଷୀ ଚିନ୍ତାରେ

# ମିଲର୍ସଙ୍କ ମନମାନୀ, ଉଠିପାରୁନି ଧାନ

**ସୁବର୍ଣ୍ଣପୁର, ୨୧।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର ପେକ୍ସରେ ଧାନକିଣାରେ ଅବ୍ୟବସ୍ଥା ଦେଖାଦେଇଛି। ମିଲର୍ସଙ୍କ ମନମାନୀ କାରଣରୁ ପେକ୍ସରୁ ଧାନ ଉଠିପାରୁନାହିଁ ଓ ପ୍ରାୟ ୪ହଜାର ବସ୍ତାଧାନ ପଡିରହିଛି। ପେକ୍ସ ପକ୍ଷରୁ ଏହି ପେକ୍ସକୁ ଟେଗ କରାଯାଇଥିବା ଶୀତଲ ଏଗ୍ରୋ ଓ ଲଳିତା ରାଇସମିଲର ମାଲିକଙ୍କୁ ଯେତେ ଫୋନ କଲେ ମଧ୍ୟ ସେ ଧାନ ଉଠାଇବାକୁ ଟ୍ରକ ପଠାଉନଥିବା ଚାଷୀ ଅଭିଯୋଗ କରୁଛନ୍ତି। ଏନେଇ ପେକ୍ସର ସଭାପତି ରାଜେନ୍ଦ୍ର ପଣ୍ଡା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ଖବର ନେବାରୁ ଜଣାପଡିଛି ଯେ,ଦେଉଳପଦର ପେକ୍ସରେ ଚଳିତ ରବିଋତୁରେ ୩୫୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ମିଳିଥିଲା । ସେଥିରୁ ଆଉ ୧୬୨ କ୍ୱିଣ୍ଟାଲ ବାକି ରହିଛି । କିନ୍ତୁ ସେପଟେ ନିକଟସ୍ଥ ପୁଆ ପେକ୍ସରେ ଭିତ୍ତିଭୂମୀ ନଥିବାରୁ ସେହି ପେକ୍ସର ଚାଷିମାନେ ଦେଉଳପଦର ପେକ୍ସରେ ଧାନ ବିକ୍ରୀ କରିବାକୁ ନିର୍ଦ୍ଦେଶ ହୋଇଛି । ପୁଆ ପେକ୍ସକୁ ଚଳିତ ରବିରେ ୧୧,୦୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି । ପୁଆ ପେକ୍ସର ଚାଷିମାନେ ଦେଉଳପଦର ପେକ୍ସରେ ଆସି ଧାନ ଦେଇଛନ୍ତି । ଏବେ ପ୍ରାୟ ୪ ହଜାର ବସ୍ତା ଧାନ ପେକ୍ସରେ ପଡିରହିଥିବା ଜଣାପଡିଛି । ଗତ ତିନିଦିନ ହେଲା ମିଲର୍ସ ଗାଡି ପଠାଉନାହାଁନ୍ତି। ତେଣୁ ଧାନ ଉଠିପାରୁନାହିଁ କି ଅନ୍ୟ ଚାଷୀ ମାନଙ୍କର ଧାନ ବିକ୍ରୀ ହୋଇପାରୁନାହିଁ । ମିଲର୍ସଙ୍କ ଏଭଳି ମନମାନୀକୁ ନେଇ ଚାଷି ମହଲରେ ଅସନ୍ତୋଷ ଦେଖାଦେଇଛି। ମିଲର୍ସଙ୍କ ଏଭଳି ମନମାନୀକୁ ନେଇ ଦେଉଳପଦର ପେକ୍ସର ସଭାପତି ରାଜେନ୍ଦ୍ର ପଣ୍ଡା ସୋନପୁର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ଲଳିତା ରାଇସମିଲର ମାଲିକ ମନୀଷ ଅଗ୍ରୱାଲଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ରିସିଭ କରିନଥିଲେ । ସୋନପୁର ଯୋଗାଣଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲା ଓ ମିଲର୍ସଙ୍କ ସିକ୍ୟୁରିଟି ଡିପୋଜିଟରେ ସମସ୍ୟା ଥିବାରୁ ସେ ଧାନ ଉଠାଉନଥିବା କହିଛନ୍ତି। ତେବେ ଖୁବ ଶୀଘ୍ର ଧାନ ଉଠାଯିବ ବୋଲି ମୁଖ୍ୟ ଯୋଗାଣଅଧିକାରୀ କହିଛନ୍ତି । ତେବେ ସୋନପୁର ଜିଲ୍ଲାର କେବଳ ଦେଉଳପଦର ପେକ୍ସ ନୁହଁ ବିନିକା ମଣ୍ଡିରେ ମଧ୍ୟ ହଜାର ହଜାର କ୍ୱିଣ୍ଟାଲ ଧାନ ପଡିରହିଥିବା ଜଣାପଡିଛି। କେତେକ ମିଲର୍ସ ଛତିଶଗଡରୁ ଧାନ କମଦରରେ ଆଣି ମିଲରେ ଭର୍ତ୍ତି କରି ରଖିଥିବା କାରଣରୁ ନିଜ ଜିଲ୍ଲାର ଧାନ ଉଠାଇବାରେ ସମସ୍ୟା ଦେଖାଦେଇଛି ବୋଲି ମଧ୍ୟ ଅଭିଯୋଗ ହେଉଛି । ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟା ଉପରେ ଧ୍ୟାନ ଦେବାକୁ ଚାଷିମାନେ ଦାବି କରୁଛନ୍ତି ।



### ଯୋଜନା ବୋର୍ଡ଼ କାର୍ଯ୍ୟାଳୟର ମନମୁଖୀ କାର୍ଯ୍ୟରେ ଅତିଷ୍ଠ ସାଧାରଣ ଜନତା

## ୩ ବର୍ଷ ହେଲା ଗାଦି ମାଡି ବସିଛନ୍ତି ଅଧିକାରିଣୀ




**ଜଗତସିଂହପୁର, ୨୧।୬(ସଂଚାର ବ୍ୟୁରୋ):** ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟଳୟର ରେ ଉପନିର୍ଦ୍ଦେଶକ ଙ୍କ ମନମୁଖୀ କାର୍ଯ୍ୟ ସହିତ ଦୃ ବ୍ୟବହାର ରେ ହନ୍ତ ସନ୍ତ ହେଉଛନ୍ତି ସାଧାରଣ ଜନତା ! ଯାହାକୁ ନେଇ କିଛି ଲୋକଙ୍କ ଭିତରେ ଚାପା ଉତେଜନା ଦେଖା ଦେଇଛି। ଏଠାକାର ଉପ ନିର୍ଦ୍ଦେଶକ ମହାଶୟା ବହୁ ଦିନ ଅଫିସ ନ ଆସି ଛୁଟି ରେ ରହୁଥିବା ରୁ ମାସ ମାସ ଧରି ସରକାରୀ କାର୍ଯ୍ୟ ପଡ଼ି ରହୁଛି । ସରକାର ଙ୍କ ବିଭିନ୍ନ ବିଭାଗ ରୁ ଆସୁଥିବା କାର୍ଯ୍ୟ ଯେପରିକି ସାଂସଦ ପାଣ୍ଠି ସହିତ ଏସ.ପି.ଏଫ, ସି.ଜି.ଏଫ ଇତ୍ୟାଦି ପାଣ୍ଠି ରଖି ବହୁଦିନ ଫାଇଲ ଚାପି ରଖା ଯାଉଛି। ଏହିଭଳି ଭାବରେ ବାରମ୍ବାର ସାଧାରଣ ଲୋକେ ଅସୁବିଧା ର ସମ୍ମୁଖୀନ ହେବାରୁ ଜିଲ୍ଲାପାଳ ବିଧାୟକ ପାଣ୍ଠି ପରେ ପରେ ଏସ.ପି.ଏଫ ପାଣ୍ଠି ଟିକୁ ଜିଲ୍ଲା ପ୍ଲାନିଂ ରୁ କାଟି ନେଇ ଏବେ ଡି.ଆର.ଡିଏ କୁ ହସ୍ତାନ୍ତର କରିଛନ୍ତି ଜିଲ୍ଲା ପ୍ରଶାସନ। ସେହିପରି ସାଂସଦ ଓ ସି.ଜି.ଏଫ. ପାଣ୍ଠି ମାସ ମାସ ଧରି ପ୍ଲାନିଂ ରେ ପଡି ରହୁଥିବାରୁ ସାଧାରଣ ଲୋକେ ପଚାରିବାରୁ ସେଠାକାର କର୍ମଚାରୀ ମାନେ ଲୋକଙ୍କୁ ବ୍ୟବହାର ଠିକ ଠାକ ନକରିବା ସହ ଉପ ନିର୍ଦ୍ଦେଶକ ମହାଶୟା ସାଂସଦ ପାଣ୍ଠି କୁ ବାରମ୍ବାର ଅବଜେକ୍ସନ ରେ ପକାଉଛନ୍ତି । ଯାହା ଫଳରେ ସାଧାରଣ ଲୋକେ ବହୁ ଦଉଡି ଦଉଡି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉପ ନିର୍ଦ୍ଦେଶକ ମହାଶୟା ପୁର୍ବତନ ଜଗତସିଂହପୁର ବିଧାୟକ ଙ୍କ ସମ୍ପର୍କୀୟ ହୋଇଥିବାରୁ ସରକାରୀ ନିୟମ କୁ ଫୁ କରି ପ୍ରାୟ ସାତ ବର୍ଷରୁ ଅଧିକ ସମୟ ଧରି ସେହି ଗୋଟିଏ ଅଫିସ ରେ ପଡି ରହିଛନ୍ତି । କେବଳ ସେତିକି ନୁହେଁ ଜିଲ୍ଲାର ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟଳୟର ରେ ମାତ୍ରାଧିକ ମହିଳା କର୍ମଚାରୀ ଥିବାରୁ କାମ ସେତେଟା ସ୍ପିଡ଼ ନହୋଇ ମାସ ମାସ ଧରି ପଡି ରହୁଥିବାର ଅଭିଯୋଗ ଆସୁଛି । ଏଭଳି ଅସୁବିଧା କୁ ଦୃଷ୍ଟିରେ ରଖି ପୁର୍ବତନ ସାଂସଦ ଜଗତସିଂହପୁର ଜିଲ୍ଲାକୁ ତାଙ୍କ ନୋଡାଲ ଜିଲ୍ଲା ନ ରଖି କଟକ ଜିଲ୍ଲା କୁ ରଖିଥିଲେ । ସେଇଭଳି ରାଜ୍ୟସଭା ସାଂସଦ ଙ୍କ ପାଣ୍ଠି କଥା ନ କହିଲେ ଭଲ, ରାଜ୍ୟସଭା ପାଣ୍ଠି ବ୍ଲକ କୁ ଫିଜିବିଲିଟି ପଠାଇବାକୁ ଲାଗୁଛି ମାସ ମାସ କାଳ ।


## ଧର୍ମଗଡରେ ବିଶ୍ୱ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**କଳାହାଣ୍ଡି, ୨୧।୬(ସଂଚାର ବ୍ୟୁରୋ):** ଆଜି ଶନିବାର ସକାଳ ପ୍ରାୟ ୬:୩୦ ସମୟରେ ଧର୍ମଗଡ଼ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ.ଏ.ସି.)ର ମିଳିତ ଉଦ୍ୟମରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୫ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧର୍ମଗଡ଼ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମଚାରୀ, ରାଜନେତା, ଆଧ୍ୟାତ୍ମିକ ଓ ଯୋଗାସନ ପ୍ରେମୀ, ପ୍ରାୟ ୨୦୦ରୁ ଅଧିକ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସଦାଶିବ ନାୟକ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ଚୋଡ଼ଗଙ୍ଗ ପ୍ରଧାନ, ନଗରପାଳ ଅଶୋକ କୁମାର ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ (ବି.ଇ.ଓ.) ପଙ୍କଜୀନି ମାଝୀ, ସି.ଡି.ପି.ଓ. ଧରିତ୍ରୀ ତ୍ରିପାଠୀ ଏବଂ ଏନ.ଏ.ସି. ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଝିଙ୍ଗ୍ରୋ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରାଚୀନ ଭାରତରେ ଆମ ମହାପୁରୁଷ ମାନଙ୍କ ଦ୍ୱାରା ଯୋଗ ସାଧନା ଓ ଏହାର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଉପକାରିତା ବିଷୟରେ ଆଲୋଚନା କରିଥିଲେ। ସୁସ୍ଥ ଓଡ଼ିଶା ଓ ସୁସ୍ଥ ଭାରତ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦୈନନ୍ଦିନ ଜୀବନରେ ଯୋଗକୁ ଅଙ୍ଗୀକାର କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଯୋଗ ଗୁରୁ ଶିଶିର ମେହେର ଓ ଶ୍ରୀ ରଞ୍ଜିତ ପଣ୍ଡା ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ଯୋଗାସନ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମର ସମାପନରେ ନଗରପାଳ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଧର୍ମଗଡ଼ ବ୍ଲକ ଓ ଏନ.ଏ.ସି.ର କର୍ମଚାରୀମାନେ ସଫଳତାର ସହ ପରିଚାଳନା କରିଥିଲେ।

# କାମରେ ଆସୁନି ବସୁଧା ଯୋଜନା ପାଣି ଟାଙ୍କି

**ନାହିଁ ନାହିରେ ଚାଲିଛି ଲୋକଙ୍କ ଜୀବନ**



**କଳାହାଣ୍ଡି, ୨୧।୬(ସଂଚାର ବ୍ୟୁରୋ):** ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ସରକାର ବସୁଧା ଯୋଜନାରେ ପ୍ରତି ଗ୍ରାମକୁ ପାନୀୟ ଜଳ ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ତୃଣ ମୂଳସ୍ତରରେ ଏହା ବାଟ ହୁଡ଼ିଥିବା ଦେଖିବାକୁ ମିଳୁଛି। ମ.ରାମପୁର ବ୍ଲକ ଅନ୍ତର୍ଗତ ଆମ୍ବ ଗାଁ ଗ୍ରାମରେ ବସୁଧା ଯୋଜନାରେ ନିର୍ମିତ ପାଣିଟାଙ୍କି କାମରେ ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗତ ୨୦୨୧/୨୨ ମସିହାରେ ଆମ୍ବଗାଁ ଗ୍ରାମରେ ଉଚ୍ଚ କ୍ଷମତା ବିଶିଷ୍ଟ ବସୁଧା ଯୋଜନା ଓଭର ହେଡ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା ହେଲେ ମାତ୍ର କିଛି ଦିନ ପରେ ସେହି ଟାଙ୍କିରୁ ପାଣି ଝରିବାକୁ ଲାଗିଲା। ତେଣୁ ତାକୁ ପୁନର୍ବାର ରଙ୍ଗବୋଳି ନୂଆ କରିଦିଆଗଲା । ଏପରିକି ଆଉ ଟାଙ୍କିରୁ ପାଣି ଆବଣ୍ଟନ କରା ନ ଯାଇ ସିଧା ସଳଖ ପାଇପ ଯୋଗେ ଯୋଗାଣ କରାଗଲା। ଫଳରେ ବିଜୁଳି ନଥିବାବେଳେ ବା ମୋଟର ଜନିତ ସମସ୍ୟା ହେଲେ ଦିନ ଦିନ ଧରି ଜଳ ଯୋଗାଣରେ ବାଧାପ୍ରାପ୍ତ ହେଉଛି। ସେହି ଟାଙ୍କି ଥିବା ପଡ଼ାରେ ଗୋଟିଏ ମାତ୍ର ନଳକୂଅ ଥିବାରୁ ସେଠାରେ ପାଣି ପାଇଁ ଲାଇନ ଲାଗିଥାଏ। ଏହି ନଳକୂଅ କେବେ ଖରାପ ହୁଏ ତ କେବେ ମଇଳା ପାଣି ଆସେ। ଖରାଦିନେ ଏହି ସମସ୍ୟା ବହୁତ ହେଉଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏନେଇ ଗ୍ରାମବାସୀଙ୍କୁ ପଚାରିବାରୁ କାହା ସ୍ୱାର୍ଥରେ ଏହି ଟାଙ୍କି ନିର୍ମାଣ ହୋଇଥିଲା ? ପାଇପ ଯୋଗେ ପାଣି ଦେବାର ଥିଲା ତ ଏତେ ବଡ ଟାଙ୍କି ତିଆରି ହେଲା କାହିଁକିବୋଲି କହିଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ସହିତ ଟାଙ୍କିରୁ ପାଣି ଆବଣ୍ଟନ ବ୍ୟବସ୍ଥା କରାଯାଉ ବୋଲି କହିଛନ୍ତି। ଅନ୍ୟ ପଟେ ସେହି ଟାଙ୍କି ପରିସର ସଫେଇ ହେଉ ନଥିବା କାରଣରୁ ଭିତରେ ବିଭିନ୍ନ ବୃକ୍ଷ ଓ ଗୁଳ୍ମ ହୋଇ ସରୀସୃପର ଚରାଭୂମି ପଲଟି ଯାଇଛି ଏ ନେଇ ବିଭାଗୀୟ ଯନ୍ତ୍ରୀ ବିନୋଦ ସିଂଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ଙ୍କୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଶ୍ରମିକ ଶିକ୍ଷା ଓ ବିକାଶ ବୋର୍ଡ ପକ୍ଷରୁ ଯୋଗ ଦିବସ



**ବ୍ରହ୍ମପୁର, ୨୧।୬ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ଅନ୍ତର୍ଗତ ଶ୍ରମିକ ଶିକ୍ଷା ଓ ବିକାଶ ବୋର୍ଡ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋଶାଣୀନୂଆଗାଁ କାଳୁଆ ମନ୍ଦିର କଲ୍ୟାଣମଣ୍ଡପ ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଯୋଗ ସହ ସୁସ୍ଥ ଶରୀର ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ବୋର୍ଡର ଅଧ୍ୟକ୍ଷ ଭବାନୀ ଶଙ୍କର ଦାଶ, ଆଞ୍ଚଳିକ ନିର୍ଦ୍ଦେଶକ ଏମ୍ କେ ଅଖତାର, ମୁଖ୍ୟ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଶତପଥୀ, ବରିଷ୍ଠ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ବୋର୍ଡ ଆଞ୍ଚଳିକ ଉପଦେଷ୍ଟା କମିଟିର ସଦସ୍ୟ ଉମା ଶଙ୍କର ସାହୁ ଏବଂ ସତ୍ୟରଞ୍ଜନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବ ଶଙ୍କର ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଯୁବକ ମାନଙ୍କୁ ଯୋଗର ବିଭିନ୍ନ ମୁଦ୍ରା ପ୍ରଦର୍ଶନ ପୂର୍ବକ ଏହାର ଆବଶ୍ୟକତା ଓ ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**କୁତ୍ରା, ୨୧।୬ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରତୋଲା ଗ୍ରାମରେ ସାପ କାମୁଡ଼ାରେ ଜନୈକ ବୃଦ୍ଧାଙ୍କ ମୃତ୍ୟୁ । ମୃତକ ହେଲେ ହେମବତି ବାଙ୍କରା (୭୩)। ପ୍ରକାଶ ଯେ, ଗତ କାଲି ରାତିରେ ହେମବତି ରାତ୍ରୀ ଭୋଜନ କରି ଶୋଇଥିଲେ। ହେଲେ ଆଜି ସକାଳେ ବିଳମ୍ବିତ ପର୍ଯ୍ୟନ୍ତ ନ ଉଠିବାରୁ ପରିବାର ଲୋକେ ଉଠିବା ପରେ ମଧ୍ୟ ସେ ଉଠିନଥିଲେ। ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏପରିକି ଘର ଅଗଣାରେ ଏକ ଚିତି ସାପ ଦେଖାଯାଇଥିବା ନେଇ ହେମବତିଙ୍କ ପୁଅ କହିଛନ୍ତି। ଡାକ୍ତର ମଧ୍ୟ ତାଙ୍କର ମୃତ୍ୟୁ ସାପ କାମୁଡ଼ାରେ ହୋଇଥିବା ସନ୍ଦେହ ପ୍ରକାଶ କରିବା ସହ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ।

## ଟାଟା ଷ୍ଟିଲ୍ ଯୋଡ଼ାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

● ୩୦୦ ରୁ ଉର୍ଦ୍ଧ୍ୱ ଯୋଗ ଉତ୍ସାହି ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗାଭ୍ୟାସ




**ଯୋଡା, ୨୧।୬(ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ଯୋଡା ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି ଓ ସାରା ଦେଶରେ ଏହି ଦିବସ ଟି କୁ ଅତ୍ୟନ୍ତ ଉତ୍ସାହ ର ପାଳିତ ହୋଇଥିବା ବେଳେ, ପ୍ରତ୍ୟେକ ବ୍ୟକ୍ତି ଙ୍କ ନିକଟରେ ଯୋଗାଭ୍ୟାସ ର ଉପକାରିତା ପହଞ୍ଚଓଇବା ଓ ସଚେତନତା ସୃଷ୍ଟି କରିବା ପାଇଁ ଏହାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ପୁଖରାଜ ନେନିୱାଲ୍, କଣ୍ଟ୍ରୋଲର ଅଫ୍ ମାଇନ୍ସ, (ଇଷ୍ଟ ଜୋନ୍), ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ, ଭାରତ ସରକାର ଟାଟା ଷ୍ଟିଲ ର କର୍ମଚାରୀ ଏବଂ ଅଫିସର ମାନଙ୍କ ସହ ଯୋଗାଭ୍ୟାସ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ମହା ପ୍ରବନ୍ଧକ (ଓ ଏମ୍ କ୍ୟୁ) ଶ୍ରୀ ଅତୁଲ କୁମାର ଭଟ୍ଟନାଗର, ଚିଫ ଯୋଡା, ରାଜେଶ କୁମାର, ଖଣ୍ଡବନ୍ଧ ଚିଫ ଜି ଭି ସତ୍ୟ ନାରାୟଣ, କଲମଙ୍ଗ ଏବଂ ଗନ୍ଧଲପଦା ଚିଫ ଦୀପକ ବେହେରା, ନୀଳାଚଳ ଖଣି ଚିଫ ରାହୁଲ କିଶୋର, ଫେରୋ ମାଙ୍ଗାନିଜ ଡିଭିଜନ ଚିଫ ଶମ୍ଭୁ ନାଥ ଝା ଏବଂ ସମସ୍ତ ବିଭାଗ ର ମୁଖ୍ୟ ମାନେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ । ଦୁଇ ଜଣ ସ୍ୱୀକୃତିପ୍ରାପ୍ତ ଯୋଗ ପ୍ରଶିକ୍ଷକ ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିଲା ଯେଉଁଥିରେ ୩୧୦ ଜଣ ଯୋଗ ଉତ୍ସାହି ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଓ ପ୍ରଶିକ୍ଷକ ମାନେ ସମସ୍ତଙ୍କୁ ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟାମ ଅଭ୍ୟାସ କରାଇଥିଲେ । ଶ୍ରୀ ପୁଖରାଜ ନେନିୱାଲ୍ ଯୋଗ ର ଉପକାରିତା ବିଷୟରେ ବୁଝାଇବା ସହ ସମସ୍ତଙ୍କୁ ଏହା ନିତିଦିନ ଅଭ୍ୟାସ କରିବା ପାଇଁ ଉତ୍ସାହିତ କରିଥିଲେ ଓ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଆରମ୍ଭ ପରଠାରୁ, ଯୋଗ କିପରି ଏବେ ଆମର ଦିନଚର୍ଯ୍ୟା ସହ ଯୋଡ଼ି ହୋଇ ଯାଇଛି, ତା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସୁନ୍ଦରଗଡ଼ରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



**ସୁନ୍ଦରଗଡ଼, ୨୧।୬(ସଂଚାର ବ୍ୟୁରୋ):** ଚଳିତ ରଥଯାତ୍ରା ନିମନ୍ତେ ଶନିବାର ସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି, ରାସ୍ତା ମରାମତି ଏବଂ ସଫେଇ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଆଦି ଉପରେ ଆଲୋଚନା କରାଯାଇ ଥିଲା। ସଦର ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଦର ତହସିଲଦାର କୁଳମଣି ରଣବିଡ଼ା, ଏସଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଆଆଇସି ଶ୍ରୀମତୀ ପ୍ରୀତି ମଞ୍ଜରୀ ମେଣ୍ଡୁଲି, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ରାଜବାଟି, ସୁନାରିପଡ଼ା, ମହେଶଡିହି ଏବଂ ଶଙ୍କରା ରଥଯାତ୍ରା କମିଟିର କର୍ମକର୍ତ୍ତା ଏବଂ ସଭ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାକୁ କିଭଳି ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା କରି ହର୍ଷ ଉଲ୍ଲାସର ସହ ପାଳନ କରାଯିବ ତାହା ଉପରେ ଉପଜିଲ୍ଲାପାଳ ଶ୍ରୀ ସରାବୁ ଗୁରୁତ୍ୱାରୋପ କରିଥିଲେ। ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ସମୟରେ ଟ୍ରାଫିକ ପରିଚାଳନା ତଥା ଭିଡ ନିୟନ୍ତ୍ରଣ ନିମନ୍ତେ ଆବଶ୍ୟକୀୟ ପୋଲିସ ମୁତୟନ କରିବା ଉପରେ ଆଲୋଚନା କରାଯାଇଥିଲା। ସେହି ସମୟରେ ଅସାମାଜିକ ଲୋକ ତଥା ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଏବଂ ଦ୍ରୁତ ବେଗରେ ଗାଡ଼ି ଚାଳନା ରୋକିବା ନିମନ୍ତେ ପୋଲିସ ବିଭାଗ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯୁଗ୍ମ ଏନଫର୍ସମେଣ୍ଟ କରାଯିବା ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ରଥ ଯାଉଥିବା ଅଞ୍ଚଳ ମାନଙ୍କରେ ସମସ୍ତ ଡ୍ରେନ ଓ ରାସ୍ତା ଗୁଡିକର ସଫେଇ, ବ୍ଲିଚିଂ ପକାଇବା, ରାସ୍ତାରେ ଇଟା ବାଲି ଆଦି ଗଦା ହୋଇଥିଲେ ତାହାକୁ ମଧ୍ୟ ସଫା କରିବାକୁ ସୁନ୍ଦରଗଡ଼ ପୌରାଞ୍ଚଳକୁ କୁହାଯାଇଥିଲା।

## ଅସହାୟ ଲଡୁ କହଁରଙ୍କୁ ମିଳିଲା ଆବାସ ଗୃହ

**ଫିରିଙ୍ଗିଆ, ୨୧।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସୁମେରୁ ବନ୍ଧ ପଞ୍ଚାୟତ ସାଉଳି ପଡ଼ା ଗାଁର ଲଡୁ କହଁର । ସେ ଜଣେ ଅସହାୟ ଗରିବ ଓ ବାର୍ଦ୍ଧକ୍ୟ । ଗତ ୩ ବର୍ଷ ତଳେ ନିଜ ଘର ଲଗାଣ ବର୍ଷାରେ ଭାଙ୍ଗିଯିବା ପରେ ଦୀର୍ଘ ଦିନ ଧରି ନିଜ ଘରକୁ ମରାମତି କରିବା କିମ୍ବା ନୂତନ ଘର ନିର୍ମାଣ କରିବା ପାଇଁ ଟଙ୍କା ନ ଥିବାରୁ ବହୁ ଅସୁବିଧାରେ ପର ପିଣ୍ଡାରେ ଆଶ୍ରୟ ନେଇଥିଲେ । ନିଜର ସେଭଳି କିଛି ରୋଜଗାର ନ ଥିବାରୁ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବାକୁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଲିଖିତ ଭାବରେ ନିଜର ଦୁଃଖ ଜଣାଇଥିଲେ । ସେ ଯାହା ହେଉନା କାହିଁକି ଦୀର୍ଘ ୩ ବର୍ଷ ବିତିଥିଲେ ମଧ୍ୟ ଶେଷରେ ଲଡୁ କହଁରକୁ ଆବାସ ଯୋଜନାରେ ସାମିଲ କରି ଅନ୍ତୋଦୟ ଆବାସ ଗୃହ ଖଣ୍ଡିଏ ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଛି ।

## ଉଫୁଲା ଗ୍ରାମ ପଞ୍ଚାୟତରେ ବିକାଶ ବାହନ ଯାତ୍ରା

**ସୁବର୍ଣ୍ଣପୁର, ୨୧।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମ ପଞ୍ଚାୟତ ରେ ଆଜି ଦିନ ୧୦ ଘଣ୍ଟା ସମୟରେ ଗ୍ରା.ପ.ର ବିକାଶ ବାହନ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି।ଏହି ଉପଲକ୍ଷେ ସରପଞ୍ଚ ଶ୍ରୀୟା କର୍ମୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ଗ୍ରାମ ପଞ୍ଚାୟତ ର ନିର୍ବାହୀ ଅଧିକାରୀ ମୀତାଞ୍ଜଳି ରଥ ସ୍ୱାଗତ କରିଥିବା ବେଳେ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ସରକାର ଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନାକୁ ସାଧାରଣ ଜନତା ଙ୍କ ନିକଟରେ ପହଞ୍ଚାଇ ସଚେତନତା ସୃଷ୍ଟି କରିବା ଏହି ବିକାଶ ବାହନ ଯାତ୍ରା ର ଲକ୍ଷ।ଏଥିରେ ବିଧାୟକଙ୍କ ଦ୍ୱାରା ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ, ପ୍ରଧାନମନ୍ତ୍ରୀ ବୟୋ ବନ୍ଦନାର କାର୍ଡ ବଣ୍ଟନ କରା ଯାଇଥିଲା। ଗ୍ରାମ ପଞ୍ଚାୟତର ପାଣ୍ଡିଆ ପାଲି ଅମୃତ ସରୋବର ଠାରେ ସକାଳ ୭ଘଣ୍ଟା ସମୟରେ ପଞ୍ଚାୟତ ସ୍ତରୀୟ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଜଗଦୀଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।






# ସ୍ୱାସ୍ଥ୍ୟ




## ଡାକ୍ତରଙ୍କୁ ନପଚାରି ଡ୍ରପ୍ କିଣି କାନରେ କି ନାକରେ ପକାନ୍ତୁ ନାହିଁ

**ବର୍ଷାଋତୁ ଆସୁଛି। ଏହି ସମୟରେ କାନ, ନାକ ଓ ଗଳାରେ କେତେକ ସାଧାରଣ ରୋଗ ଦେଖାଯାଇଥାଏ। ଆସନ୍ତୁ ଜାଣିବା ସେ ନେଇ କ'ଣ କହୁଛନ୍ତି ବିଶେଷଜ୍ଞ ଡାକ୍ତର।**

**➘ କାନ ପାଚେ କାହିଁକି ଏବଂ ଏହାର ଲକ୍ଷଣ ଓ ଚିକିତ୍ସା କ'ଣ?**

କାନରୁ ପୂଯ, ଦୁର୍ଗନ୍ଧଯୁକ୍ତ ପାଣି ବା ଲସା ବାହାରିବା କାନପଚା ରୋଗର ମୁଖ୍ୟ ଲକ୍ଷଣ। କାନ ପାଚିଲେ ଅନେକ ସମୟରେ ଅସହ୍ୟ ଯନ୍ତ୍ରଣା ହୁଏ। ବ୍ୟାକ୍ଟେରିଆ, ଭାଇରସ୍ ଓ ଫଙ୍ଗସ୍ ସଂକ୍ରମଣ ଏହି ରୋଗର ମୁଖ୍ୟ କାରଣ। ଯେତେ ଶୀଘ୍ର ସମ୍ଭବ ନାସା-ଗଳା-କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ କରିବା ଜରୁରି।

**➘ ଗଳା ଦରଜ କାହିଁକି ହୋଇଥାଏ?**

ଗଳାର ଭିତର ପାଖରେ ଟନ୍‌ସିଲାଇଟିସ୍, ଫାରିଞ୍ଜାଇଟିସ୍, ଲାରିଞ୍ଜାଇଟିସ୍, ବ୍ରୋଙ୍କାଇଟିସ୍ ଇତ୍ୟାଦି ରୋଗହେଲେ ତଣ୍ଟି ଦରଜ ହେବା ସହ ଜ୍ୱର ହୋଇଥାଏ। ତଣ୍ଟି ବସିଯାଏ। ଏହିପରି କିଛି ଲକ୍ଷଣ ଦେଖିଲେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ଖାଇବା ଉଚିତ।



ଡାକ୍ତର ଲୋକନାଥ ସାହୁ, ଆସୋସିଏଟ୍ ପ୍ରଫେସର, ଇଏନ୍‌ଟି, ସମ୍ ହସ୍ପିଟାଲ୍, ଭୁବନେଶ୍ୱର

**➘ ବର୍ଷା ଦିନରେ ନାକ ଚୁଣ୍ଟି ହୁଏ ଓ ନାକରୁ ରକ୍ତ ବାହାରେ। ଏଥିରୁ କିପରି ଉପଶମ ପାଇବା?**

ଏ ଗୁଡ଼ିକ ହେଉଛି କ୍ରନିକ ରାଇନାଟିସ୍ ରୋଗର କେତେକ ସାଧାରଣ ଲକ୍ଷଣ। ଏହି ରୋଗର ସାମୂହିକ ଉପଶମ ପାଇଁ ଉଷୁମ ଲୁଣ ପାଣି ପକାଇ ନାକ ଭିତରକୁ ସଫା କରିବା ଏବଂ ନାକ ଚୁଣ୍ଟି ନ ହେବା ପାଇଁ ସାଧାରଣ ନାଜାଲ ଡ୍ରପ୍ ପକାଇବା ଦରକାର। ଜରୁରି ଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଶଲ୍ୟ ଚିକିତ୍ସା ମଧ କରାଯାଇପାରେ।


**➘ ଅନେକ ସମୟରେ ପିଲାମାନଙ୍କର ଥ୍ରୋଟ୍ ଇନ୍‌ଫେକ୍ସନ୍ ହୋଇଥାଏ। ଆମେ ସେମାନଙ୍କୁ ଆଣ୍ଟିବାୟୋଟିକ୍ ଦେଇଥାଉ। ଏଥିରେ ବିପଦ କିଛି ଅଛି କି?**

ଥ୍ରୋଟ୍ ଇନ୍‌ଫେକ୍ସନ୍ ହେଲେ ଆମେ ଗରମ ଲୁଣ ପାଣି ନେଇ ଗଳଗଳ କରିବାକୁ କହିଥାଉ। ସେଥିରେ ନ କମିଲେ ଆଣ୍ଟିବାୟୋଟିକ୍ ଖାଇବାକୁ ଦିଆଯାଏ।ତେବେ ଡାକ୍ତରଙ୍କ ପରାମର୍ଶ ବିନା ପୁଣି ଥରେ ସମାନ ଆଣ୍ଟିବାୟୋଟିକ୍ ଖାଇବା ଅନୁଚିତ।

**➘ ନାସା-ଗଳା-କର୍ଣ୍ଣ ସଂକ୍ରମଣ ଭୋଗୁଥିବା ରୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ବାରମ୍ବାର ନାସା ଓ ଗଳା ସଂକ୍ରମଣ ହେଉଥିଲେ ନାକ ଭିତରକୁ ଲୁଣପାଣିରେ ଧୋଇ ସଫା ରଖନ୍ତୁ। କାନରେ କିଛି ସମସ୍ୟା ହେଲେ ଦୋକାନରୁ ଡ୍ରପ୍‌ସ କିଣି ପକାଇଦେବା କିମ୍ବା ଯନ୍ତ୍ରଣା ନିବାରକ ଔଷଧ ଖାଇବା ଅନୁଚିତ। ବେଳେବେଳେ କାନରେ ଫଙ୍ଗାଲ୍ ଇନ୍‌ଫେକ୍‌ସନ୍ ହୋଇଥାଏ, ସେତେବେଳେ ଜାଣି ନପାରି ଔଷଧ ଖାଇବା ଓ ପକାଇବା ଦ୍ୱାରା ରୋଗୀ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ।

## ମୁଖଗହ୍ୱର ସମସ୍ୟା ହୋଇପାରେ ହୃଦ୍‌ରୋଗର କାରଣ



ପୃଥିବୀର ଲକ୍ଷ ଲକ୍ଷ ଲୋକ ହୃଦ୍‌ରୋଗ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ। ସମସ୍ତେ ଉଚ୍ଚ ରକ୍ତଚାପ, ମଧୁମେହ, ଧୂମପାନ ଭଳି ବିପଦପୂର୍ଣ୍ଣ କାରକ ବିଷୟରେ ଜାଣନ୍ତି। ତେବେ ଏହା ମଧ ଜାଣି ରଖିବା ଉଚିତ ଯେ ମୁଖଗହ୍ୱର ସଂକ୍ରମଣ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଭଲ ମୁଖ ସ୍ୱାସ୍ଥ୍ୟ କେବଳ ଉଜ୍ଜ୍ୱଳ ହସ ବଜାୟ ରଖିବା ଲାଗି ଉପାଦେୟ ନୁହେଁ, ଏହା ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟର ଏକ ପ୍ରମୁଖ ଉପାଦାନ ମଧ।

ଆମ ପାଟିରେ ଅନେକ ଜୀବାଣୁ ଥାଆନ୍ତି, କିନ୍ତୁ ଅଧିକାଂଶ କ୍ଷତିକାରକ ନୁହନ୍ତି। ସାଧାରଣତଃ ଶରୀରର ପ୍ରାକୃତିକ ପ୍ରତିରକ୍ଷା ଏବଂ ଉତ୍ତମ ମୁଖ ଯତ୍ନ ଅଭ୍ୟାସ ଜୀବାଣୁଙ୍କୁ ନିୟନ୍ତ୍ରଣରେ ରଖେ। ହେଲେ ଉପଯୁକ୍ତ ପରିଚ୍ଛନ୍ନତା ବିନା, ଜୀବାଣୁ ମୁଖ ସଂକ୍ରମଣର କାରଣ ହୋଇପାରେ। ପେରିଓଡଣ୍ଟାଇଟିସ୍ ବା ମାଢ଼ି ରୋଗ ଏକ ଦୀର୍ଘକାଳୀନ ସଂକ୍ରମଣ ଯାହା ଦାନ୍ତକୁ ଧରି ରଖିଥିବା ମାଢ଼ି ଓ ହାଡ଼କୁ କ୍ଷତି ପହଞ୍ଚାଏ। ପେରିଓଡଣ୍ଟାଇଟିସ୍ ହୃଦ୍‌ରୋଗର ବିପଦ ବୃଦ୍ଧି ସହିତ ଜଡ଼ିତ। ମାଢ଼ି ରୋଗର ଜୀବାଣୁ ରକ୍ତ ପ୍ରବାହରେ ପ୍ରବେଶ କରି କରୋନାରି ଧମନୀରେ ପ୍ଲାକ୍ (ଚର୍ବି, କୋଲେଷ୍ଟେରଲ୍, କ୍ୟାଲସିଅମ୍) ଜମା କରିବା ଦ୍ୱାରା ରକ୍ତ ପ୍ରବାହ ହ୍ରାସ ପାଏ ଏବଂ ଅମ୍ଳଜାନ ଓ ପୋଷକତତ୍ତ୍ୱର ପରିମାଣ ସୀମିତ ହୋଇ ହୃଦ୍‌ଘାତର କାରଣ ହୁଏ। ମାଢ଼ି ରୋଗର ଜୀବାଣୁ ହୃତ୍‌ପିଣ୍ଡ ମଧକୁ ଯାଇ ପ୍ରଦାହ ସୃଷ୍ଟି କରେ, ଯାହା ଆଥେରୋସ୍କ୍ଲେରୋସିସ୍, ଏଣ୍ଡୋକାର୍ଡାଇଟିସ୍ ଓ ଷ୍ଟ୍ରୋକ୍ ସୃଷ୍ଟି କରିପାରେ। ଯଦି ଚିକିତ୍ସା ନ କରାଯାଏ ତେବେ ଏହି ଜୀବାଣୁ ଶରୀରର ଅନ୍ୟାନ୍ୟ ଅଂଶକୁ ସଂକ୍ରମିତ କରିପାରେ।

ପ୍ରଦାହ ଉଭୟ ମାଢ଼ି ରୋଗ ଓ ହୃଦ୍‌ରୋଗର ମୁଖ୍ୟ କାରଣ। ମୁଖ ଜୀବାଣୁ ରକ୍ତ ପ୍ରବାହରେ ପହଞ୍ଚି ରକ୍ତବାହୀ ନଳୀରେ ପ୍ରଦାହର କାରଣ ହୋଇପାରନ୍ତି, ଯାହା ଫଳରେ ଧମନୀଗୁଡ଼ିକ କଠିନ ଓ ସଂକୁଚିତ ହୋଇଯାଏ। ଆଥେରୋସ୍କ୍ଲେରୋସିସ୍ ନାମକ ଏହି ଅବସ୍ଥା ହୃଦ୍‌ଘାତ ଓ ଷ୍ଟ୍ରୋକର ବିପଦକୁ ବୃଦ୍ଧି କରେ। ସଂକ୍ରମଣଶୀଳ ଏଣ୍ଡୋକାର୍ଡାଇଟିସ୍ ଏକ ଗମ୍ଭୀର ଅବସ୍ଥା ଯେଉଁଥିରେ ପାଟି ଓ ଶରୀରର ଅନ୍ୟାନ୍ୟ ଅଂଶରୁ ଜୀବାଣୁ ହୃତ୍‌ପିଣ୍ଡର ଭିତର ଆବରଣକୁ ସଂକ୍ରମିତ କରନ୍ତି। ଜନ୍ମଗତ ହୃଦ୍‌ରୋଗ, ଭାଲଭ୍ୟୁଲାର ହୃଦ୍‌ରୋଗ କିମ୍ବା କୃତ୍ରିମ ହୃତ୍‌ପିଣ୍ଡ ଭଲ୍‌ଭ ଥିବା ଲୋକମାନେ ଏହାର ବିପଦରେ ଥାଆନ୍ତି।

ତେଣୁ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟକୁ ସମର୍ଥନ କରିବା ପାଇଁ ମୁଖଗହ୍ୱର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଜରୁରି। ଏଥିପାଇଁ ଫ୍ଲୋରାଇଡ୍ ଟୁଥପେଷ୍ଟ ବ୍ୟବହାର କରି ନରମ ବ୍ରସ୍‌ରେ ଦିନକୁ ଅତି କମ୍‌ରେ ଦୁଇଥର ଦାନ୍ତ ଘଷନ୍ତୁ। ପ୍ରତିଦିନ ଫ୍ଲସ୍ କରନ୍ତୁ। ଦାନ୍ତ ଘଷିବା ଓ ଫ୍ଲସ୍ କରିବା ପରେ ମାଉଥୱାସ୍ ବ୍ୟବହାର କରନ୍ତୁ। ଜିଭକୁ ସଫା କରିବା ସହିତ ମାଢ଼ିକୁ ଆଙ୍ଗୁଳିରେ ମାଲିସ କରନ୍ତୁ। ମିଠାଯୁକ୍ତ ଖାଦ୍ୟକୁ ସୀମିତ କରନ୍ତୁ। ପ୍ରତି ତିନି ମାସରେ ଟୁଥବ୍ରସ୍ ବଦଳାନ୍ତୁ। ତମାଖୁ ବ୍ୟବହାର ବର୍ଜନ କରନ୍ତୁ।

**ଟାଟା ମେନ୍ ହସପିଟାଲ, ନୂଆମୁଣ୍ଡି, ଝାଡ଼ଖଣ୍ଡ**

## କେଉଁଟି ଅଧିକ ସ୍ୱାସ୍ଥ୍ୟକର




| ଆମ୍ବ (ଏକ କପ୍) | ପୋଷକ ତତ୍ତ୍ୱ | ଆଭୋକାଡୋ (ମଧ୍ୟମ ଆକାର) |
|---|---|---|
| ୧୬୫ | କ୍ୟାଲୋରି | ୧୫୦ |
| ୧.୪ ଗ୍ରାମ୍ | ପୁଷ୍ଟିସାର | ୩ ଗ୍ରାମ୍ |
| ୦.୬ ଗ୍ରାମ୍ | ସ୍ନେହସାର | ୨୨ ଗ୍ରାମ୍ |
| ୨୫ ଗ୍ରାମ୍ | ଶ୍ୱେତସାର | ୧୨.୮ ଗ୍ରାମ୍ |
| ୩ ଗ୍ରାମ୍ | ଫାଇବର | ୧୦ ଗ୍ରାମ୍ |



ଫଳଗୁଡ଼ିକ ପ୍ରାୟତଃ ପୁଷ୍ଟିର ଗନ୍ତାଘର ଭାବରେ ସ୍ୱୀକୃତ। ଭାରତରେ ସବୁଠାରୁ ଲୋକପ୍ରିୟ ଓ ସମାନ କ୍ୟାଲୋରିଯୁକ୍ତ ଫଳ ମଧରେ ଆମ୍ବ ଏବଂ ଆଭୋକାଡୋ ଅନ୍ତର୍ଭୁକ୍ତ। ଏହି ଦୁଇଟି ଫଳର ବିଭିନ୍ନ ଉପାଦାନ ଓ ଉପାଦେୟତା ବିଷୟରେ ଜାଣିବା।

ଏକ କପ୍ ଆମ୍ବରସରେ ପ୍ରାୟ ୪୦ରୁ ୫୦ ଗ୍ରାମ ଫ୍ରୁକ୍ଟୋଜ୍ ଥାଏ, ଯାହା ତୁରନ୍ତ ଶକ୍ତି ପ୍ରଦାନ କରିଥାଏ। ଏହା ଭିଟାମିନ୍ ସି, ଏ, ଇ, କେ ଓ ବି'ରେ ଭରପୂର। ଏଥିରେ ବିଟା-କାରୋଟିନ୍ ଓ ମାଙ୍ଗିଫେରିନ୍ ପରି ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଚର୍ମ ଓ ଆଖି ସ୍ୱାସ୍ଥ୍ୟ ଏବଂ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଭଲ। ଏହାର ପ୍ରଦାହବିରୋଧୀ ଗୁଣ ରହିଛି।

ଅପରପକ୍ଷେ, ଆଭୋକାଡୋ ମନୋଅନ୍‌ସାଚୁରେଟେଡ୍ ଚର୍ବି ପରି ସୁସ୍ଥ ଚର୍ବିରେ ଭରପୂର, ଯାହା ହୃତ୍‌ପିଣ୍ଡ ଓ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ଆମ୍ବ ତୁଳନାରେ ଆଭୋକାଡୋରେ ଅଧିକ ଫାଇବର୍ ଥାଏ, ଯାହା ହଜମ କ୍ରିୟା ଲାଗି ଖୁବ୍ ଉପାଦେୟ। ଆଭୋକାଡୋ ଭିଟାମିନ୍ କେ, ଇ, ସି, ବି୫, ବି୬ ଓ ଫୋଲେଟ୍‌ରେ ମଧ ଭରପୂର। ଏଥିରେ ଲ୍ୟୁଟିନ୍ ଓ ଜିଆକ୍ସାଥିନ୍ ପରି ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଆଖି ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଏଥିରେ ଚିନିର ମାତ୍ରା ଖୁବ୍ କମ୍।

## ମସ୍ତିଷ୍କ ଉପରେ ଡିହାଇଡ୍ରେସନ୍‌ର ପ୍ରଭାବ



ଅଧିକାଂଶ ଲୋକ ଶୋଷ ଲାଗିବା, ମୁଣ୍ଡ ବୁଲାଇବା କିମ୍ବା ପାଟି ଶୁଖିଯିବା ଭଳି ଶାରୀରିକ ଲକ୍ଷଣ ସହିତ ଡିହାଇଡ୍ରେସନ୍ ବା ଜଳଶୂନ୍ୟତାକୁ ଯୋଡ଼ନ୍ତି, କିନ୍ତୁ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବକୁ ଅଣଦେଖା କରାଯାଏ।

ଡିହାଇଡ୍ରେସନ୍ ସିଧାସଳଖ ଧ୍ୟାନ, ସ୍ମୃତି ଓ କାର୍ଯ୍ୟଦକ୍ଷତା ସମେତ ପ୍ରମୁଖ ଜ୍ଞାନାତ୍ମକ କ୍ଷେତ୍ରଗୁଡ଼ିକୁ ପ୍ରଭାବିତ କରେ। ଏକ ଅଧ୍ୟୟନ ଅନୁଯାୟୀ, ଶରୀରର ଜଳ ପରିମାଣ ୧-୨% ହ୍ରାସ ପାଇଲେ ବି ଜ୍ଞାନାତ୍ମକ କାର୍ଯ୍ୟଦକ୍ଷତାରେ ଉଲ୍ଲେଖନୀୟ ହ୍ରାସ ଘଟିପାରେ। ମନୋଭାବ, ସତର୍କତା ଓ ଜ୍ଞାନକୁ ପ୍ରଭାବିତ କରୁଥିବା ସେରୋଟୋନିନ୍ ଓ ଡୋପାମିନ୍ ଭଳି ରାସାୟନିକ ବାର୍ତ୍ତାବାହକ ବା ନ୍ୟୁରୋଟ୍ରାନ୍‌ସମିଟର୍‌ର ଉତ୍ପାଦନ ଏବଂ କାର୍ଯ୍ୟରେ ଜଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେହିପରି ଡିହାଇଡ୍ରେଟେଡ୍ ହେଲେ ମସ୍ତିଷ୍କକୁ ଦୈନନ୍ଦିନ ମାନସିକ କାର୍ଯ୍ୟ କରିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ, ଫଳରେ ମାନସିକ କ୍ଳାନ୍ତି ବୃଦ୍ଧି ପାଏ। ଏହି ଅତିରିକ୍ତ ଚାପ, ଥକ୍କାପଣ, ଉତ୍ପାଦକତା ହ୍ରାସ ଓ ପ୍ରେରଣା ହ୍ରାସର କାରଣ ହୋଇପାରେ। ଯେତେବେଳେ ଶରୀରରେ ପର୍ଯ୍ୟାପ୍ତ ତରଳ ପଦାର୍ଥର ଅଭାବ ଥାଏ, ସେତେବେଳେ ଚିନ୍ତା, ଚିଡ଼ିଚିଡ଼ା ଏବଂ ଅବସାଦର

## ଜଟିଳତାରୁ ମୁକ୍ତ ନୁହେଁ ଲାସିକ୍



ଲାସିକ୍ (ଲେଜର ଆସିଷ୍ଟେଡ୍ ଇନ୍ ସିଟୁ କିରାଟୋମିଲ୍ୟୁସିସ୍) ହେଉଛି ଏକ ଅତ୍ୟାଧୁନିକ ଚକ୍ଷୁ ଅସ୍ତ୍ରୋପଚାର ପ୍ରଣାଳୀ। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ଚଷମା କିମ୍ବା କଣ୍ଟାକ୍ଟ ଲେନ୍ସ ବିନା ସ୍ପଷ୍ଟ ଦୃଷ୍ଟିଶକ୍ତି ହାସଲ କରିବାରେ ସାହାଯ୍ୟ କରିଆସିଛି। ଏହାକୁ ପ୍ରାୟତଃ ନିରାପଦ ଓ ପ୍ରଭାବଶାଳୀ ବିବେଚନା କରାଯାଏ। ତଥାପି ଯେ କୌଣସି ଚିକିତ୍ସା ପ୍ରକ୍ରିୟା ପରି ଲାସିକ୍ ବିପଦମୁକ୍ତ ନୁହେଁ। ଆଶ୍ଚର୍ଯ୍ୟଜନକ କଥା ହେଲା, ୧୯୮୦ ଦଶକରେ ଲାସିକ୍ କୌଶଳର ପ୍ରବର୍ତ୍ତକ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଘୋଲାମ୍ ଏ. ପେମ୍ୟାନ୍ କିନ୍ତୁ ନିଜର ଦୃଷ୍ଟିଦୋଷ ଦୂର ପାଇଁ ଲାସିକ୍ ଅସ୍ତ୍ରୋପଚାର କରିନାହାନ୍ତି। ଏ ପରିପ୍ରେକ୍ଷୀରେ ଲାସିକ୍ ଅସ୍ତ୍ରୋପଚାରର ସମ୍ଭାବ୍ୟ ଜଟିଳତା ବାବଦରେ ଆଲୋଚନା କରିବା। ସାଧାରଣତଃ ମାୟୋପିଆ, ହାଇପରୋପିଆ ଓ ଆଷ୍ଟିଗ୍ମାଟିଜିମ୍ ଭଳି ଦୃଷ୍ଟିଦୋଷ ଦୂର କରିବା ପାଇଁ ଲେଜର ବ୍ୟବହାର କରି କର୍ନିଆର ଆକାର ସଂଶୋଧନ କରାଯାଇଥାଏ। ଏଥିରେ ଅଧିକାଂଶ ରୋଗୀ ୨୦/୨୫ ପ୍ରତିଶତ କିମ୍ବା ତା'ଠାରୁ ଭଲ ଦୃଷ୍ଟିଶକ୍ତି ହାସଲ କରନ୍ତି। ତେବେ ଅଳ୍ପ ରୋଗୀଙ୍କ ଠାରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ପରିଲକ୍ଷିତ ହୋଇଥାଏ। ଏହା ସ୍ଥାୟୀ ହୋଇପାରେ କିମ୍ବା ଜୀବନର ଗୁଣବତ୍ତା ଉପରେ ଗମ୍ଭୀର ପ୍ରଭାବ ପକାଇପାରେ।

ଲାସିକ୍ ଅସ୍ତ୍ରୋପଚାର ପରବର୍ତ୍ତୀ ସବୁଠାରୁ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ଦୀର୍ଘକାଳୀନ ଶୁଷ୍କ ଆଖି। ଏହି ପ୍ରକ୍ରିୟା ଲୁହ କ୍ଷରଣ କରୁଥିବା କର୍ଣ୍ଣିଆଲ୍ ସ୍ନାୟୁକୁ ପ୍ରଭାବିତ କରେ। ଫଳରେ ବେଳେ ବେଳେ ଅସ୍ୱସ୍ତିକର ଅନୁଭବ ହୋଇପାରେ ଏବଂ ଆଖିକୁ ଝାପ୍‌ସା ଦିଶିପାରେ। ଅସ୍ତ୍ରୋପଚାର ପରେ କିଛି ବ୍ୟକ୍ତି ବିଶେଷ କରି ରାତିରେ ଆଖି ଝଲସିଯିବା, ତାରା ଆକାରର ଆଲୁଅ ଦିଶିବା ଭଳି ଲକ୍ଷଣ ଅନୁଭବ କରନ୍ତି। ଏହା ରାତିରେ ଗାଡ଼ି ଚଳାଇବା କିମ୍ବା କମ୍ ଆଲୁଅରେ ଦିଗ ନିର୍ଣ୍ଣୟ କରିବାରେ ସମସ୍ୟା ସୃଷ୍ଟି କରିପାରେ।

**୧୯୮୦ ଦଶକରେ ଲାସିକ୍ କୌଶଳର ପ୍ରବର୍ତ୍ତକ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଘୋଲାମ ଏ. ପେମ୍ୟାନ୍ ନିଜର ଦୃଷ୍ଟିଦୋଷ ଦୂର ପାଇଁ ଲାସିକ୍ ଅସ୍ତ୍ରୋପଚାର କରିନାହାନ୍ତି ଏବଂ ଏବେ ବି ଚଷମା ପିନ୍ଧନ୍ତି!**


କେତେକ କ୍ଷେତ୍ରରେ ଲେଜର ଆବଶ୍ୟକତା ଠାରୁ କମ୍ ବା ଅଧିକ ଟିସୁ ବାହାର କରିଦେଇଥାଏ, ଫଳରେ ଲାସିକ୍ ଅସ୍ତ୍ରୋପଚାର ପରେ ମଧ୍ୟ ପୁଣି ଥରେ ଅସ୍ତ୍ରୋପଚାର କରିବାକୁ କିମ୍ବା ଚଷମା ପିନ୍ଧିବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ଆଖି ଧୀରେ ଧୀରେ ମୂଳ ତ୍ରୁଟିକୁ ଫେରିଯାଏ। ବୟସ, ହରମୋନ୍ ପରିବର୍ତ୍ତନ କିମ୍ବା ଅନ୍ୟ ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଏପରି ହୋଇପାରେ। ଅସ୍ତ୍ରୋପଚାର ପରେ କର୍ଣ୍ଣିଆଲ୍ ଏକ୍ଟାସିଆ ପରି ଏକ ବିରଳ କିନ୍ତୁ ଗମ୍ଭୀର ଅବସ୍ଥା ଦେଖାଦେଇପାରେ, ଯେଉଁଥିରେ କର୍ନିଆ ଫୁଲିଯାଏ ଓ ଦୁର୍ବଳ ହୋଇଯାଏ। ଏହା କ୍ରମେ ଦୃଷ୍ଟିଶକ୍ତି ହ୍ରାସ କରିପାରେ ଏବଂ କର୍ନିଆ ପ୍ରତିରୋପଣ ଆବଶ୍ୟକ ହୋଇପାରେ।

## ଗୋଟିଏ କିଡ୍‌ନି ସହ ଜୀବନ

ଗୋଟିଏ କିଡ୍‌ନି ସାହାଯ୍ୟରେ ମଧ୍ୟ ସମ୍ପୂର୍ଣ୍ଣ ସ୍ୱାଭାବିକ ତଥା ସୁସ୍ଥ ଜୀବନଯାପନ କରିହେବ। ବାସ୍ତବରେ କିଛି ଲୋକ ଗୋଟିଏ କିଡ୍‌ନି ସହିତ ଜନ୍ମ ହୋଇଥାନ୍ତି ତ କିଛି ଲୋକ ପ୍ରିୟଜନଙ୍କୁ ଗୋଟିଏ ଦାନ କରିଥା'ନ୍ତି ଏବଂ କେତେକଙ୍କ ଠାରେ ଅସୁସ୍ଥତା କିମ୍ବା ଆଘାତ ଯୋଗୁଁ ଗୋଟିଏ କିଡ୍‌ନି କାଢ଼ି ଦିଆଯାଇଥାଏ।


ଏକ ସାଧାରଣ କିଡ୍‌ନିରେ ନେଫ୍ରନ୍ ନାମକ ପ୍ରାୟ ଦଶ ଲକ୍ଷ ପରିସ୍ରାବକ ବା ଫିଲ୍‌ଟରିଂ ୟୁନିଟ୍ ଥାଏ। ଯେତେବେଳେ ଗୋଟିଏ କିଡ୍‌ନି କୌଣସି କାରଣରୁ ଅନୁପସ୍ଥିତ ଥାଏ, ଅନ୍ୟ କିଡ୍‌ନିଟି କାର୍ଯ୍ୟକ୍ଷମତା ବଢ଼ାଇଦିଏ। ଏହା କୌଣସି ବିଶେଷ ସହାୟତା ବିନା ଫିଲ୍‌ଟର କରିବା, ତରଳ ଓ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ କରିବା ଏବଂ ରକ୍ତଚାପ ନିୟନ୍ତ୍ରଣ କରିବା ଆଦି କାମ କରିଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଯେ ନିୟମିତ ମନିଟରିଂ ଏବଂ ସୁସ୍ଥ ଜୀବନଶୈଳୀ ସହିତ, ଗୋଟିଏ କିଡ୍‌ନିଧାରୀଙ୍କ ଆୟୁଷ ଦୁଇଟି କିଡ୍‌ନି ଥିବା ଲୋକଙ୍କ ତୁଳନାରେ ଅଧିକ ହୋଇପାରେ। ତେବେ ଗୋଟିଏ ବୃକ୍‌କ ସହିତ ବଞ୍ଚିବା ପାଇଁ କିଛି ଜରୁରୀ ସତର୍କତା ଅବଲମ୍ବନ କରିବା ବାଞ୍ଛନୀୟ।

ଗୋଟିଏ ବୃକ୍‌କଧାରୀ ବ୍ୟକ୍ତି ଅତ୍ୟଧିକ ତରଳ ପଦାର୍ଥ ସେବନ କରିବା ଠିକ୍ ନୁହେଁ। ପ୍ରତ୍ୟହ ମୋଟାମୋଟି ୨ରୁ ୩ ଲିଟର ଯଥେଷ୍ଟ। ସେହିପରି ନିଜର ରକ୍ତଚାପ, ରକ୍ତ ଶର୍କରା ଓ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣରେ ରଖିବା ଦରକାର। ଅଯଥାରେ ଯନ୍ତ୍ରଣା ନିବାରକ, ବିଶେଷକରି ଇବୁପ୍ରୋଫେନ୍ ଓ ଡାଇକ୍ଲୋଫେନାକ୍ ପରି ଔଷଧ ଠାରୁ ଦୂରେଇ ଦେବାକୁ ହେବ। କୌଣସି ପ୍ରକାର ଚେରମୂଳି ଔଷଧ ଏବଂ ପରିପୂରକ ଔଷଧଗୁଡ଼ିକୁ ତ୍ୟାଗ କରିବା ଦରକାର। ଏଥି ସହିତ ନିୟମିତ ବୃକ୍‌କର ସକ୍ରିୟତା ପରୀକ୍ଷା କରିବା ଜରୁରି। ଗୋଟିଏ ବୃକ୍‌କ ଥିବା ଅଧିକାଂଶ ଲୋକଙ୍କ ପାଇଁ କୌଣସି ବିଶେଷ ଖାଦ୍ୟର ଆବଶ୍ୟକତା ନାହିଁ। ଗୋଟିଏ ବୃକ୍‌କ ସହିତ ଜନ୍ମିତ ଶିଶୁମାନେ ପ୍ରାୟତଃ କୌଣସି ଜଟିଳତା ବିନା ବଡ଼ ହୁଅନ୍ତି ଏବଂ ସମ୍ପୂର୍ଣ୍ଣ ସାଧାରଣ ଜୀବନଯାପନ କରନ୍ତି। ଖେଳାଳି, ସୈନିକ ଓ ସବୁ କ୍ଷେତ୍ରର ପେସାଦାରମାନେ କେବଳ ଗୋଟିଏ ବୃକ୍‌କ ସହିତ ସମ୍ପୂର୍ଣ୍ଣ ସ୍ୱାଭାବିକ ଭାବରେ କାର୍ଯ୍ୟ କରିପାରିବେ।



## ଆଜ୍‌ମା ନେଇ ଭ୍ରାନ୍ତି

ଆଜ୍‌ମା ଏକ ଦୀର୍ଘକାଳୀନ ଶ୍ୱାସକ୍ରିୟା ଅବସ୍ଥା ଯାହା ଶ୍ୱାସନଳୀରେ ପ୍ରଦାହ ସୃଷ୍ଟି କରି ତାହାକୁ ସଂକୁଚିତ କରିଦେଇଥାଏ, ଯଦ୍ୱାରା କାଶ ଓ ଶ୍ୱାସକ୍ରିୟାରେ କଷ୍ଟ ଭଳି ଲକ୍ଷଣ ଦେଖାଯାଏ। ଔଷଧ ଦ୍ୱାରା ଏହାର ପରିଚାଳନା ସମ୍ଭବ। ଭାରତରେ ୩୪ ନିୟୁତରୁ ଅଧିକ ଲୋକ ଆଜ୍‌ମାରେ ପୀଡ଼ିତ। ତେବେ ବିଭିନ୍ନ ମିଥ୍ୟା ଓ ଭୁଲ୍ ଧାରଣା ସମୟୋଚିତ ରୋଗ ନିରୂପଣ ଓ ଚିକିତ୍ସାରେ ବାଧା ସୃଷ୍ଟି କରେ। ଆଜ୍‌ମା ବାବଦରେ ରହିଥିବା ସେଭଳି କିଛି ଭ୍ରାନ୍ତି ବିଷୟରେ ଜାଣିବା।



- ଆଜ୍‌ମା କେବଳ ଛୋଟ ପିଲାଙ୍କୁ ହୁଏ ବୋଲି ରହିଥିବା ଧାରଣା ଭୁଲ୍। ଏହା ଯେକୌଣସି ବୟସରେ ବିକଶିତ ହୋଇପାରେ।
- ଆଜ୍‌ମା ନିବାରକ ଇନ୍‌ହେଲରଗୁଡ଼ିକ କ୍ଷତିକାରକ କିମ୍ବା ନିଶା ସୃଷ୍ଟିକାରୀ ବୋଲି ରହିଥିବା ଧାରଣାକୁ ବିଶେଷଜ୍ଞ ଡାକ୍ତରମାନେ ଭୁଲ୍ ବୋଲି କହନ୍ତି।
- ଏହା ଏକ ମାନସିକ ଅବସ୍ଥା ବୋଲି ଭାବିବା ମଧ ଠିକ୍ ନୁହେଁ। ଏହା ଫୁସ୍‌ଫୁସ୍‌ର ଏକ ଦୀର୍ଘକାଳୀନ ପ୍ରଦାହ ରୋଗ।
- ଆଜ୍‌ମା ପୀଡ଼ିତମାନେ ଶାରୀରିକ କାର୍ଯ୍ୟକଳାପ କରିବା ଅନୁଚିତ ବୋଲି ରହିଥିବା ଧାରଣା ମଧ ଭୁଲ୍। ଆଜ୍‌ମା ପରିଚାଳନା ଯୋଜନା ଅନୁଯାୟୀ ବ୍ୟାୟାମ କରିବା ଲାଭଦାୟକ। ଫୁଟ୍‌ବଲ୍ ଖେଳାଳି ଡେଭିଡ୍ ବେକହାମ୍ ଆଜ୍‌ମା ପୀଡ଼ିତ ହୋଇ ବି କ୍ରୀଡ଼ାକ୍ଷେତ୍ରରେ ବେଶ୍ ସଫଳ ହୋଇଥିଲେ।
- ଆଜ୍‌ମା ସଂକ୍ରାମକ ରୋଗ ବୋଲି ଭାବିବା ଠିକ୍ ନୁହେଁ। ଏହା ବ୍ୟକ୍ତିଠାରୁ ବ୍ୟକ୍ତିକୁ ସଂକ୍ରମିତ ହୁଏ ନାହିଁ।

## ଆୟୁର୍ବେଦରେ ଅର୍ଶର ସଫଳ ଚିକିତ୍ସା ରହିଛି

**➘ ଅର୍ଶ ହେବାର କାରଣ କ'ଣ?**

ମଳଦ୍ୱାରରେ ଅତ୍ୟଧିକ ଚାପ ସୃଷ୍ଟି ହେବା ଦ୍ୱାରା ଅର୍ଶ ବା ପାଇଲ୍‌ସ ହୋଇଥାଏ। ଏହାର କେତେକ କାରଣ ହେଲା- କୋଷ୍ଠକାଠିନ୍ୟ, ପାଣି କମ୍ ପିଇବା, ତନ୍ତୁଜାତୀୟ ଖାଦ୍ୟ କମ୍ ଖାଇବା, ମାଛ ମାଂସ ନିୟମିତ ଖାଇବା, ଚିପ୍ସ୍ ଓ ଛେନାଜାତୀୟ ଖାଦ୍ୟ ନିୟମିତ ଅଧିକ ପରିମାଣରେ ଖାଇବା। ସେହିପରି ଗର୍ଭଧାରଣ ସମୟରେ ମଧ କୋଷ୍ଠକାଠିନ୍ୟ ଯୋଗୁଁ ଅର୍ଶ ସମସ୍ୟା ଦେଖାଯାଏ।



ଡାକ୍ତର ବାସୁଦେବ ପ୍ରଧାନ, ବରିଷ୍ଠ ଆୟୁର୍ବେଦିକ ବିଶେଷଜ୍ଞ, ଭୁବନେଶ୍ୱର

**➘ କେତେ ପ୍ରକାରର ଅର୍ଶ ହୋଇଥାଏ?**

ବ୍ଲିଡିଙ୍ଗ୍ ଓ ନନ୍ ବ୍ଲିଡିଙ୍ଗ୍ ପାଇଲ୍‌ସ ଏବଂ ଇଣ୍ଟରନାଲ୍ ଏବଂ ଏକ୍ସଟର୍‌ନାଲ୍ ପାଇଲ୍‌ସ; ଅର୍ଥାତ୍ ରକ୍ତାର୍ଶ, ଶୁଷ୍କାର୍ଶ ଏବଂ ଅଭ୍ୟନ୍ତରୀଣ ଓ ବାହ୍ୟ ଅର୍ଶ।

**➘ ଅର୍ଶର ଲକ୍ଷଣ କ'ଣ?**

ମଳଦ୍ୱାରରେ ଯନ୍ତ୍ରଣା ହେବା, ମଳଦ୍ୱାରରେ କଷ୍ଟ ଅନୁଭବ ହେବା, ରକ୍ତସ୍ରାବ ଯୋଗୁଁ ଦୁର୍ବଳ ଲାଗିବା, ଅଧିକାଂଶ ସମୟ କୁଣ୍ଡାଇହେବା।

**➘ ଏହାର କିପରି ଚିକିତ୍ସା କରାଯିବା ଉଚିତ?**

ଏଥିପାଇଁ ସଫଳ ଆୟୁର୍ବେଦୀୟ ଚିକିତ୍ସା ରହିଛି। ଏହା ଦୁଇପ୍ରକାର- ଔଷଧ ଚିକିତ୍ସା ଏବଂ କ୍ଷାରସୂତ୍ର ଚିକିତ୍ସା।

**➘ ଅର୍ଶର ପ୍ରତିଷେଧକ ଉପାୟ କ'ଣ?**

ମୁଖ୍ୟତଃ ଖାଦ୍ୟ ନିୟନ୍ତ୍ରଣ। ମାଛ ମାଂସ ନଖାଇ ଅଣ୍ଡା ଖାଇବା ଉଚିତ। ଅମୃତଭଣ୍ଡା, ପୋଟଳ, ଛଚିନ୍ଦ୍ରା, ଜହ୍ନି, ଓଲୁଅ, ବ୍ରୋକଲି, ଶାଗ ଭଳି ସବୁଜ ପନିପରିବା ଏବଂ ଉଷୁମ କ୍ଷୀର, ଉଷୁମ ପାଣି, ଦହି, ଉଷୁନା ଭାତ ଖାଇବା ଉପକାରୀ ହୋଇଥାଏ। ପାଚିଲା କଦଳୀ, ସେଓ ଓ ଅଙ୍ଗୁର ଉପକାରୀ ହୋଇଥାଏ। ମଦ୍ୟପାନ ଓ ତେଲମସଲା ଯୁକ୍ତ ଖାଦ୍ୟ ଅର୍ଶ କରିପାରେ। ନିୟମିତ ପାଣି ଅଧିକ ପିଇବା ଖୁବ୍ ଉପଯୋଗୀ ହୋଇଥାଏ।

